READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୨ ସଂଖ୍ୟା-୪୮ ୧୦ - ୧୬ ଡିସେମ୍ବର, ୨୦୧୮ ଭୁବନେଶ୍ୱର Monday Weekly VOL-2 ISSUE-48 10th - 16th DECEMBER, 2018 BHUBANESWAR ₹ 5/- (8 Pages)

### କଳାହାଣ୍ଡି-ଆଉ ନାହିଁ ଭୋକର ଭୂଗୋଳ

# ନ୍ୟାୟ ପାଇଁ ଲୋକ କିନ୍ତୁ ଡହଳ ବିକଳ

**ତାରକ ମହାନ୍ତି**

**ଭୁବନେଶ୍ୱର/ଭବାନୀପାଟଣା :** ବର୍ଷବର୍ଷ ଧରି କଳାହାଣ୍ଡି ଜିଲ୍ଲାକୁ ଭୋକର ଭୂଗୋଳ କୁହାଯାଉଥିଲା। ଏବେ କିନ୍ତୁ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି। ଓଡ଼ିଶା ବିକାଶ ମାନଚିତ୍ରରେ ଏହି ଜିଲ୍ଲା ଏବେ ଶସ୍ୟ ଶ୍ୟାମଳା ହେବା ସହ ଆଧୁନିକତାର ପରିଚୟ ଢ଼େର ପାଇଛି। ଏଠାରେ ସାମଗ୍ରିକ ଭାବରେ ବହୁତ ବିକାଶ ଘଟିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଜଳସେଚନ କ୍ଷେତ୍ରରେ ଅନେକ ସଫଳତା ମିଳିଛି ଏହି ଜିଲ୍ଲାକୁ। ଭୌଗଳିକ ଦୃଷ୍ଟିକୋଣରୁ ପାହାଡ, ଜଙ୍ଗଲ ଘେରା ପରିବେଶ ମଧ୍ୟରେ ଏହି ଜିଲ୍ଲାଟି ଅତ୍ୟନ୍ତ ମନୋରମ। ଭବାନୀପାଟଣା ସହରଠୁ ଆରମ୍ଭ କରି ମୁଖିଗୁଡା ପର୍ଯ୍ୟନ୍ତ ରାସ୍ତାର ଧାରେ ଧାରେ ଗଲେ ଧାନ କ୍ଷେତର ସୌନ୍ଦର୍ଯ୍ୟ



ଗୁଡିଆ ମାଝୀଙ୍କ ପରିବାର

ନିଶ୍ଚୟ ସମସ୍ତଙ୍କୁ ବିମୋହିତ କରିବ। ଥୁଆମୂଳ-ରାମପୁର ରାସ୍ତାରେ ମଧ କଳା ମଚମଚ ପିଚୁ ରାସ୍ତା ସହିତ ଦୁଇ ପାର୍ଶ୍ୱର ଦୃଶ୍ୟ ସୁନ୍ଦର ଓ ଉପଭୋଗ୍ୟ। ପର୍ଯ୍ୟଟକମାନଙ୍କ ପାଇଁ ଏହି ଅଞ୍ଚଳ ଓ ଜଳବାୟୁ ସମ୍ପୂର୍ଣ୍ଣ ସହାୟକ। ବିକାଶ କ୍ଷେତ୍ରରେ ଦେଖିବାକୁ ଗଲେ କଳାହାଣ୍ଡି ଜିଲ୍ଲା ଆଉ ପଛୁଆ



ଘାସେନ ମାଝୀ



ବିଶ୍ୱନାଥ ବେହେରା

ଭଳି ମନେ ହେଉନାହିଁ। ତେବେ ସଚେତନତା ଅଭାବରୁ ହେଉ କିମ୍ବା ପ୍ରଶାସନିକ ଉଦାସୀନତା ହେଉ କିଛି ଲୋକ ନ୍ୟାୟ ପାଇବାରୁ ବଞ୍ଚିତ ହେଉଥିବା କେତେକ ଘଟଣାରୁ ଜାଣିବାକୁ ମିଳିଲା। ଜିଲ୍ଲାର ଏକ ଦୁର୍ଗମ ଅଞ୍ଚଳ ଥୁ.ରାମପୁର ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତରେ ଗୁଡିଆ ମାଝୀଙ୍କ ଗାଁ। ନିଜ ଜିଲ୍ଲାରେ କର୍ମ ସଂସ୍ଥାନ ନପାଇ ପରିବାର ଚଳାଇବାକୁ ଦାଦନ ଖଟିବା ନିମନ୍ତେ ସୁଦୂର କେରଳ ଯାଇଥିଲେ। ଅଶିକ୍ଷିତ ହେତୁ ସେ ଯେଉଁ ଠାରେ କାର୍ଯ୍ୟ କରୁଥିଲେ ସେଠାରୁ ରାସ୍ତାଘାଟ ଜାଣି ନପାରି ହଠାତ୍ ନିଖୋଜ ହୋଇଗଲେ। ଏପଟେ ଗୁଡିଆଙ୍କ ପତ୍ନୀ ଫୁଲେଇ ମାଝୀ ସ୍ୱାମୀଙ୍କ ସମ୍ପର୍କରେ କୌଣସି ଖବର ନ ପାଇ ଚିନ୍ତାରେ ପଡିଯାଇଥିଲେ। ସ୍ୱାମୀଙ୍କ ନିଖୋଜ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ, ବିଡିଓ ଏବଂ ଜିଲ୍ଲା ପ୍ରଶାସନକୁ ଅବଗତ କରାଇଥିଲେ ବି କେଉଁଠାରୁ କିଛି ସୁଫଳ ମିଳିଲା ନାହିଁ। ଯେଉଁଥିପାଇଁ ସେ ଜିଲ୍ଲାପାଳଙ୍କ ଦପ୍ତର ଆଗରେ ବସି କାନ୍ଦୁଥିଲା ବେଳେ 'ଏକମାତ୍ର'ର ଜିଲ୍ଲା ପ୍ରତିନିଧି ଅନିଲ ପଟ୍ଟନାୟକ ତାଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ ଆରମ୍ଭ ହୋଇଥିଲା ଗୁଡିଆଙ୍କୁ ଖୋଜିବାର ଅଭିଯାନ। ➤ ପୃ-୬

### ମହିଳାଙ୍କ ପାଇଁ ୩୩% ଆସନ ସଂରକ୍ଷଣ

# ଅଭିଯାନ ଆରମ୍ଭ



**ଭୁବନେଶ୍ୱର :** ଗତ ବୁଧବାର ନବୀନ ନିବାସ ଠାରେ ବିଜୁ ଜନତା ଦଳର ରାଜ୍ୟ କାର୍ଯ୍ୟକର୍ତ୍ତାମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମହିଳାମାନଙ୍କ ପାଇଁ ସଂସଦ ଓ ବିଧାନସଭାରେ ୩୩% ସ୍ଥାନ ସଂରକ୍ଷଣ ପାଇଁ ଦଳର ପ୍ରତିନିଧିମାନେ ନିକଟରେ ୭ଟି ଜାତୀୟ ଦଳ ଓ ୧୫ଟି ଆଞ୍ଚଳିକ ଦଳଙ୍କୁ ଭେଟି ସମର୍ଥନ ଲୋଡ଼ିବେ। ପ୍ରକାଶଥାଉକି, ଗତକାଲି ସଂସଦ ଓ ପ୍ରତି ରାଜ୍ୟ ବିଧାନସଭାରେ ➤ ପୃ-୬

## ସବୁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

**ଭୁବନେଶ୍ୱର :** ମହିଳାଙ୍କ ପାଇଁ ବିଧାନସଭା ଓ ସଂସଦରେ ୩୩% ସ୍ଥାନ ସଂରକ୍ଷଣ ପାଇଁ ସମର୍ଥନ ଲୋଡି ଜାତୀୟ ସ୍ତରକୁ ଯାଇଛି ବିଜେଡି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସଂପର୍କରେ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କର ସହାୟତା ଲୋଡ଼ିଛନ୍ତି। ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀ ପଟ୍ଟନାୟକ ଚିଠି ଲେଖିଛନ୍ତି। ବିଧାନସଭାରେ ସଂକଳ୍ପ ପାରିତ କରାଇବା ପରେ ପ୍ରଥମେ ସେ ପ୍ରଧାନମନ୍ତ୍ରୀ ଓ ଏବେ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ସହାୟତା ଲୋଡ଼ିଛନ୍ତି। ମୁଖ୍ୟମନ୍ତ୍ରୀ ଚିଠିରେ ଲେଖିଛନ୍ତି, ଦେଶ ଓ ସମାଜ ଗଠନରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମହିଳାମାନେ ସଶକ୍ତ ହେଲେ ଦେଶ ସଶକ୍ତ ହେବ ଏବଂ ବିକାଶ ପ୍ରକ୍ରିୟା ➤ ପୃ-୬

# ଓଡ଼ିଶାକୁ ମିଳିଲାନି ବାତ୍ୟା ସହାୟତା

**ଭୁବନେଶ୍ୱର :** କେନ୍ଦ୍ର ସରକାର ୩ ରାଜ୍ୟକୁ ବିପର୍ଯ୍ୟୟ ସହାୟତା ପ୍ରଦାନ କରିଛନ୍ତି। ମାତ୍ର ତିତ୍‌ଲି ବାତ୍ୟାରେ କ୍ଷତିଗ୍ରସ୍ତ ଓଡ଼ିଶାକୁ ବିପର୍ଯ୍ୟୟ ସହାୟତା ଏଯାଏ ମିଳିନାହିଁ। ଏ ସମ୍ପର୍କରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂହଙ୍କ ଟ୍ୱିଟ୍‌ରୁ ଜଣାପଡ଼ିଛି। ତେବେ ଓଡ଼ିଶାକୁ ତିତ୍‌ଲି ସହାୟତା ମିଳିବ କି ନାହିଁ, ସେ ସମ୍ପର୍କରେ କିଛି ସ୍ପଷ୍ଟ ହୋଇନାହିଁ। କେନ୍ଦ୍ର ସରକାରଙ୍କ ଉଚ୍ଚସ୍ତରୀୟ କମିଟି (ଏଚ୍‌ଏଲସି) ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି



(ଏନ୍‌ଡିଆରଏଫ୍)ରୁ ୩ ରାଜ୍ୟକୁ ଅତିରିକ୍ତ ସହାୟତାକୁ ମଞ୍ଜୁର କରିଛି। କେରଳ ବନ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ୩୦୪୮.୩୯ କୋଟି ଟଙ୍କା, ନାଗାଲାଣ୍ଡ ପାଇଁ ୧୩୧.୧୬ କୋଟି ଟଙ୍କା ଓ ଆନ୍ଧ୍ର ପ୍ରଦେଶ ପାଇଁ ୫୩୯.୫୨ କୋଟି ଟଙ୍କା ମଞ୍ଜୁର ହୋଇଛି। ମାତ୍ର ଓଡ଼ିଶା ମାଗିଥିବା ୨୭୭୦ କୋଟି ଟଙ୍କା ସହାୟତା ଏ ପର୍ଯ୍ୟନ୍ତ ମିଳିନାହିଁ। ଓଡ଼ିଶାକୁ କେନ୍ଦ୍ରୀୟ ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଅକ୍ଟୋବର ୧୮ରେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ତିତ୍‌ଲି ପ୍ରଭାବିତ ୧୭ ଜିଲ୍ଲାରେ ପୁନରୁଦ୍ଧାର ଓ ବିକାଶମୂଳକ କାର୍ଯ୍ୟ ପାଇଁ କେନ୍ଦ୍ର ➤ ପୃ-୬

# 'ଏସ୍‌ପିଆର୍ ପାଇଁ ସହଯୋଗ କରନ୍ତୁ'

**ଭୁବନେଶ୍ୱର :** ଯାଜପୁର ଜିଲ୍ଲାର ଚଣ୍ଡିଖୋଲରେ ୪ ନିୟୁତ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ

## ନବୀନଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

(ଏସ୍‌ପିଆର୍) ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ସହଯୋଗ ଲୋଡ଼ିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଶୁକ୍ରବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପତ୍ର ଲେଖି



୬,୫୦୦ କୋଟି ଟଙ୍କାର ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ କରିବାରେ ସହଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି। ଏହି ପତ୍ରରେ ମୁଖ୍ୟମନ୍ତ୍ରୀଙ୍କୁ ୬ଟି ପ୍ରସଙ୍ଗରେ ସହଯୋଗ ପାଇଁ ଅନୁରୋଧ କରିଛନ୍ତି ଶ୍ରୀ ପ୍ରଧାନ। ପ୍ରଥମରେ ପ୍ରକଳ୍ପକୁ ଇଡ୍‌କୋ ଦ୍ୱାରା ସିଙ୍ଗିଲ୍ ୱିଣ୍ଡୋ ଅନୁମତି ପ୍ରଦାନ, ଦ୍ୱିତୀୟରେ ପ୍ରକଳ୍ପ ପାଇଁ ଆବଶ୍ୟକୀୟ ୬୦୦ ଏକର ଭୂମି ଯାହା ସରକାରଙ୍କ ମାଲିକାନାରେ ରହିଛି, ଏହାକୁ ତୁରନ୍ତ ପ୍ରଦାନ କରିବା। ➤ ପୃ-୬

# ଆସୁଛନ୍ତି ମୋଦି, ରାହୁଲ



**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୪ ତାରିଖରେ ଓଡ଼ିଶା ଆସିବେ। ସେ ଖୋର୍ଦ୍ଧାଠାରେ ହେବାକୁ ଥିବା ଏକ ବିଶାଳ ଜନସମାବେଶରେ ଯୋଗ ଦେଇ ଲୋକଙ୍କୁ ବିକାଶର ବାର୍ତ୍ତା ଦେବେ ବୋଲି ଜଣାପଡିଛି। ବିଜେପି ରାଜ୍ୟ ପ୍ରଭାରୀ ଅରୁଣ ସିଂ ଏନେଇ ସ୍ପଷ୍ଟ କରିଛନ୍ତି। ୨୦୧୯ ନିର୍ବାଚନ ପରିପ୍ରେକ୍ଷୀରେ ପୂର୍ବତନ ପ୍ରଶାସିକା ଓ ବର୍ତ୍ତମାନର ବିଜେପି ନେତ୍ରୀ ଅପରାଜିତା ଷଡଙ୍ଗୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କର ଏଭଳି କାର୍ଯ୍ୟକ୍ରମ ବୋଲି ଶୁଣିବାକୁ ମିଳୁଛି। ଏହି ସଭାରେ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପ୍ରସଙ୍ଗ ବିଜେପି ଉଠାଇବାର ସମ୍ଭାବନା ରହିଛି। ସେହିପରି ଚଳିତମାସ ଶେଷ ଆଡ଼କୁ କଂଗ୍ରେସ ସଭାପତି ରାହୁଲ ଗାନ୍ଧୀ ମଧ ଓଡ଼ିଶା ଆସିବେ ବୋଲି ଦଳ ପକ୍ଷରୁ ଚର୍ଚ୍ଚାର ଆରମ୍ଭ ହୋଇଛି। ଏନେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସୂଚନା ଦେଇ କହିଛନ୍ତି ଯେ ଆସନ୍ତା ୨୨ ଓ ୨୩ କିମ୍ବା ୨୭ ଓ ୨୮ରେ ରାହୁଲ ଗାନ୍ଧୀ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ରହିଛି। ଯଦିଓ ଏଆଇସିସି ପକ୍ଷରୁ କୌଣସି ତାରିଖ ଚୂଡାନ୍ତ ହୋଇନାହିଁ କିନ୍ତୁ ଖୁବ୍ ଶୀଘ୍ର ତାହା ଚୂଡ଼ାନ୍ତ ହୋଇଯିବ। କଂଗ୍ରେସ ଅଧ୍ୟକ୍ଷଙ୍କୁ ଅତି କମ୍‌ରେ ୨ ଦିନ ଓଡ଼ିଶା ଗସ୍ତ କରିବାକୁ ପିସିସି ପକ୍ଷରୁ ଅନୁରୋଧ କରାଯାଇଛି ବୋଲି କହିଛନ୍ତି ଶ୍ରୀ ପଟ୍ଟନାୟକ। ଏଥିରେ ଦକ୍ଷିଣ ଓଡ଼ିଶା, ଉପକୂଳ ଓଡ଼ିଶା ଓ ପଶ୍ଚିମ ଓଡ଼ିଶାରେ ରାହୁଲଙ୍କର ବିଭିନ୍ନ କାର୍ଯ୍ୟକ୍ରମ ରଖାଯାଇଛି ବୋଲି ମଧ ପିସିସି ପକ୍ଷରୁ ସୂଚନା ମିଳିଛି।




## ବକ୍ରବାଣୀ



ବୁଲି ବୁଲି ଗଲା ଡମଣା ଥକି
କଉଁ ଗାତ ଅବା ରଖିଛି ବାକି
ସେବା କରିବାକୁ ମରିନି ମନ
ସରି ଆଇଲାଣି ସାଇତା ଧନ
ଡାଳରୁ ଡାଳକୁ ଡେଇଁଲେ ଯେତେ
ପେଟ ପୁରିଲାନି କୌଣସି ମତେ
ହାରିବାରେ ଭାଇ ରେକର୍ଡ କଲେ
ଲୋକହସା ସିଏ ବହୁତ ହେଲେ
ଶିଶୁପାଳ ପୁଣି ହେବେକି ଭାଇ
କାନ୍ଦୁଥିବେ ବସି ଟିକଟ ପାଇଁ।

—ଟୁଟୁ

### ବଦଳୁଛି ସିମୁଳିଆ-ଖଇରା ରାଜନୈତିକ ପାଣିପାଗ

# ଏଥର ଦଳ ନୁହେଁ ନେତା ଜିତିବେ

**ବାଲେଶ୍ୱର/ସୋର, (କୈଳାସ ଚନ୍ଦ୍ର ବେହେରା) :** ଚଳିତ ସାଧାରଣ ନିର୍ବାଚନରେ ଏଥର ବହୁ ଚମତ୍କାରିତା ଦେଖିବାକୁ ମିଳିବ । ପୂର୍ବପରି ଏଥର ଭୋଟର ମାନେ କୌଣସି ଏକ ରାଜନୈତିକ ଦଳର ପ୍ରାର୍ଥୀ ବଦଳରେ ରାଜନୀତିରେ ଅଭିଜ୍ଞତା ଥିବା ଦକ୍ଷ ନେତାଙ୍କୁ ନିର୍ବାଚିତ କରିବେ । ଏହାର ପ୍ରମୁଖ କାରଣ ଏହି ଅଞ୍ଚଳର ସାମଗ୍ରୀକ ବିକାଶ ସ୍ୱାଧିନତାର ୭୦ ବର୍ଷ ପରେ ମଧ ସିମୁଳିଆ-ଖଇରା ପରି ବୃହତ୍ ନିର୍ବାଚନ ମଣ୍ଡଳୀର ସବୁ ଥାଇ କିଛି ନଥିବା ପରି ଲାଗେ। ଏହାର ଅନ୍ୟ ଏକ କାରଣ ଦକ୍ଷତା ରଖିନଥିବା ନେତା ଏବଂ ଅଦୂରଦର୍ଶୀ ଟାଇମପାସ୍ ନେତାଙ୍କ ଆବିର୍ଭାବ । ଖଇରା ସିମୁଳିଆ ଅଞ୍ଚଳର ଗାଁ ଗଣ୍ଡାରେ ଆଜି ପର୍ଯ୍ୟନ୍ତ





ରାସ୍ତା ଖଣ୍ଡେ ନାହିଁ । ଡାକ୍ତରଖାନାରେ ସାଧାରଣ ରୋଗ ସେବା ପାଇଁ ଡାକ୍ତର ନାହାନ୍ତି। ଏ ଅଞ୍ଚଳର ଧାନ ଚାଷ ପ୍ରମୁଖ ହୋଇଥିଲେ ମଧ ଜଳ ସେଚନ ପାଇଁ କେନାଲଟିଏ ହୋଇପାରିଲା ନାହିଁ। ଖଣି ଖାଦାନ ଥାଇ (ଶାରୀଶୁଆ) ମଧ ଆର୍ଥୀକ କ୍ଷେତ୍ରରେ ଏ ଅଞ୍ଚଳ ଅନଗ୍ରସର । ଏଠାରେ ଛୋଟମୋଟ ଶିଳ୍ପଟିଏ ମଧ ନାହିଁ । ଏସବୁ ନହେବାର କାରଣ ଜଣେ ଦକ୍ଷ ନେତା ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରେ। ଶାରୀଶୁଆ ଭଳି ପାହାଡକୁ ଭୁବନେଶ୍ୱରର ଖଣି ମାଫିଆ ଏବଂ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ବଡ ବଡ ଚାଟୁକାର ନେତା ଲୁଟିବାରେ ହେଳା କରୁନାହାନ୍ତି । ଏଠାରେ ରୋଜଗାର ପାଇଁ ଯୁବକ ଯୁବତୀ ମାନେ ବାହାର ରାଜ୍ୟ ଉପରେ ➤ ପୃ-୬



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ଆଶଙ୍କାରେ ଚୀନ୍-ଆମେରିକା ବାଣିଜ୍ୟ ସମ୍ପର୍କ

**ୱାଶିଂଟନ୍ :** ଚୀନ୍‌ର ସର୍ବବୃହତ ଟେଲିକମ୍ କମ୍ପାନୀ ହ୍ୟୁଆଇର ମୁଖ୍ୟ ବିତ୍ତୀୟ ଅଧିକାରୀ ମେଙ୍ଗ ୱାନଜୁହୁଙ୍କୁ କାନାଡାରେ ଗିରଫ କରାଯିବା ପରେ ଏବେ ଏହି ଘଟଣାକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଆରମ୍ଭ ହୋଇଥିବା ବେଳେ ଚୀନ୍ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ବ୍ୟବସାୟ ସମ୍ପର୍କ ଆହୁରି ପ୍ରଭାବିତ ହେବ ବୋଲି ବିଭିନ୍ନ ମହଲରେ ଆଶଙ୍କା କରାଯାଇଛି। ସାଂପ୍ରତିକ ସମୟରେ ଉଭୟ ରାଷ୍ଟ୍ର ମଧ୍ୟରେ ଲାଗି ରହିଥିବା ଟାରିଫ୍ ଯୁଦ୍ଧକୁ ନେଇ ବାଣିଜ୍ୟିକ କ୍ଷେତ୍ର ଯଥେଷ୍ଟ ମାତ୍ରାରେ ପ୍ରଭାବିତ ହୋଇଛି। ଏହି ବାଣିଜ୍ୟିକ ଯୁଦ୍ଧକୁ ନେଇ ମେଙ୍ଗଙ୍କୁ ଆମେରିକା ଏକ ପ୍ରକାର ବନ୍ଧକ ରଖିବା କାଇଦାରେ ତାଙ୍କୁ କାନାଡାରେ ଗିରଫ କରାଇଛି ବୋଲି ଚୀନ୍ ନିଜର କ୍ଷୋଭ ପ୍ରକାଶ କରି କହିଛି। ତେବେ ଏହି ଘଟଣାକୁ ନେଇ ଚୀନ୍ ଓ ଆମେରିକା ମଧ୍ୟରେ ଆଗାମୀ ଦିନରେ ସମ୍ପର୍କ ଆହୁରି ବିଗିଡ଼ିଯିବ ବୋଲି ଖୋଦ୍ ଆମେରିକାର ଆଇନଜୀବୀ ଏବଂ ବ୍ୟବସାୟୀ ମହଲରେ ଆଶଙ୍କା ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଚୀନ୍‌ର ସର୍ବବହତ ଏବଂ ବିଶ୍ୱର ଅନ୍ୟତମ ଟେଲିକମ୍ କମ୍ପାନୀ ଭାବେ ହ୍ୟୁଆଇ ବିଶ୍ୱ ଟେଲିକମ୍ ବଜାରରେ ନିଜର ପ୍ରଭାବ ବିସ୍ତାର କରିଚାଲିଥିବା ବେଳେ ଏହାର ମୁଖ୍ୟ ବିତ୍ତୀୟ ଅଧିକାରୀ ତଥା କମ୍ପାନୀ ପ୍ରତିଷ୍ଠାତା ରେନ୍ ଝେନ୍‌ଫେଇଙ୍କ କନ୍ୟା ମେଙ୍ଗଙ୍କୁ ଗତକାଲି କାନାଡାରେ ଗିରଫ କରାଯାଇଥିଲା। ତାଙ୍କୁ ଆମେରିକାକୁ ପ୍ରତ୍ୟର୍ପଣ କରିବା ଲକ୍ଷ୍ୟରେ ଗିରଫ କରାଯାଇଛି ବୋଲି କାନାଡା କର୍ତ୍ତୃପକ୍ଷ ସଫେଇ ଦେଇଥିବା ବେଳେ ବାସ୍ତବରେ ଆମେରିକା ଏହି କମ୍ପାନୀର ବିସ୍ତାରକୁ ସହ୍ୟ କରିପାରୁ ନାହିଁ ବୋଲି ବିଭିନ୍ନ ମହଲରେ ଆଲୋଚିତ ହେଉଛି। ଏହା ବ୍ୟତୀତ ହ୍ୟୁଆଇ କମ୍ପାନୀ ସାରା ବିଶ୍ୱକୁ ଟେଲିକମ୍ ଯନ୍ତ୍ର ସରଞ୍ଜାମ ଯୋଗାଇ ଦେଇ ଚୀନ୍ ପାଇଁ ଗୁଇନ୍ଦାଗିରି କରୁଛି ବୋଲି ଆମେରିକା ପକ୍ଷରୁ ଅଭିଯୋଗ କରାଯାଇଥିବା ବେଳେ ଆନ୍ତର୍ଜାତିକ କଟକଣା ଲାଗିଥିବା ଦେଶଗୁଡ଼ିକୁ ମଧ୍ୟ ଏହି କମ୍ପାନୀ ଉଚ୍ଚମାନର ଟେଲିକମ୍ ଯନ୍ତ୍ରାଂଶ ଯୋଗାଉଛି ବୋଲି ଆମେରିକା ଅଭିଯୋଗ କରିଛି। ଦକ୍ଷିଣ କୋରିଆର ସାମସଙ୍ଗ କମ୍ପାନୀ ପରେ ହ୍ୟୁଆଇ ସମଗ୍ର ବିଶ୍ୱରେ ଦ୍ୱିତୀୟ ସର୍ବବୃହତ କମ୍ପାନୀ ଭାବେ ଉଭା ହୋଇଥିବା ବେଳେ ଚଳିତ ବର୍ଷ ଏହା ଆପଲ୍ ଭଳି ଆମେରିକୀୟ କମ୍ପାନୀକୁ ପଛରେ ପକାଇ ଫର୍ଚୁନ୍ ଗ୍ଲୋବାଲ୍ ୫୦୦ କମ୍ପାନୀ ତାଲିକାରେ ୭୨ତମ ସ୍ଥାନ ଅଧିକାର କରିଛି। ବର୍ତ୍ତମାନ ଏହି କମ୍ପାନୀର ମୋଟ କାରବାର ପରିମାଣ ମଧ୍ୟ ୯୦ ବିଲିୟନ ଡଲାରରେ ପହଞ୍ଚିଛି। ମେଙ୍ଗଙ୍କ ପିତା ରେନ୍ ଝେନ୍‌ଫେଇ ଚୀନ୍‌ର ପିପୁଲ୍ସ ଲିବରେସନ୍ ଆର୍ମିର ଜଣେ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ବେଳେ ୧୯୮୭ ମସିହାରେ ଏହି କମ୍ପାନୀ ପ୍ରତିଷ୍ଠା କରିଥିଲେ। ତେବେ ମେଙ୍ଗ କେବେ ମଧ୍ୟ କମ୍ପାନୀ କାର୍ଯ୍ୟ ପରିଚାଳନାକୁ ନେଇ ନିଜର ପାରିବାରିକ ପରିଚୟ ରଖୁନଥିଲେ। ମ୍ୟାନେଜମେଣ୍ଟ ପାସ୍ କରିବା ପରେ ମେଙ୍ଗ ହ୍ୟୁଆଇ କମ୍ପାନୀର ଅର୍ଥ ବିଭାଗରେ ଯୋଗ ଦେଇଥିଲେ। ଆଗାମୀ ଦିନରେ ସେ କମ୍ପାନୀର ମୁଖ୍ୟ ପଦବୀରେ ଅଧିଷ୍ଠିତ ହେବାକୁ ଯାଉଥିବା ବେଳେ ବିଶ୍ୱର ଏକ ପ୍ରତିଷ୍ଠିତ କର୍ପୋରେଟ୍ କ୍ଷେତ୍ରର ମହିଳା ମୁଖ୍ୟଙ୍କୁ ଗିରଫ କରାଯିବା ଘଟଣାକୁ ଆମେରିକାରେ ବିଭିନ୍ନ ମହଲରେ ମଧ୍ୟ ଭିନ୍ନ ଦୃଷ୍ଟିରେ ଦେଖାଯାଉଥିବା ଜଣାପଡ଼ିଛି।

# ଏପ୍ରିଲ୍ ୧ରୁ ଜିଏସ୍‌ଟି ରିଟର୍ଣ୍ଣ ପାଇଁ ନୂତନ ସରଳୀକୃତ ଫର୍ମ

**ନୂଆଦିଲ୍ଲୀ :** ବସ୍ତୁ ଏବଂ ସେବା କର (ଜିଏସ୍‌ଟି) ରିଟର୍ଣ୍ଣ ଦାଖଲ କରିବା ଲାଗି ଏପ୍ରିଲ୍ ପହିଲାରୁ ନୂତନ ସରଳୀକୃତ ଫର୍ମ୍ ଉପଲବ୍ଧ ହେବ ବୋଲି ରାଜସ୍ୱ ସଚିବ ଅଜୟ ଭୂଷଣ ପାଣ୍ଡେ ପ୍ରକାଶ କରିଛନ୍ତି। ରାଜସ୍ୱ ସତର୍କତା ନିର୍ଦ୍ଦେଶାଳୟର ସ୍ଥାପନା ଦିବସ କାର୍ଯ୍ୟକ୍ରମରେ ଯୋଗଦାନ କରିବା ପରେ ସେ ଗଣମାଧ୍ୟମକୁ କହିଛନ୍ତି ଯେ ସରକାର ଜିଏସ୍‌ଟି ସଂଗ୍ରହ ଲକ୍ଷ୍ୟକୁ ହାସଲ କରିବେ ବୋଲି ଅନୁମାନ କରାଯାଉଛି। ଏହାଛଡ଼ା ରାଜସ୍ୱ ବିଭାଗକୁ ଟିକସ ଚୋରି କରୁଥିବା ସଂସ୍ଥା ସମ୍ପର୍କରେ ମଧ୍ୟ ସୂଚନା ମିଳୁଛି। ପ୍ରକାଶଯୋଗ୍ୟ, ଚଳିତବର୍ଷର ଆର୍ଥିକ ବଜେଟ୍‌ରେ ଜିଏସ୍‌ଟି ଜରିଆରେ ମୋଟ ୧୩.୪୮ ଲକ୍ଷ କୋଟି ଟଙ୍କା ପ୍ରାପ୍ତ କରିବା ନିମିତ୍ତ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ତେବେ ବର୍ଷର ପ୍ରଥମ ଆଠମାସ ମଧ୍ୟରେ ଜିଏସ୍‌ଟିରୁ ୭.୭୬ ଲକ୍ଷ କୋଟି ଟଙ୍କା ପ୍ରାପ୍ତ ହୋଇଛି। ଏହି ଦୃଷ୍ଟିରୁ ପ୍ରତି ମାସରେ ପ୍ରାୟ ୧.୧୨ ଲକ୍ଷ କୋଟି ଟଙ୍କା ଜିଏସ୍‌ଟି ପ୍ରାପ୍ତ ହେବା ଆବଶ୍ୟକ। ରାଜସ୍ୱ ସଚିବ ଶ୍ରୀ ପାଣ୍ଡେଙ୍କ କହିବା ମୁତାବକ, ନଭେମ୍ବରରେ ଆମେ ହାରାହାରି ୪,୦୦୦ କୋଟି ଟଙ୍କା ପଛରେ ରହିଛୁ। ତେଣୁ କୌଣସି ନିଷ୍କର୍ଷରେ ପହଞ୍ଚିବା ପୂର୍ବରୁ ଆମକୁ ଅନ୍ୟ କିଛି ମାସର ରିପୋର୍ଟ ଦେଖିବାକୁ ହେବ। ମାତ୍ର ନିର୍ଦ୍ଧାରିତ ସମୟ ମଧ୍ୟରେ ଆମେ ଲକ୍ଷ୍ୟ ହାସଲ କରିବାରେ ସଫଳ ହେବୁ ବୋଲି ଆମର ଆଶା ରହିଛି। ଆମର ମାସିକ ଲକ୍ଷ୍ୟ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ରହିଛି ଏବଂ ଭବିଷ୍ୟତରେ ଏହି ସଂଖ୍ୟାକୁ ବଢ଼ାଇ ୧.୧୦ ଲକ୍ଷ କୋଟି ଟଙ୍କା କରିବା ଦିଗରେ ଆମେ ଆଗଭର ହେଉଛୁ। ନୂତନ ସରଳୀକୃତ ଫର୍ମ୍ ସମ୍ପର୍କରେ ସେ କହିଛନ୍ତି ଯେ ଏପ୍ରିଲ୍ ୧ରୁ ଏହାକୁ ଆରମ୍ଭ କରିବା ନେଇ ପ୍ରସ୍ତୁତି ଚାଲିଛି। କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ବୋର୍ଡ (ସିବିଆଇସି) ତରଫରୁ ଜିଏସ୍‌ଟି ରିଟର୍ଣ୍ଣ ଫର୍ମ୍‌କୁ ସରଳୀକୃତ କରିବା ଲାଗି ଜୁଲାଇରେ ସାର୍ବଜନୀନ ରୂପେ ପ୍ରସ୍ତାବ ଆଗତ କରାଯାଇଥିଲା। ତେବେ ଏହି ଫର୍ମ୍‌ଟି ଜିଏସ୍‌ଟିଆର୍-୩ବି (ସଂକ୍ଷିପ୍ତ ବିକ୍ରି ରିଟର୍ଣ୍ଣ ଫର୍ମ୍) ଏବଂ ଜିଏସ୍‌ଟିଆର୍-୧ (ଅନ୍ତିମ ବିକ୍ରି ରିଟର୍ଣ୍ଣ ଫର୍ମ୍)ର ସ୍ଥାନ ନେବ।

# ମୁଖ୍ୟ ଆର୍ଥିକ ପରାମର୍ଶଦାତା ହେଲେ କୃଷ୍ଣମୂର୍ତ୍ତି



**ନୂଆଦିଲ୍ଲୀ :** ହାଇଦ୍ରାବାଦସ୍ଥିତ ଇଣ୍ଡିଆନ୍ ସ୍କୁଲ୍ ଅଫ୍ ବିଜ୍‌ନେସ୍‌ର ଆସୋସିଏଟ୍ ପ୍ରଫେସର୍ ଏବଂ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର କୃଷ୍ଣମୂର୍ତ୍ତି ସୁବ୍ରମଣିଅନ୍‌ଙ୍କୁ ନୂତନ ମୁଖ୍ୟ ଆର୍ଥିକ ପରାମର୍ଶଦାତା ରୂପେ ନିଯୁକ୍ତି ଦିଆଯାଇଛି। ସେ ଅର୍ଥ ମନ୍ତ୍ରଣାଳୟ ଅଧୀନରେ ଆସନ୍ତା ତିନିବର୍ଷ ପାଇଁ କାର୍ଯ୍ୟ କରିବେ। ତାଙ୍କ ପୂର୍ବରୁ ଏହି ପଦବୀରେ ଅରବିନ୍ଦ ସୁବ୍ରମଣ୍ୟମ୍ କାର୍ଯ୍ୟରତ ଥିବାବେଳେ ଚଳିତବର୍ଷ ଜୁନ୍ ୨୦ରେ ଇସ୍ତଫା ଦେଇଥିଲେ। ମାତ୍ର ତାଙ୍କ କାର୍ଯ୍ୟକାଳ ୨୦୧୯ ମସିହା ମେ'ରେ ସମାପ୍ତ ହୋଇଥାନ୍ତା। କୃଷ୍ଣମୂର୍ତ୍ତି ଚିକାଗୋ-ବୁଥ୍‌ରୁ ପିଏଚ୍‌ଡି ଏବଂ ଶୀର୍ଷ ର୍‍ୟାଙ୍କିଙ୍ଗ୍ ଆଇଆଇଟି-ଆଇଆଇଏମ୍‌ର ପୂର୍ବତନ ଛାତ୍ର। ବ୍ୟାଙ୍କିଙ୍ଗ୍, କର୍ପୋରେଟ୍ ପ୍ରଶାସନ ଏବଂ ଆର୍ଥିକ ନୀତିରେ ବିଶ୍ୱର ଅଗ୍ରଣୀ ବିଶେଷଜ୍ଞମାନଙ୍କ ମଧ୍ୟରେ ସେ ଅନ୍ୟତମ ଥିଲେ ବୋଲି ଆଇଏସ୍‌ବି ହାଇଦ୍ରାବାଦର ୱେବ୍‌ସାଇଟ୍‌ରେ ଉଲ୍ଲେଖ ରହିଛି। ଏହାବ୍ୟତୀତ ସେ ବୈକଳ୍ପିକ ନିବେଶ ନୀତି, ପ୍ରାଥମିକ ବଜାର, ମାଧ୍ୟମିକ ବଜାର ଏବଂ ଅନୁସନ୍ଧାନ ଉପରେ ସେବିର ସ୍ଥାୟୀ କମିଟିର ସଦସ୍ୟ ରୂପେ କାର୍ଯ୍ୟରତ ଅଛନ୍ତି। ବନ୍ଧନ ବ୍ୟାଙ୍କ ଲିମିଟେଡ୍, ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କ ମ୍ୟାନେଜ୍‌ମେଣ୍ଟ ଏବଂ ଆର୍‌ବିଆଇ ଅକାଦେମୀ ବୋର୍ଡରେ ମଧ୍ୟ ସାମିଲ ଅଛନ୍ତି।


# ରିଅଲିଟି ନିବେଶ କ୍ଷେତ୍ରରେ ମୁମ୍ବାଇ ସବୁଠୁ ଆଗରେ

**ମୁମ୍ବାଇ :** ଏସିଆ ପ୍ରଶାନ୍ତ କ୍ଷେତ୍ରର ରିଅଲିଟି ସେକ୍ଟରରେ ଉନ୍ନତ ନିବେଶର ସମ୍ଭାବନା ଦୃଷ୍ଟିରୁ ମୁମ୍ବାଇ ଦେଶର ସବୁଠାରୁ ଆକର୍ଷକ ସହର ବୋଲି ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ମୁମ୍ବାଇ ପରେ ପରବର୍ତ୍ତୀ ସ୍ଥାନରେ ବେଙ୍ଗାଲୁରୁ ଓ ନୂଆଦିଲ୍ଲୀ ଆଦି ସହର ରହିଛି। ଅର୍ବାନ୍ ଲ୍ୟାଣ୍ଡ୍ ଇନ୍‌ଷ୍ଟିଚ୍ୟୁଟ୍ (ୟୁଏଲ୍‌ଆଇ) ଏବଂ ପିଡବ୍ଲ୍ୟୁସିର 'ଏମର୍ଜିଂ ଟ୍ରେଣ୍ଡ୍‌ସ ଇନ୍ ରିଅଲ୍ ଇଷ୍ଟେଟ୍ ଏସିଆ ପାସିଫିକ୍ ୨୦୧୯' ଶୀର୍ଷକ ରିପୋର୍ଟରେ ଏ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ରିପୋର୍ଟ ମୁତାବକ, ରିଅଲିଟି ନିବେଶ ସମ୍ଭାବନା ଦୃଷ୍ଟିରୁ ଏସିଆର ୨୨ଟି ବଜାର ମଧ୍ୟରେ ମୁମ୍ବାଇ ତ୍ରୟୋଦଶ ସ୍ଥାନରେ ରହିଥିବାବେଳେ ବେଙ୍ଗାଲୁରୁ ଷୋଡ଼ଶ ଏବଂ ନୂଆଦିଲ୍ଲୀ ସପ୍ତଦଶ ସ୍ଥାନରେ ରହିଛି। ଆସନ୍ତା ବର୍ଷ ଅର୍ଥାତ୍ ୨୦୧୯ରେ ବିକାଶର ସମ୍ଭାବନାଗୁଡ଼ିକ ଦୃଷ୍ଟିରୁ ମୁମ୍ବାଇକୁ ନବମ ସ୍ଥାନରେ ରଖାଯାଇଛି। ସେହିପରି ବେଙ୍ଗାଲୁରୁକୁ ଚତୁର୍ଦ୍ଦଶ ସ୍ଥାନରେ ଏବଂ ଦିଲ୍ଲୀକୁ ତ୍ରୟୋଦଶ ସ୍ଥାନରେ ରଖାଯାଇଛି। ପିଡବ୍ଲ୍ୟୁସି ଇଣ୍ଡିଆର ରିଅଲ୍ ଇଷ୍ଟେଟ୍ ଟ୍ୟାକ୍ସ ଭାଗୀଦାର ଭୈରବ ଦଲାଲ କହିଛନ୍ତି ଯେ ଏସିଆ ପ୍ରଶାନ୍ତ କ୍ଷେତ୍ରରେ ସବୁଠାରୁ ଆକର୍ଷକ ନିବେଶର ଗନ୍ତବ୍ୟ ସ୍ଥଳ ରୂପେ ଭାରତ ପରିଚିତ ହେଉଛି। ଅଧିକାଂଶ ସହର ଭଡ଼ା ତଥା ପୁଞ୍ଜି ମୂଲ୍ୟର ହିସାବରେ ଶୀର୍ଷର ନିକଟତର ହେଉଛନ୍ତି। ତେବେ ଭାରତ ଅଧିକ ମୂଲ୍ୟ ସୃଷ୍ଟି କରିବା ଅବସର ଜାରି କରିଥାଏ। ରିପୋର୍ଟରେ କୁହାଯାଇଛି ଯେ ବିକଳ୍ପ ରୂପେ ଡାଟା କେନ୍ଦ୍ର ଏବଂ ଛାତ୍ରାବାସ ନୂତନ କ୍ଷେତ୍ର ରୂପେ ବିକଶିତ ହେଉଛି। ଭାରତ ପୂର୍ବରୁ ଘରୋଇ ରିଟ୍‌ର ସୂଚିବଦ୍ଧତା ୨୦୧୯ରେ ହେବ, ଏପରି ସ୍ଥଳେ ଭାରତ ରିଅଲ୍ ଇଷ୍ଟେଟ୍ ନିବେଶକମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନିବେଶର ଗନ୍ତବ୍ୟ ସ୍ଥଳ ରୂପେ ରହିବ ବୋଲି ଭୈରବ କହିଛନ୍ତି।

# ବ୍ରିଟେନ୍ ଉପରେ ନିର୍ଭର କରେ ବ୍ରେକ୍‌ଜିଟ୍ ରାଜିନାମା

**ଲଣ୍ଡନ :** ବ୍ରିଟେନ୍ ଉପରେ ବ୍ରେକ୍‌ଜିଟ୍ ଚାପ ପକାଇବାକୁ ୟୁରୋପୀୟ ରାଷ୍ଟ୍ରସଂଘ କୌଣସି କଟକଣା ଜାରି କରିନି। ବ୍ରିଟେନ୍ ଚାହିଁଲେ ବ୍ରେକ୍‌ଜିଟ୍ ରାଜିନାମା ଆଗେଇବ, ନଚେତ୍ ଅଟକି ରହିବ। ଆବଶ୍ୟକ ପଡ଼ିଲେ, ବ୍ରିଟେନ୍ ବ୍ରେକ୍‌ଜିଟ୍ ମାମଲାକୁ ଶୀତଳ ଭଣ୍ଡାରକୁ ଫିଙ୍ଗି ଦେଇପାରିବ। ଏପରି ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ୟୁରୋପୀୟ ଆଇନ୍ ପରାମର୍ଶଦାତା। ଷ୍ଟ୍ରାସ୍‌ବର୍ଗସ୍ଥିତ ୟୁରୋପୀୟ କୋର୍ଟ ଅଫ୍ ଜଷ୍ଟିସ୍‌ରେ ଆଡଭୋକେଟ୍ ଜେନେରାଲ ଯୁକ୍ତି କରିଥିଲେ ଯେ ଧାରା-୫୦ ଆଧାରରେ ବ୍ରିଟେନ୍ ଦୁଇବର୍ଷିଆ ଅବଗଣନାକୁ ଏଡ଼ାଇ ଦେଇପାରିବ। ୟୁରୋପୀୟ ରାଷ୍ଟ୍ରସଂଘରୁ ଓହରିଯିବା ପାଇଁ ବ୍ରିଟେନ୍‌କୁ ୨୭ ସଭ୍ୟ ଦେଶଙ୍କ ଅନୁମତି ଦରକାର ନାହିଁ। ଧାରା-୫୦ ହିଁ ବ୍ରିଟେନ୍‌କୁ ସ୍ୱାଧୀନ ନିଷ୍ପତ୍ତି ନେବାର ଅଧିକାର ପ୍ରଦାନ କରିଛି। ଆଡ୍‌ଭୋକେଟ୍ ଜେନେରାଲଙ୍କ ଯୁକ୍ତି ଗ୍ରହଣ କରିବା ନ କରିବା ବିଚାରପତିଙ୍କ ମର୍ଜି ଉପରେ ନିର୍ଭର କରୁଛି। ୨୦୧୯ ମାର୍ଚ୍ଚ ୨୯ରେ ବ୍ରେକ୍‌ଜିଟ୍ ରାଜିନାମା ପାଇଁ ଧାର୍ଯ୍ୟ ସମୟ ସୀମା ସରିଯିବ। ପ୍ରଧାନମନ୍ତ୍ରୀ ଥେରେସା ମେ'ଙ୍କ ବ୍ରେକ୍‌ଜିଟ୍ ରାଜିନାମା ସଂସଦରେ କାଟ ଖାଇଲେ, ମାର୍ଚ୍ଚ ୨୯ ପର୍ଯ୍ୟନ୍ତ ବଳବତ୍ତର ରହିବ। ନଚେତ୍ ତା' ପୂର୍ବରୁ ବ୍ରେକ୍‌ଜିଟ୍ ଚୂଡ଼ାନ୍ତ ରୂପ ନେବ। ବ୍ରେକ୍‌ଜିଟ୍ ମାମଲା ଏବେ କୋର୍ଟରେ ପହଞ୍ଚିଛି। ସ୍କଟ୍‌ଲ୍ୟାଣ୍ଡର ବ୍ରେକ୍‌ଜିଟ୍ ବିରୋଧୀ ସଂଗଠନ ଏଡିନବର୍ଗ କୋର୍ଟରେ ମାମଲା ରୁଜୁ କରିଥିଲା। ମାମଲାର ଶୁଣାଣି କରି ଏଡିନ୍‌ବର୍ଗ କୋର୍ଟ ଷ୍ଟ୍ରାସ୍‌ବର୍ଗ ରୁଲିଂକୁ ଗୁରୁତ୍ୱ ଦେଇଛନ୍ତି। ଅପରପକ୍ଷେ ବ୍ରିଟେନ୍ ସରକାର ଏହି ମାମଲାକୁ ଲୋକଦେଖାଣିଆ ପ୍ରତିବାଦ କରି କହିଛି, ମାମଲାଟି ୟୁରୋପ ଯିବା ପୂର୍ବରୁ ସୁପ୍ରିମକୋର୍ଟ ଏହାର ସରଳ ସମାଧାନ କରନ୍ତୁ। ଆବେଦନକାରୀ ଜୁଲୟୁନ୍ ମୌଗମଙ୍କ ମତରେ ବ୍ରିଟେନ୍ ଆଇନଜୀବୀଙ୍କ ମନରେ ଦେଶପ୍ରେମ ଅଛି। ସେମାନେ ନୈତିକତାକୁ ବଳି ପକାଇବେ ନାହିଁ। ପୂର୍ବତନ ଆଟର୍ଣ୍ଣି ଜେନେରାଲ ତଥା କଞ୍ଜରଭେଟିଭ ସଭ୍ୟ ଡୋମିନିକ୍ ଗ୍ରୀଭ ଆଡଭୋକେଟ୍ ଜେନେରାଲଙ୍କ ଯୁକ୍ତିକୁ ତାରିଫ କରିଛନ୍ତି। ବ୍ରିଟେନ୍ ପ୍ରତି ୟୁରୋପୀ ଦେଶଗୁଡ଼ିକର ସମ୍ମାନବୋଧ ରହିଛି। ବ୍ରିଟେନ୍ ପରି ଗୋଟିଏ ଦେଶକୁ ହାତଛଡ଼ା କରିବାକୁ ୟୁରୋପୀୟ ରାଷ୍ଟ୍ରସଂଘ ଚାହେଁନା। ଖାସ୍ ସେଇଥିପାଇଁ ବ୍ରେକ୍‌ଜିଟ୍ ରାଜିନାମା ଗ୍ରହଣ ଅବା ଖାରଜ ନିଷ୍ପତ୍ତିକୁ ବ୍ରିଟେନ୍ ଉପରେ ଛାଡ଼ି ଦିଆଯାଇଛି। ଏବେ ହାଉସ୍ ଅଫ୍ କମନ୍ସରେ ବ୍ରେକ୍‌ଜିଟ୍ ମାମଲାର ଆଲୋଚନା ଚାଲିଛି। ଆହୁରି ପାଞ୍ଚଦିନ ଧରି ଆଲୋଚନା ଚାଲିବା ପରେ ଆସନ୍ତା ମଙ୍ଗଳବାର ଭୋଟ ଗ୍ରହଣ କରାଯିବ। ହାଉସ୍ ଅଫ୍ କମନ୍ସରେ ପ୍ରଧାନମନ୍ତ୍ରୀ ମେ'ଙ୍କୁ ଝଟ୍‌କା ଖାଇବାର ଆଶଙ୍କା ଅଛି।

# ସମସ୍ତ ଋଣ ଟଙ୍କା ଫେରାଇବାକୁ ମାଲ୍ୟା ରାଜି



**ଲଣ୍ଡନ :** ବ୍ୟାଙ୍କ ଋଣ ପରିଶୋଧ ନକରିବା ସହ ଦେଶ ଛାଡି ବିଦେଶ ପଳାଇଥିବା ଉଦ୍ୟୋଗପତି ବିଜୟ ମାଲ୍ୟା ଦୀର୍ଘ ଦୁଇ ବର୍ଷ ପରେ ନିଜ ମାନସିକତାରେ ପରିବର୍ତ୍ତନ କରିଛନ୍ତି। ବିଜୟ ମାଲ୍ୟା ପରିଚାଳିତ କିଙ୍ଗ୍‌ଫିସର ଏୟାରଲାଇନ୍ସ ପାଇଁ ସେ ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କରୁ ପ୍ରାୟ ୯୦୦୦ କୋଟି ଟଙ୍କା ଋଣ ନେଇଥିବା ବେଳେ ବର୍ତ୍ତମାନ ମୂଳ ଟଙ୍କା ଫେରସ୍ତ କରିବାକୁ ପ୍ରସ୍ତାବ ଦେଇଛନ୍ତି। ମାଲ୍ୟାଙ୍କ ନାଁରେ ବର୍ତ୍ତମାନ ଭାରତର ବିଭିନ୍ନ ଅଦାଲତରେ ମକଦ୍ଦମା ଚାଲିବା ସହ ଲଣ୍ଡନରେ ମଧ୍ୟ ମକଦ୍ଦମା ଚାଲିଛି। ଏହାଛଡା ତାଙ୍କର ଲଣ୍ଡନ ସ୍ଥିତ ବହୁ ମୂଲ୍ୟବାନ ସମ୍ପତ୍ତି ସମେତ ଅନ୍ୟାନ୍ୟ ରାଷ୍ଟ୍ରରେ ଥିବା ସମ୍ପତ୍ତି ମଧ୍ୟ ଜବତ କରାଯାଇଛି। ତେବେ ଭାରତରୁ ଫେରାର ହେବାର ଦୁଇ ବର୍ଷ ପରେ କାହିଁକି ମାଲ୍ୟା ଋଣ ପରିଶୋଧ ପାଇଁ ପ୍ରସ୍ତାବ ଦେଲେ ତାହାକୁ ନେଇ ବର୍ତ୍ତମାନ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ଉଲ୍ଲେଖଯୋଗ୍ୟ ଯେ, ମାଲ୍ୟା କିଙ୍ଗ୍‌ଫିସର ଏୟାରଲାଇନ୍ସ ପାଇଁ ୯୦୦୦ କୋଟି ଟଙ୍କା ଋଣ ନେଇଥିବା ବେଳେ କିଛି ବର୍ଷ ପରେ ଏହି ଏୟାରଲାଇନ୍ସ ବିପୁଳ କ୍ଷତିର ସମ୍ମୁଖୀନ ହୋଇଥିଲା। ଦିନକୁ ଦିନ ଋଣ ବୋଝ ମାଲ୍ୟାଙ୍କ ପାଇଁ ଅସହ୍ୟ ହୋଇପଡିବାରୁ ୨୦୧୬ ମାର୍ଚ୍ଚ ମାସରେ ମାଲ୍ୟା ଭାରତ ଛାଡି ଲଣ୍ଡନ ଫେରାର ହୋଇଯାଇଥିଲେ। ଏହାପରେ ତାଙ୍କ ନାଁରେ ଅର୍ଥ ହେରଫେର୍ ମାମଲା ରୁଜୁ ହେବା ସହ ତଦନ୍ତ ଆରମ୍ଭ ହୋଇଥିଲା। ତାଙ୍କ ବିରୋଧରେ ୨୦୧୬ ନଭେମ୍ବର ମାସରେ ନନ୍ ବେଲେବଲ୍ ୱାରେଣ୍ଟ ଜାରି କରାଯିବା ସହ ଭାରତ ପ୍ରତ୍ୟର୍ପଣ ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ତେବେ ବିଳମ୍ବରେ ହେଲେ ମଧ୍ୟ ସମସ୍ତ ଋଣ ମୂଳ ଟଙ୍କା ଫେରାଇବାକୁ ମାଲ୍ୟା ନିଜ ଆଡୁ ପ୍ରସ୍ତାବ ଦେଇଛନ୍ତି। ସେ ଟ୍ୱିଟ୍ କରି କହିଛନ୍ତି ଯେ, 'ମୋ ବିରୋଧରେ ଅଯଥାରେ ମିଥ୍ୟା ଆରୋପ କରାଯାଉଛି। ବର୍ତ୍ତମାନ ସମସ୍ତ ବ୍ୟାଙ୍କର ଋଣ ଫେରାଇବାକୁ ଚାହୁଁଛି। ଏଥିପାଇଁ ସରକାର ଏବଂ ବ୍ୟାଙ୍କ ମୋତେ ସହଯୋଗ କରିବାକୁ ଅନୁରୋଧ କରୁଛି।' ଅନ୍ୟ ଏକ ଟ୍ୱିଟ୍‌ରେ ସେ କହିଛନ୍ତି ଯେ, ତାଙ୍କ ବିଜିନେସ୍ ଗ୍ରୁପ ଅଧୀନ ୟୁବି ଗ୍ରୁପ ଭାରତରେ ଦୀର୍ଘ ତିନି ଦଶନ୍ଧି ଧରି ମଦ ବ୍ୟବସାୟ କ୍ଷେତ୍ରରେ ଏକ ନମ୍ବର କମ୍ପାନୀ ଭାବେ ପ୍ରତିଷ୍ଠା ଲାଭ କରିପାରିଥିବା ବେଳେ ଭାରତ ସରକାରଙ୍କୁ ହଜାର ହଜାର କୋଟି ଟଙ୍କାର ଟିକସ ପ୍ରଦାନ କରିଛି। ସେହିପରି କିଙ୍ଗ୍‌ଫିସର ଏୟାରଲାଇନ୍ସ ମଧ୍ୟ ଭାରତରେ ଏକ ପ୍ରତିଷ୍ଠିତ ଘରୋଇ କମ୍ପାନୀ ଭାବେ ଦୀର୍ଘ ବର୍ଷ ଧରି ସେବା ଯୋଗାଇ ଦେଇ ଆସିଥିବା ବେଳେ ଏକ୍ଷେତ୍ରରୁ ମଧ୍ୟ ସରକାରଙ୍କୁ ବିପୁଳ ପରିମାଣର ରାଜସ୍ୱ ମିଳିଛି। ତେବେ ଆନ୍ତର୍ଜାତିକ ବଜାରରେ ପେଟ୍ରୋଲିୟମ ମୂଲ୍ୟରେ ଅହେତୁକ ବୃଦ୍ଧି ଘଟିବାରୁ କମ୍ପାନୀର ବିପୁଳ କ୍ଷତି ହେବା ସହ ବିଭିନ୍ନ ସହ ସମସ୍ୟା ଦେଖାଯାଇଥିଲା। ତାହା ସତ୍ତ୍ୱେ ମଧ୍ୟ ସେ ସମସ୍ତ ଋଣ ପରିଶୋଧ କରିବାକୁ ଚାହୁଁଥିବା ଟ୍ୱିଟ୍‌ରେ କହିଛନ୍ତି।

# ନୌସେନାରେ ସାମିଲ ହେବ ଜେଟ୍‌ବାହୀ ଜାହାଜ

**ବିଶାଖାପଟ୍ଟନମ :** ୨୦୨୦ ସୁଦ୍ଧା ଭାରତୀୟ ନୌସେନାରେ ଲଢୁଆ ଜେଟବାହୀ ଜାହାଜ ସାମିଲ ହେବ ବୋଲି ଭାଇସ୍ ଆଡମିରାଲ କରମବୀର ସିଂହ ପ୍ରକାଶ କରିଛନ୍ତି। ଆଇଏନ୍‌ଏସ୍ ସହ୍ୟାଦ୍ରୀରେ ଅନୁଷ୍ଠିତ ଗଣମାଧ୍ୟମ ପ୍ରତିନିଧିଙ୍କ ସମ୍ମିଳନୀରେ ଯୋଗ ଦେଇ ଭାଇସ୍ ଆଡମିରାଲ କହିଛନ୍ତି ଯେ ଏବେ କୋଚିରେ ଦୁଇଟି ବିମାନବାହୀ ଜାହାଜ ନିର୍ମାଣ ଚାଲିଛି। ଏହି ଜାହାଜ ପୃଷ୍ଠରୁ ମିଗ୍-୨୯ ବିମାନ ଆକାଶକୁ ଉଡ଼ାଣ କରିପାରିବ। ଦେଶର ସାମୁଦ୍ରିକ ଜଳସୀମା ସୁରକ୍ଷା ପାଇଁ ଦୁଇଟି ବିମାନବାହୀ ଜାହାଜର ଆବଶ୍ୟକତା ରହିଛି। ନୌସେନା ଯୋଜନା ଅନୁସାରେ ଆଇଏନ୍‌ଏସ୍ ବିକ୍ରମାଦିତ୍ୟର ନିର୍ମାଣ ସରିବା ଉପରେ। ଆଉ ଗୋଟିଏ ଜାହାଜର ନିର୍ମାଣ ଚାଲିଛି। ଦେଶର ସୁରକ୍ଷିତ ଭବିଷ୍ୟତ ପ୍ରତି ଦୃଷ୍ଟି ଦେଇ ସରକାର ଏପରି ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ଭାଇସ୍ ଆଡମିରାଲ ସିଂହ ସୂଚନା ଦେଇଥିଲେ। ପ୍ରତ୍ୟେକ ବିମାନବାହୀ ଜାହାଜର ଓଜନ ୧୦,୦୦୦ ଟନ୍ ବିଶିଷ୍ଟ ହେବ। କେନ୍ଦ୍ର ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ ଯୋଜନାରେ ଦେଶରେ ୨୭ଟି ଯୁଦ୍ଧଜାହାଜ ଓ ବୁଡ଼ାଜାହାଜ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତିବର୍ଷ ଚାରିପାଞ୍ଚଟି ଯୁଦ୍ଧ ଜାହାଜ ଓ ବୁଡ଼ାଜାହାଜ ନୌସେନାରେ ସାମିଲ କରାଯିବାର ଲକ୍ଷ୍ୟ ରଖାଯାଇଛି। ତେଣୁ ଆଗାମୀ ଚାରିପାଞ୍ଚ ବର୍ଷରେ ଦେଶର ନୌସେନା ସୁଦୃଢ଼ ହୋଇଯିବ, ଏଥିରେ ସନ୍ଦେହ ନାହିଁ। ଭାରତ ମହାସାଗର ପରିସ୍ଥିତି ଏବେ ଜଟିଳ ଆଡ଼କୁ ମୁହାଁଇଛି। ଦେଶକୁ ଅଧିକ ବିମାନ, ଜାହାଜ, ବୁଡ଼ାଜାହାଜର ଆବଶ୍ୟକତା ରହିଛି।

# କ୍ୟୁଆର୍ କୋଡ୍‌ରେ ଖୋଲିହେବ ବ୍ୟାଙ୍କ୍ ଆକାଉଣ୍ଟ

**ନୂଆଦିଲ୍ଲୀ :** ବ୍ୟାଙ୍କ ଆକାଉଣ୍ଟ ଖୋଲିବା ନିମିତ୍ତ ଗ୍ରାହକମାନଙ୍କୁ ଏଣିକି ଆଧାର କାର୍ଡର ଆବଶ୍ୟକତା ପଡ଼ିବନାହିଁ। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏବଂ କେନ୍ଦ୍ର ସରକାର ଆଧାର ସ୍ଥାନରେ କ୍ୟୁଆର୍ କୋଡ୍ ଆଧାରିତ 'ଅଫ୍‌ଲାଇନ୍ ଆଧାର'କୁ ବ୍ୟବହାର କରିବା ଲାଗି ଯୋଜନା ଚଳାଇଛନ୍ତି। ଏ ପ୍ରସଙ୍ଗରେ ଏବେ ଆର୍‌ବିଆଇ ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ଆଲୋଚନା ଜାରି ରହିଛି। ଯଦି ସବୁକିଛି ଠିକ୍ ରୁହେ ତେବେ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ସମେତ ପେମେଣ୍ଟ ୱାଲେଟ୍‌ର ଉପଯୋଗ କରିବା ଏବଂ ଇନ୍‌ସ୍ୟୁରାନ୍ସ କଭର କିଣିବା ଲାଗି ବାୟୋମେଟ୍ରିକ୍ ଇକେୱାଇସି ସ୍ଥାନରେ ଏହି ନୂତନ ଅଫ୍‌ଲାଇନ୍ ଆଧାରର ବ୍ୟବହାର କରାଯିବ। ନିକଟରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଲାଗି ଆଧାର କାର୍ଡ ବାଧ୍ୟତାମୂଳକ ନୁହେଁ ବୋଲି ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଅଫ୍‌ଲାଇନ୍ ଆଧାରର ବ୍ୟବହାର ସମ୍ପର୍କରେ ଚର୍ଚ୍ଚା ଆରମ୍ଭ ହେଲା ଏବଂ ଏହା ଅନ୍ତର୍ଗତ ଭାରତୀୟ ବିଶିଷ୍ଟ ଚିହ୍ନଟ ପ୍ରାଧିକରଣ (ୟୁଆଇଡିଏଆଇ)ର ସର୍ଭରରୁ କୌଣସି ଲିଙ୍କ୍ ହେବନାହିଁ। କ୍ୟୁଆର୍ କୋଡ୍ ଥିବା ପ୍ରିଣ୍ଟ ଆଉଟ୍‌କୁ ୟୁଆଇଡିଏଆଇ ଦ୍ୱାରା ଡିଜିଟାଲ ସାଇନ୍ କରାଯିବ; ଯାହାଦ୍ୱାରା ରାସନ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ ଏବଂ ଭୋଟର ଆଇଡି ଭଳି ଏହି ଡକ୍ୟୁମେଣ୍ଟ ବିଶ୍ୱସନୀୟ ହେବ। ଏଥିସହିତ ପାସ୍‌ପୋର୍ଟ ଅଫିସ୍ ଏବଂ ବ୍ୟାଙ୍କକୁ ବି ଏହାଦ୍ୱାରା ଅନେକ ସୁବିଧା ହେବ। ୟୁଆଇଡିଏଆଇ ମୁତାବକ; ଅଫ୍‌ଲାଇନ୍ ଆଧାର, କେୱାଇସିର ନୂତନ ପ୍ରଣାଳୀ ହେବା ସହିତ ଏଥିରେ ବ୍ୟକ୍ତିଙ୍କର ନାଁ, ଫଟୋ ଏବଂ ଠିକଣା ବ୍ୟତୀତ ଅନ୍ୟ ସୂଚନାକୁ ଗୋପନୀୟ ରଖାଯାଏ। ଅଫ୍‌ଲାଇନ୍ ଆଧାରର ସୁବିଧା ଆର୍‌ବିଆଇ ଦ୍ୱାରା ଉପଲବ୍ଧ କରାଯିବ, କିନ୍ତୁ ଏନେଇ ଆର୍‌ବିଆଇକୁ ପ୍ରଥମେ ଏକ ସର୍କୁଲାର ବାହାର କରିବାକୁ ହେବ। ୟୁଆଇଡିଏଆଇ ସହିତ ରିଜର୍ଭ ବ୍ୟାଙ୍କ ଦୁଇଦିନିଆ ବୈଠକ କରିଛି। ତେବେ କେୱାଇସି ମାଷ୍ଟର ସର୍କୁଲାର୍‌ରେ ସୁଧାର ଅଣାଯିବା ଆବଶ୍ୟକ, ଯେଉଁଥିରେ ସୁପ୍ରିମ୍‌କୋର୍ଟଙ୍କର ଆଦେଶ ମୁତାବକ ନୂତନ ନିୟମ ପ୍ରଣୟନ ହୋଇଥିବ ବୋଲି ଆଧାର ଏଜେନ୍ସି ପରାମର୍ଶ ଦେଇଛି। କୋର୍ଟ କହିଥିଲେ ଯେ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର୍ ନେଣଦେଣ ତଥା ପାନ୍ ନମ୍ବରର ଆବଶ୍ୟକତା ପଡୁଥିବା ନେଣଦେଣ କ୍ଷେତ୍ରରେ ହିଁ ଆଧାର କାର୍ଡ ବାଧ୍ୟତାମୂଳକ ହେବ। ତେବେ ସରକାର ଏବଂ ଆର୍‌ବିଆଇର ଏହି ମିଳିତ ପଦକ୍ଷେପ ଦ୍ୱାରା ଫାଇନାନ୍‌ସିଆଲ୍ ଟେକ୍ନୋଲୋଜି କମ୍ପାନୀଗୁଡ଼ିକୁ ବେଶ୍ ଫାଇଦା ହେବ।




## କେମିତି କଟିବ ଏ ସପ୍ତାହ

**ମେଷ** — କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ସହ ସମ୍ପର୍କ ଭଲ ରହିବ। ନୂତନ କର୍ମକ୍ଷେତ୍ରରେ ଯୋଗ ଦେଇ ପ୍ରଶଂସିତ ହେବେ। ବ୍ୟବସାୟରେ ଉନ୍ନତ ଲାଭ କରିବେ। କ୍ରୀଡାବିତ୍‌ମାନେ ସଫଳତା ଅର୍ଜନ କରିବେ। ପାରିବାରକ ଜୀବନ ସୁଖମୟ ହେବ।

**ବୃଷ** — ସାମାଜିକ କର୍ମରେ ସମୟ ବିତିବ। ଆର୍ଥିକ ଅବସ୍ଥା ବଦଳିବ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ସହଯୋଗ ପାଇବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପରିବାରରେ ଶାନ୍ତି ବଜାୟ ରହିବ। ପିଲାମାନେ ପାଠପଢ଼ାରେ ମନନିବେଶ କରିବେ।

**ମିଥୁନ** — କର୍ମକ୍ଷେତ୍ରରେ ସମସ୍ତ କର୍ମଚାରୀଙ୍କ ପ୍ରିୟଭାଜନ ହେବେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ଯାନବାହନ ପ୍ରତି ସତର୍କତା ରହିବେ। ସନ୍ତାନଙ୍କ ପାଇଁ ଚିନ୍ତିତ ରହିବେ। ପୁରୁଣା ବିବାଦରୁ ଆପଣଙ୍କୁ ଆରାମ ମିଳିବ।

**କର୍କଟ** — ଚାକିରିରେ ନିଯୁକ୍ତି ପାଇବାର ସମୟ ଆସିବ। ଗୃହରେ ଆର୍ଥିକ ଅବସ୍ଥା ଧିରେଧିରେ ସୁଧୁରିବ। ବୈବାହିକ ଜୀବନ ସୁଖମୟ ହେବ। ପରିବାର ମଧ୍ୟରେ ଲାଗି ରହିଥିବା ବିବାଦରୁ ମୁକ୍ତି ମିଳିବ।

**ସିଂହ** — କାର୍ଯ୍ୟକ୍ଷେତ୍ରରେ ଆପଣଙ୍କର ପ୍ରଶଂସା ହେବ। ଆର୍ଥିକ ଚିନ୍ତାରୁ ମୁକ୍ତି ମିଳିବ। ଶିକ୍ଷା କ୍ଷେତ୍ରରେ ଥିବା ବ୍ୟକ୍ତିଙ୍କୁ ଶୁଭଫଳ ମିଳିବ। କଳାକାରମାନେ ଯଶ ଅର୍ଜନ କରିବେ। ଆଇନ୍ କାନୁନ୍ ମାମଲାରେ ସମାଧାନତା ହୋଇପାରେ।

**କନ୍ୟା** — ସରକାରୀ କାମରେ ବାଧା ଦୂର ହେବ। ଧର୍ମପୁସ୍ତକ ପଢ଼ିବାରେ ଆଗ୍ରହ ବଢ଼ିବ। ବୈବାହିକ ଜୀବନ ସୁଖରେ କଟିବ। ଗୃହରେ ଶୁଭକାର୍ଯ୍ୟ ଅନୁଷ୍ଠିତ ହେବ। ବ୍ୟବସାୟୀଙ୍କୁ ପ୍ରଚୁର ଲାଭ ମିଳିବାର ସମ୍ଭାବନା ରହିଛି।

**ତୁଳା** — ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ। ମହିଳାଙ୍କର ସାମାଜିକ ଗତିବିଧିର ସମ୍ମାନ ବୃଦ୍ଧି ହେବ। ଚାକିରି କ୍ଷେତ୍ରରେ ପରିବର୍ତ୍ତନ ହୋଇପାରେ। ଧନପ୍ରାପ୍ତିର ସୁଯୋଗ ହାତଛଡା କରିବେ।


**ବିଛା** — ପୂଜା ପାଠରେ ଅଧିକ ସମୟ ବିତିବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ସଫଳ ହେବେ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ହାତଛଡା କରିବେ। ବ୍ୟବସାୟରେ ଅଧିକ ଲାଭବାନ ହେବେ। ରାଜନୀତିରେ ଆଧିପତ୍ୟ ବଢ଼ିବ।

**ଧନୁ** — ଗୃହରେ ବନ୍ଧୁମିଳନରୁ ଶାନ୍ତି ଅନୁଭବ କରିବେ। ଧର୍ମ ଚର୍ଚ୍ଚାରେ ସମୟ କଟିବ। ବିଦ୍ୟାର୍ଥୀମାନେ ପରିଶ୍ରମର ଫଳ ପାଇବେ। ଗୃହରେ ବୟସ୍କ ବ୍ୟକ୍ତିଙ୍କ ଶରୀର ଅସୁସ୍ଥ ରହିବ। ପରିଶ୍ରମର ଫଳ ପାଇବେ।

**ମକର** — ନୂଆ ଚାକିରିର ପ୍ରସ୍ତାବ ମିଳିପାରେ। ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। ଛାତ୍ରଛାତ୍ରୀମାନେ କିଛିମାତ୍ରାରେ ସଫଳତା ପାଇବେ। ଗାଡି କିଣିବା ପାଇଁ ମନ ବଢ଼ିବ। ଶରୀର ସୁସ୍ଥ ଓ ମନ ଖୁସି ରହିବ।

**କୁମ୍ଭ** — ସମାଜରେ ମାନ-ସମ୍ମାନ ମିଳିବ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ନୂତନ ଗୃହ ନିର୍ମାଣ କାରବାର ସମୟ ଆସିବ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମକରି ସଫଳ ହେବେ। ବିବାଦର ସମାଧାନ ହେବ। ପରିବାରରେ ଶାନ୍ତି ବଜାୟ ରହିବ।

**ମୀନ** — କଳା ଓ ସଂସ୍କୃତି କ୍ଷେତ୍ରରେ ପ୍ରତିଷ୍ଠିତ ହେବେ। କର୍ମକ୍ଷେତ୍ରରେ ଖୁବ୍‌ଶୀଘ୍ର ପରିବର୍ତ୍ତନ ହେବ। ପୁରସ୍କାର ମିଳିପାରେ। ବନ୍ଧୁଙ୍କଠାରୁ ଆର୍ଥିକ ସହଯୋଗ ମିଳିବ। ଶାରିରୀକ ଅସୁସ୍ଥତା ଲାଗି ରହିପାରେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧



# ରାଜ୍ୟର ସବୁ ବିଶ୍ୱବିଦ୍ୟାଳୟରେ ଏକକ ପାଠ୍ୟକ୍ରମ



**ଭୁବନେଶ୍ୱର :** ବଦଳିବ ଯୁକ୍ତ ତିନି ପାଠ୍ୟଖସଡ଼ା। ୨୦୧୯-୨୦ ଶିକ୍ଷାବର୍ଷରୁ ଲାଗୁ ହେବ ମଡେଲ୍ ୟୁଜି(ସ୍ନାତକ) କୋର୍ସ। ଫଳରେ ରାଜ୍ୟର ସବୁ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଯୁକ୍ତ ତିନି ଲାଗି ପ୍ରଚଳନ ହେବ ଗୋଟିଏ ପାଠ୍ୟକ୍ରମ। ସେହିପରି ପିଜି ପାଠ୍ୟକ୍ରମରେ ନାମ ଲେଖାଲାଗି ମଧ୍ୟ ଏକକ ପରୀକ୍ଷା କରାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ଗୁରୁବାର ଟେକ୍ସଟ୍ ବୁକ୍ ପରିସରରେ ବସିଥିବା ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ଉଚ୍ଚଶିକ୍ଷା ପରିଷଦର ପ୍ରକଳ୍ପ ନିର୍ଦ୍ଦେଶକ ବି ପରମେଶ୍ୱରନ୍ ସୂଚନା ଦେଇଛନ୍ତି। ଉଚ୍ଚଶିକ୍ଷାରମାନ ବୃଦ୍ଧି ଲାଗି ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବାକୁ ରାଜ୍ୟ ସରକାର ପ୍ରୟାସ ଆରମ୍ଭ କରିଛନ୍ତି। ପିଜି ନାମଲେଖା ଲାଗି ଏକକ ପ୍ରବେଶିକା ପରୀକ୍ଷାକୁ ଷ୍ଟୁଡେଣ୍ଟସ୍ ଏକାଡେମିକ୍ ମ୍ୟାନେଜମେଣ୍ଟ ସିଷ୍ଟମ ପରିଚାଳନା କରିବ। ସାରା ରାଜ୍ୟରେ ଛାତ୍ରଛାତ୍ରୀଙ୍କୁ ଗୋଟିଏ ମାନଦଣ୍ଡରେ ତଉଲିବା ଲାଗି ଏଭଳି ବ୍ୟବସ୍ଥା କରାଯାଇଛି। ଶିକ୍ଷାକୁ ନିଯୁକ୍ତି ଭିତ୍ତିକ କରିବା, ଜାତୀୟସ୍ତରର ପ୍ରତିଯୋଗିତାମୂଳକ ପରୀକ୍ଷାରେ ରାଜ୍ୟର ଛାତ୍ରଛାତ୍ରୀ ଭଲ ପ୍ରଦର୍ଶନ କରିବା, ଉଚ୍ଚତର ଗବେଷଣା ଓ ସର୍ବୋପରି ଉଚ୍ଚଶିକ୍ଷାର ଅନ୍ତର୍ଜାତୀୟକରଣ ଲାଗି ନବଗଠିତ ଉଚ୍ଚଶିକ୍ଷା ପରିଷଦ ଏହି ସବୁ ସଂସ୍କାର ଆଣିବାକୁ ସ୍ଥିର କରିଛି। ବୈଠକରେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି, ପିଜି କାଉନସିଲ୍ ଅଧକ୍ଷ ଓ ପରୀକ୍ଷା ନିୟନ୍ତ୍ରକ ଉପସ୍ଥିତ ଥିଲେ। ସେହିପରି ଏକକ ପିଜି ପ୍ରବେଶିକା ଲାଗି ସ୍ନାତକରେ ସର୍ବନିମ୍ନ ୪୫ପ୍ରତିଶତ ମାର୍କ ରଖିବାକୁ ପଡ଼ିବ। ଉତ୍କଳ ବିଶ୍ୱବିଦ୍ୟାଳୟ କଳା, ସମ୍ବଲପୁର ବିଶ୍ୱବିଦ୍ୟାଳୟ ବିଜ୍ଞାନ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କମର୍ସ ବିଭାଗ ଏହି ପ୍ରବେଶିକା ପରୀକ୍ଷା ପରିଚାଳନା କରିବେ। ଆଗକୁ ଯୁକ୍ତ ତିନି ପାଠ୍ୟକ୍ରମରେ କିଛି ନୂଆ କୋର୍ସ ଖୋଲିବା ଲାଗି ଯୋଜନା ରହିଛି। ଏହି ସବୁ ପାଠ୍ୟକ୍ରମ ଲାଗି ବିଦେଶୀ ଗେଷ୍ଟ୍ ଫାକଲ୍ଟିଙ୍କ ଦ୍ୱାରା ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ପ୍ରଶିକ୍ଷଣ ଦିଆଯିବ। ସେହିପରି ଆସନ୍ତା ଜାନୁଆରୀ ଶେଷ ସୁଦ୍ଧା ଯୁକ୍ତ ତିନି ପାଠ୍ୟକ୍ରମର ରୂପରେଖ ଚୂଡ଼ାନ୍ତ ହେବ।

# ବିଜାତଳା ଉପନିର୍ବାଚନରେ ବିଜେଡିର ବାଜିମାତ

**ଭୁବନେଶ୍ୱର :** ଓଡ଼ିଶାର ସମୃଦ୍ଧି ଓ ସ୍ୱାଭିମାନ ହିଁ ବିଜେଡିର ଏକମାତ୍ର ଏଜେଣ୍ଡା ଏବଂ ଏହାକୁ ଆଧାର କରି ବିଜୁ ଜନତା ଦଳ, ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାବାସୀଙ୍କ ସେବା କରିଆସୁଛି। ଓଡ଼ିଶାର ଜନସାଧାରଣ ବିଜେଡିର ବିକାଶଭିତ୍ତିକ କାର୍ଯ୍ୟକ୍ରମ ପ୍ରତି ଅକୁଣ୍ଠିତ ସହଯୋଗ ଓ ସଦିଚ୍ଛା ଜଣାଇ ଆସୁଛନ୍ତି। ପ୍ରତିଟି ନିର୍ବାଚନରୁ ଏହା ପ୍ରମାଣିତ। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ଉପରେ ଲୋକମାନଙ୍କର ଆସ୍ଥା ରହିଆସିଛି। ସଦ୍ୟ ସମାପ୍ତ ମୟୂରଭଞ୍ଜ ଜିଲ୍ଲା ବିଜାତଳା ଜିଲ୍ଲା ପରିଷଦ ଜୋନ୍ ନଂ-୩୨ ଓ ବିଭିନ୍ନ ଜିଲ୍ଲାରେ ଅନୁଷ୍ଠିତ ସରପଞ୍ଚ, ସମିତି ସଭ୍ୟ ନିର୍ବାଚନ ଫଳାଫଳରୁ ଏହା ପୁଣିଥରେ ପ୍ରମାଣିତ ହୋଇଛି। ଏହି ପ୍ରକ୍ରିୟା ଆଗକୁ ଜାରି ରହିବ। ଉପ-ନିର୍ବାଚନ ଅନୁଷ୍ଠିତ ହୋଇଥିବା ସ୍ଥାନର ସମସ୍ତ ଭୋଟରଙ୍କୁ ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳ ପକ୍ଷରୁ ଧନ୍ୟବାଦ ଜଣାଇବା ସହ କୃତଜ୍ଞତା ଜ୍ଞାପନ




କରିଛନ୍ତି। ବିରୋଧୀ ଦଳମାନଙ୍କର ସମସ୍ତ ଅପପ୍ରଚାର ଓ ବିଭ୍ରାନ୍ତିକୁ ଓଡ଼ିଶାର ଜନସାଧାରଣ ପ୍ରତ୍ୟାଖ୍ୟାନ କରୁଥିବା ଏବଂ ପ୍ରଗତିର ପକ୍ଷଭୁକ୍ତ ହେଉଥିବା ସୂଚନା ଏହି ଉପ-ନିର୍ବାଚନରୁ ମିଳୁଛି। ଆଗାମୀ ସମୟରେ ବିଜେଡି ହିଁ ରାଜ୍ୟର ବିକାଶର ଧାରାକୁ ବଜାୟ ରଖିବ ବୋଲି ଆଜି ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପ-ସଭାପତି ସୂର୍ଯ୍ୟ ନାରାୟଣ ପାତ୍ର, ସାଧାରଣ ସଂପାଦକ ତଥା ମୁଖପାତ୍ର ଡ. ଅରୁଣ କୁମାର ସାହୁ ଓ ମୁଖପାତ୍ର ସମୀର ରଞ୍ଜନ ଦାଶ କହିଛନ୍ତି।

ବିଜାତଳା ଜିଲ୍ଲା ପରିଷଦ ଜୋନ୍ ନଂ-୩୨ ଆସନ ପାଇଁ ଅନୁଷ୍ଠିତ ଭୋଟ୍‌ରେ ବିଜୁ ଜନତା ଦଳ ପ୍ରାର୍ଥୀ ରଘୁନାଥ ମାଝୀ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପି ପ୍ରାର୍ଥୀଙ୍କୁ ୪୨୧୨ ଭୋଟ୍ ବ୍ୟବଧାନରେ ହରାଇ ବିଜୟୀ ହୋଇଛନ୍ତି। ସୂଚନାଯୋଗ୍ୟ, ସ୍ୱାଧୀନତା ପରଠାରୁ ବିଜାତଳା ଜିଲ୍ଲା ପରିଷଦ ଜୋନ୍ ନଂ-୩୨ ଆସନଟି କେବେବି ତତ୍କାଳୀନ ଜନତା ଦଳ ଓ ବର୍ତ୍ତମାନର ବିଜୁ ଜନତା ଦଳ ପ୍ରାର୍ଥୀ ଜିତିପାରିନଥିଲେ। ପ୍ରଥମଥର ପାଇଁ ଉପ-ନିର୍ବାଚନରେ ବିଜୁ ଜନତା ଦଳ ବିପୁଳ ବିଜୟ ହାସଲ କରିଛି। ଏହି ଆସନଟି ଗତ ୨ଟି ନିର୍ବାଚନରେ ବିଜେପି ଓ ତା'ପୂର୍ବରୁ ଜେଏମ୍ଏମ୍ କବ୍‌ଜାରେ ରହିଥିଲା। ଗତ ଜିଲ୍ଲା ପରିଷଦ ନିର୍ବାଚନରେ ବିଜେପି ୭ ହଜାର ଭୋଟ ପାଇଥିବା ବେଳେ ଜେଏମ୍ଏମ୍ ୫ହଜାର ଓ ବିଜେଡି ୩ ହଜାର ଭୋଟ ପାଇଥିଲା। ଝାଡ଼ଖଣ୍ଡରେ ବିଜେପି ସରକାର ଗଠନ କଲା ପରେ ତା'ର ପ୍ରଭାବରେ ବିଜେପି ବିଜାତଳା ଅଞ୍ଚଳରେ ସ୍ଥିତି ସୁଦୃଢ଼ କରୁଥିଲା। କିନ୍ତୁ ଏଥର ଉପ-ନିର୍ବାଚନରେ ବିଜେଡିର ବିପୁଳ ବିଜୟ ପ୍ରମାଣିତ କରିଛି ଯେ ବିଜେଡି ସହିତ ବିଜେପି କିମ୍ବା ଅନ୍ୟ ଦଳଗୁଡ଼ିକ ଆଗାମୀ ବିଧାନସଭା ନିର୍ବାଚନ ଦୃଷ୍ଟିକୋଣରୁ ଆଦୌ ତୁଳନୀୟ ନୁହନ୍ତି। ଏହା ମଧ୍ୟ ଉଲ୍ଲେଖଯୋଗ୍ୟ ଯେ ଏଥର ନିର୍ବାଚନରେ ଯେଉଁ ଅନୁକମ୍ପା ଭୋଟ୍ ପାଇବାକୁ ବିଜେପି ଆଶା ରଖିଥିଲା, ତାହା ବିଜେପି ପ୍ରାର୍ଥୀଙ୍କୁ କୌଣସି ବାଟରେ ସାହାଯ୍ୟ କରିନାହିଁ।

# ରାଜ୍ୟର ୭ ବିଶ୍ୱବିଦ୍ୟାଳୟରେ ଦିଆଯାଉଛି ଆଇଏଏସ୍ କୋଚିଂ

**ଭୁବନେଶ୍ୱର :** ରାଜ୍ୟର ୭ଟି ବିଶ୍ୱବିଦ୍ୟାଳୟ ଯଥା ଉତ୍କଳ, ବ୍ରହ୍ମପୁର, ସମ୍ବଲପୁର, ଗଙ୍ଗାଧର ମେହେର, ରେଭେନ୍ସା ବିଶ୍ୱବିଦ୍ୟାଳୟ ସହ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଆଇଏଏସ୍ କୋଚିଂ ନେବା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି ବୋଲି କହିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ। ସେହିପରି ରାଜ୍ୟରେ କେବଳ ସ୍ୱତନ୍ତ୍ର ଆଇଏଏସ୍ କୋଚିଂ ସେଣ୍ଟର ସ୍ଥାପନ କରିବା ପାଇଁ ଆଗ୍ରହୀ ସଂସ୍ଥାମାନଙ୍କୁ ସରକାର ଆହ୍ୱାନ ଦେଇଛନ୍ତି। ଏଥିନିମନ୍ତେ ଇଚ୍ଛୁକ ସଂସ୍ଥାକୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରାଯିବ। ରାଜ୍ୟର ଡିଗ୍ରୀ କଲେଜମାନଙ୍କରେ ଖାଲି ପଡ଼ିଥିବା ଅଧ୍ୟାପକ-ଅଧ୍ୟାପିକା ପଦବୀ ପୂରଣ ନିମନ୍ତେ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଯାବତ୍ ୪୦୭ଟି ପଦବୀରେ ନିଯୁକ୍ତି ପ୍ରଦାନ କରାଯାଇଥିବାବେଳେ ୪୨୬ଟି ପଦବୀ ପୂରଣ ନିମନ୍ତେ ଓଡ଼ିଶା ଲୋକସେବା ଆୟୋଗକୁ ଅନୁରୋଧ କରାଯାଇଛି। ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟମାନଙ୍କରେ ଷ୍ଟେଟ୍ ସିଲେକ୍ସନ୍ ବୋର୍ଡ଼ ମାଧ୍ୟମରେ ୧୬୨୫ ଜଣ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି ଏବଂ ୮୩୩ଟି ପଦବୀ ପୂରଣ ନିମନ୍ତେ ବିଜ୍ଞାପନ ପ୍ରକାଶ ପାଇଛି। ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ୩୧୭ଟି ସହଯୋଗୀ ଓ ସହକାରୀ ପ୍ରଫେସର ପଦବୀ ପୂରଣ ନିମନ୍ତେ ନିଯୁକ୍ତି ବିଜ୍ଞାପନ ପ୍ରକାଶିତ ହୋଇଛି। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟରେ ସଂରକ୍ଷଣ ନୀତି ନିର୍ଦ୍ଧାରଣ ନିମନ୍ତେ ଉଦ୍ଦିଷ୍ଟ ମାମଲା ବିଚାରାଧୀନ ଥିବାରୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନିର୍ଦ୍ଦେଶକ୍ରମେ ଏହି ନିଯୁକ୍ତି ପ୍ରକ୍ରିୟା ସାମୟିକ ଭାବେ ସ୍ଥଗିତ ରହିଛି। ଏତଦ୍‌ବ୍ୟତୀତ ଅନ୍ୟ ବିଶ୍ୱବିଦ୍ୟାଳୟମାନଙ୍କରେ ଅଧ୍ୟାପକ ନିଯୁକ୍ତିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ୭୭ଟି ପଦବୀ ସୃଷ୍ଟି କରିବା ପାଇଁ ଅନୁମୋଦନ କରିଛନ୍ତି। ଏହି ପଦବୀଗୁଡ଼ିକୁ ଖୁବ୍ ଶୀଘ୍ର ପୂରଣ କରାଯିବ। ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଏବଂ ଉଚ୍ଚଶିକ୍ଷାର ଅନ୍ତର୍ଜାତୀୟ କରଣ ନିମନ୍ତେ ୨୦୧୭ ମସିହାରେ ୫ଟି କମିଟି ଗଠନ କରାଯାଇ ମହାବିଦ୍ୟାଳୟସ୍ତରରେ ପାଠ୍ୟକ୍ରମରେ ଆବଶ୍ୟକୀୟ ସଂସ୍କାର ଓ ସଂଶୋଧନ କରାଯାଉଛି। ବିଦ୍ୟାର୍ଥୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନରେ କୌଣସି ସାଲିସ କରାଯିବ ନାହିଁ ବୋଲି ମତବ୍ୟକ୍ତ କରିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ଦାସ।

# ବଢ଼ିଲା ଭୋଟର ତାଲିକା ସଂଶୋଧନ ଅବଧି

**ଭୁବନେଶ୍ୱର :** କେନ୍ଦ୍ର ନିର୍ବାଚନ କମିଶନଙ୍କ ଆଦେଶ ଅନୁଯାୟୀ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର୍ ତାଲିକା ସଂଶୋଧନ କାର୍ଯ୍ୟକ୍ରମରେ ପରିବର୍ତ୍ତନ କରାଯାଇଛି। ପରିବର୍ତ୍ତିତ କାର୍ଯ୍ୟସୂଚୀ ଅନୁସାରେ, ଦାବି ଓ ଆପତ୍ତି ଫଇସଲା ନଭେମ୍ବର ୩୦ ଶୁକ୍ରବାର ପରିବର୍ତ୍ତେ ଡିସେମ୍ବର ୧୨, ଶନିବାରକୁ ବଢ଼ାଇ ଦିଆଯାଇଥିବା ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଜନସାଧାରଣ ଭୋଟର ତାଲିକା ନେଇ କୌଣସି ଅଭିଯୋଗ ଥିଲେ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳଙ୍କ ନିକଟରେ ଡିସେମ୍ବର ୧୫ ସୁଦ୍ଧା ଆବେଦନ କରିପାରିବେ ଡାଟାବେସ୍ ଓ ଅତିରିକ୍ତ ଭୋଟର୍ ତାଲିକାର ପ୍ରସ୍ତୁତି ଓ ମୁଦ୍ରଣ କାର୍ଯ୍ୟ ୨୦୧୯ ଜାନୁଆରୀ ୧୯କୁ ବୃଦ୍ଧି କରାଯାଇଛି। ସେହିପରି ଚୂଡ଼ାନ୍ତ ଭୋଟର୍ ତାଲିକା ଜାନୁଆରୀ ୪ରେ ନହୋଇ ଜାନୁଆରୀ ୨୧ରେ ପ୍ରକାଶ ପାଇବ। ଜାତୀୟ ଓ ଆଞ୍ଚଳିକ ସ୍ତରର ରାଜନୈତିକ ଦଳ ଏବଂ ଭୋଟରମାନେ ଏହାର ସୁଯୋଗ ନେବାକୁ ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଯୁଗ୍ମ ଶାସନ ସଚିବ ଶତ୍ରୁଘ୍ନ କର ଜଣାଇଛନ୍ତି। ୨୦୧୯ ନିର୍ବାଚନ ପାଖେଇ ଆସୁଥିଲା ବେଳେ ଭୋଟର ତାଲିକା ସଂଶୋଧନ ନେଇ ନିର୍ବାଚନ କମିଶନ ତତ୍ପରତା ପ୍ରକାଶ କରିଛନ୍ତି।

# ଗରିବଙ୍କୁ କଷ୍ଟ ଦେଇ ନିଜର ଆତ୍ମପ୍ରଚାର କରୁଛନ୍ତି ରାଜ୍ୟ ସରକାର : ବିଜେପି

**ଭୁବନେଶ୍ୱର :** ରାଜ୍ୟସରକାର ଜନହିତକର ଯୋଜନା କରିବା ସ୍ୱାଗତଯୋଗ୍ୟ କିନ୍ତୁ ଏହି ଯୋଜନା ଗୁଡ଼ିକର ସଫଳ କାର୍ଯ୍ୟାନ୍ୱୟନ ନହୋଇ କେବଳ ପ୍ରଚାର ସର୍ବସ୍ୱ ଭାବେ ରାଜ୍ୟବାସୀଙ୍କୁ ବିଭ୍ରାନ୍ତି କରାଇବା ଅତ୍ୟନ୍ତ ନିନ୍ଦନୀୟ ଘଟଣା । ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ନୂଆପଡା ଜିଲ୍ଲାର ଲକ୍ଷ୍ମଣ କୁମ୍ଭାର । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ଲକ୍ଷ୍ମଣ କୁମ୍ଭାରଙ୍କୁ ସମସ୍ତ ପ୍ରକାର ଚିକିତ୍ସା ସୁବିଧା ଯୋଗାଇ ଦିଆଯିବାର ଗଣମାଧ୍ୟମରେ ପ୍ରଚାର କରିଥିବାବେଳେ ବାସ୍ତବରେ ଚିକିତ୍ସା ନପାଇ ଶ୍ରୀ କୁମ୍ଭାର ରୋଗ କଷ୍ଟ ସହ ମାନସିକ ଯନ୍ତ୍ରଣା ଭୋଗିଥିଲେ । ରାଜ୍ୟସରକାର ଗରୀବ ଅସହାୟ ଲୋକଙ୍କୁ କଷ୍ଟ ଦେଇ ଆତ୍ମପ୍ରଚାର କରିଚାଲିଛନ୍ତି । ଏଭଳି ମିଛ ପ୍ରଚାର କରି ମୁଖ୍ୟମନ୍ତ୍ରୀ ବାହା ବାହା ନେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ରାଜ୍ୟ ବିଜେପି ନେତ୍ରୀ ଶ୍ରୀମତୀ ଅପରାଜିତା ଷଡଙ୍ଗୀ କହିଛନ୍ତି। ସୂଚନା ଥାଉ କି, ନୂଆପଡା ଜିଲ୍ଲାର ଲକ୍ଷ୍ମଣ କୁମ୍ଭାର ହୃଦ ରୋଗରେ ପୀଡିତ ଥିବାବେଳେ ରାଜ୍ୟସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ତାଙ୍କୁ କୌଣସି ସହାୟତା ଦିଆନଯାଇ ଖବରକାଗଜରେ ମିଥ୍ୟା ବିଜ୍ଞାପନ ପ୍ରକାଶ ପାଇଥିଲା । ଏହି ବିଜ୍ଞାପନକୁ ହିତାଧିକାରୀ ମିଥ୍ୟା ବୋଲି କହି ବର୍ତମାନ ସୁଦ୍ଧା



ଏହି ଯୋଜନା ମାଧ୍ୟମରେ ରାଜ୍ୟସରକାରଙ୍କଠାରୁ କୌଣସି ଚିକିତ୍ସା କିମ୍ବା ଗୋଟିଏ ପଇସା ମିଳିନଥିବା କଥା କହିଥିଲେ । କଟକ ମେଡିକାଲକୁ ଉନ୍ନତମାନର ଚିକିତ୍ସା ପାଇଁ ଶ୍ରୀ କୁମ୍ଭାର ତିନି ତିନି ଥର ଆସି ବିନା ଚିକିତ୍ସାରେ ଫେରି ଯାଇଥିଲେ । ଏହି ଘଟଣା ଜାଣିବା ପରେ ରାଜ୍ୟ ବିଜେପି ସଭାପତି ଶ୍ରୀ ବସନ୍ତ ପଣ୍ଡା ରାଜ୍ୟସରକାରଙ୍କ କାର୍ଯ୍ୟକୁ ଦୃଢ ନିନ୍ଦା କରିବା ସହ ଶ୍ରୀ କୁମ୍ଭାରଙ୍କୁ ଉନ୍ନତମାନର ଚିକିତ୍ସା ପାଇଁ ତୁରନ୍ତ ଏମ୍ସ ହସ୍‌ପିଟାଲରେ ବ୍ୟବସ୍ଥା କରିଥିଲେ। ରାଜ୍ୟସରକାରଙ୍କ ଅବହେଳା କାରଣରୁ ଲକ୍ଷ୍ମଣ କୁମ୍ଭାର ଏବେ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଛନ୍ତି । ଆଜି ବିଜେପି ଉପସଭାପତି ସମୀର ମହାନ୍ତି ଏବଂ ବିଜେପି ନେତ୍ରୀ ଅପରାଜିତା ଷଡଙ୍ଗୀଙ୍କ ନେତୃତ୍ୱରେ ଏକ ପ୍ରତିନିଧୀ ଦଳ ଏମ୍ସ ଯାଇ ଲକ୍ଷ୍ମଣ କୁମ୍ଭାରଙ୍କ ସ୍ୱାସ୍ଥ୍ୟବସ୍ଥା ତଦାରଖ କରିବା ସହ ଡାକ୍ତରମାନଙ୍କ ସହ ଆଲୋଚନା କରିଛନ୍ତି । ଲକ୍ଷ୍ମଣ କୁମ୍ଭାରଙ୍କ ଭବିଷ୍ୟତ ଚିକିତ୍ସା ପାଇଁ ସମସ୍ତ ପ୍ରକାରର ସାହାଯ୍ୟ ସହାୟତା ଯୋଗାଇ ଦେବା ପାଇଁ ଏହି ପ୍ରତିନିଧୀ ଦଳ ଏମ୍ସ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି।

# ପରୀକ୍ଷାରେ ସ୍ୱଚ୍ଛାତା ପାଇଁ ଜାନୁଆରୀ ସୁଦ୍ଧା ସମସ୍ତ କଲେଜରେ ଲାଗିବ ସିସି କ୍ୟାମେରା

**ଭୁବନେଶ୍ୱର :** ଖୁବ୍‌ଶୀଘ୍ର ରାଜ୍ୟର ସମସ୍ତ କଲେଜ କ୍ୟାମ୍ପସ୍‌ରେ ଲାଗିବ ସିସି କ୍ୟାମେରା। ଉଭୟ ସରକାରୀ ଓ ଅନୁଦାନପ୍ରାପ୍ତ କଲେଜରେ ଏହି ବ୍ୟବସ୍ଥା କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ଜାନୁଆରୀ ଶେଷ ସୁଦ୍ଧା ସମସ୍ତ କ୍ୟାମ୍ପସ୍‌ରେ ସିସି କ୍ୟାମେରା ଲଗାଇବା ବାଧ୍ୟତାମୂଳକ କରାଯାଇଛି। ଉଚ୍ଚଶିକ୍ଷା ବିଭାଗର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ରାଜ୍ୟରେ ଗୁଣାତ୍ମକ ଶିକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବାବେଳେ ପରୀକ୍ଷାରେ ସ୍ୱଚ୍ଛତା ଲାଗି ସିସି କ୍ୟାମେରା ବାଧ୍ୟତାମୂଳକ କରାଯାଇଛି। ଆଗକୁ +୨ ଓ ସ୍ନାତକ ପରୀକ୍ଷା ଲାଗି ଫର୍ମ ପୂରଣ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ପରୀକ୍ଷା ପୂର୍ବରୁ ସିସି କ୍ୟାମେରା ଲଗାଇବାକୁ ସମସ୍ତ କଲେଜ ଅଧ୍ୟକ୍ଷଙ୍କୁ ଅବଗତ କରାଯାଇଛି। ରାଜ୍ୟର ପ୍ରାୟ ୧୫ଶହରୁ ଅଧିକ କଲେଜ ରହିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୮ଶହ କଲେଜରେ ସିସି କ୍ୟାମେରା ପୂର୍ବରୁ ଲଗାଯାଇଥିଲା। ମାତ୍ର ସେଥିରୁ କେତେ କ୍ୟାମ୍ପସ୍‌ରେ କ୍ୟାମେରା ଲାଗିଛି ଓ କେଉଁଠି ଲାଗିନି ତା'ର ରିପୋର୍ଟ ସରକାରଙ୍କ ପାଖରେ ନାହିଁ। ତେବେ ଅବଶିଷ୍ଟ ପ୍ରାୟ ୭ଶହ କ୍ୟାମ୍ପସ୍‌ରେ ଆଦୌ ସିସି କ୍ୟାମେରା ବ୍ୟବସ୍ଥା ହୋଇନାହିଁ। ଏପରିକି ଯେଉଁ ସବୁ କ୍ୟାମ୍ପସ୍‌ରେ ପୂର୍ବରୁ ସିସି କ୍ୟାମେରା ଲଗାଯାଇଥିଲା ସେ ସବୁ ଖର୍ଚ୍ଚର ପରିମାଣ ସ୍ପଷ୍ଟ ହୋଇନି। ଏପରିକି କିଛି କଲେଜରେ ବିନା ଟେଣ୍ଡରରେ ବହୁ ଅର୍ଥ ବ୍ୟୟରେ ସିସି କ୍ୟାମେରା କ୍ରୟ ହୋଇଥିଲେ ହେଁ ତା'ର କ୍ୱାଲିଟିକୁ ନେଇ ଅଭିଯୋଗ ଉଠିଛି। ତେବେ କଲେଜରେ ସିସି କ୍ୟାମେରା ଜୁନିୟର କଲେଜ ନା ଡିଗ୍ରୀ କଲେଜ ପକ୍ଷରୁ ଲଗାଯିବ ତାକୁ ନେଇ ମଧ୍ୟ ଛକାପଞ୍ଝା ଆରମ୍ଭ ହୋଇଛି। ଅନେକ କ୍ୟାମ୍ପସ୍‌ରେ ଉଭୟ ଜୁନିଅର ଓ ଡିଗ୍ରୀ କଲେଜ ପରିଚାଳିତ ହେଉଥିବାବେଳେ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜୁନିୟର କଲେଜଗୁଡ଼ିକୁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିଲା। ବର୍ତ୍ତମାନ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପୁଣି ଏ ସମ୍ପର୍କରେ ନିର୍ଦ୍ଦେଶ ମିଳିବା ପରେ ଯେଉଁ ସବୁ କଲେଜରେ ୨ଜଣ ଅଧ୍ୟକ୍ଷ ନିଯୁକ୍ତି ପାଇଛନ୍ତି ସେମାନଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ଅପରପକ୍ଷେ ରାଜଧାନୀରେ ପ୍ରମୁଖ ୧୫ଟି କଲେଜ ରହିଛି। ବାଣୀବିହାର କ୍ୟାମ୍ପସ୍‌ରେ ୮ଟି ଓ ରମାଦେବୀ ବିଶ୍ୱବିଦ୍ୟାଳୟରେ ୬ଟି ସିସି କ୍ୟାମେରା ଲଗାଇବାର ବ୍ୟବସ୍ଥା କରାଯାଇଛି। ସେହିପରି ବିଜେବି, ବେସିକ୍ ସାଇନ୍ସ, ରାଜଧାନୀରେ ୪ଟି ଲେଖାଏଁ, ଅନ୍ୟ କ୍ୟାମ୍ପସ୍‌ରେ ୨ଟି ଲେଖାଏଁ କ୍ୟାମେରା ଲଗାଇବାକୁ ନିର୍ଦ୍ଦେଶ ମିଳିଥିଲା। ମାତ୍ର କିଛି କ୍ୟାମ୍ପସ୍‌ରେ ବର୍ତ୍ତମାନ ଯାଏ ସିସି କ୍ୟାମେରା ଲାଗି ନାହିଁ। ଏହି ବ୍ୟବସ୍ଥା ଲାଗି ନିୟମ କ'ଣ ତାହା ମଧ୍ୟ ଜଣାପଡ଼ିନି। ଅର୍ଥାତ୍ ଏ ନେଇ ଟେଣ୍ଡର ମାଧ୍ୟମରେ ସିସି କ୍ୟାମେରା କ୍ରୟ କରାଯିବ ନା ରାଜ୍ୟ ସରକାରଙ୍କ ଆଇଟି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ହେବ ତାହା ମଧ୍ୟ ଜଣାପଡ଼ିନି।

# ସରୋଜିନୀ ଦାମୋଦରନ୍ ଫାଉଣ୍ଡେସନ ପ୍ରଦାନ କରିବ 'ବିଦ୍ୟାଧନ ସ୍କଲାରଶିପ୍'

**ଭୁବନେଶ୍ୱର :** ଆର୍ଥିକ ଦୃଷ୍ଟିକୋଣରୁ ପଛୁଆ ବର୍ଗ ତଥା ସାଧାରଣ ବର୍ଗର ଛାତ୍ରଛାତ୍ରୀମାନଙ୍କୁ ସରୋଜିନୀ ଦାମୋଦରନ୍ ଫାଉଣ୍ଡେସନ ତରଫରୁ ବିଦ୍ୟାଧନ ସ୍କଲାରଶିପ୍ ପ୍ରଦାନ କରାଯିବା ପାଇଁ ଘୋଷଣା କରାଯାଇଛି। ଏଥିରେ ସାଧାରଣ ବର୍ଗର ମାଟ୍ରିକ୍ ପାସ୍ କରିଥିବା ମେଧାବୀ ଛାତ୍ରମାନେ ଛାତ୍ର ବୃତ୍ତି ପାଇଁ ଆବେଦନ କରିପାରିବେ ଏବଂ ସେହିଭଳି ପଛୁଆ ବର୍ଗ ଓ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନେ କମ ପ୍ରତିଶତ ମାର୍କ ରଖି ମାଟ୍ରିକ୍ ପାସ୍ କରିଥିଲେ ବି ଆବେଦନ କରିପାରିବେ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ଉପଯୁକ୍ତ ବିବେଚିତ ଛାତ୍ରଛାତ୍ରୀଙ୍କୁ ମାଧ୍ୟମିକ ଶିକ୍ଷା ପାଇଁ ବାର୍ଷିକ ୬ ହଜାର ଟଙ୍କା ପ୍ରଦାନ କରାଯିବ। ଏଥିସହିତ ଯେଉଁମାନେ ଡିଗ୍ରୀ କୋର୍ସ ପାଠ ପଢୁଛନ୍ତି ସେମାନଙ୍କୁ ସ୍କଲାରଶିପ୍ ବାବଦରେ ବାର୍ଷିକ ୧୦ ହଜାରରୁ ୬୦ ହଜାର ପର୍ଯ୍ୟନ୍ତ ପ୍ରଦାନ କରାଯିବ। ଶ୍ରୀମତୀ କୁମାର ଶିବୁଲାଲ ଦେଶରେ ଅବହେଳିତ ଶିଶୁଙ୍କୁ ଶିକ୍ଷାର ଅଧିକାର ପ୍ରଦାନ ଦିଗରେ ଆନ୍ତରିକ ଚେଷ୍ଟା କରିବାର ଫଳ ସ୍ୱରୂପ ଏହି ସ୍କଲାରଶିପ୍ ପ୍ରଦାନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଶିକ୍ଷା ମାଧ୍ୟମରେ ଜୀବନକୁ ଉନ୍ନତ କରିବା ଓ ସମାଜ ପାଇଁ ଦାୟିତ୍ୱ ବହନ କରିବା ହେଉଛି ଏହି ଅନୁଷ୍ଠାନର ଲକ୍ଷ୍ୟ। ଅତୀତରେ ଏହି ସଂସ୍ଥା କର୍ଣ୍ଣାଟକ, କେରଳ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ତାମିଲନାଡୁ, ମହାରାଷ୍ଟ୍ର, ଗୁଜୁରାଟରେ ସ୍କଲାରଶିପ୍ ପ୍ରଦାନ ପରେ ସମ୍ପ୍ରତି ଓଡ଼ିଶା ପାଇଁ ଏଭଳି ଘୋଷଣା କରାଯାଇଛି। ଅଧିକ ଜାଣିବା ପାଇଁ **www.vidyadhan.org.in**ରେ ଯୋଗାଯୋଗ କରିପାରିବେ। ଆବେଦନ କରିବାର ଶେଷ ତାରିଖ ଡିସେମ୍ବର ୩୦ ତାରିଖ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

**ମଧ୍ୟାହ୍ନ ଭୋଜନ ତଥ୍ୟ ପ୍ରଦାନରେ ୬ ରାଜ୍ୟ ବିଫଳ**

# ଓଡ଼ିଶାକୁ ଜୋରିମାନା

**ଭୁବନେଶ୍ୱର :** ସରକାରୀ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନର ସମସ୍ତ ତଥ୍ୟ ୱେବସାଇଟ୍‌ରେ ଉପଲବ୍ଧ କରାଇବା ନେଇ ସୁପ୍ରିମକୋର୍ଟ ଓଡ଼ିଶା ସହିତ ୬ ରାଜ୍ୟକୁ ଜୋରିମାନା କରିଛନ୍ତି। ଯେଉଁ ରାଜ୍ୟ ସରକାର ୱେବସାଇଟ୍‌ରେ ତଥ୍ୟ ଦେଇନାହାନ୍ତି, ସେହି ରାଜ୍ୟଗୁଡ଼ିକୁ ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି କୋର୍ଟ। ଓଡ଼ିଶା ସହିତ ୫ ରାଜ୍ୟକୁ ୧ ଲକ୍ଷ ଟଙ୍କା ଲେଖାଏଁ ଜୋରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀକୁ ୨ ଲକ୍ଷ ଟଙ୍କା ଜୋରିମାନା କରାଯାଇଛି। ସରକାରୀ ବିଦ୍ୟାଳୟଗୁଡ଼ିକରେ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ ନେଇ ବେସରକାରୀ ସଂଗଠନ ଅନ୍ତର୍ଜାତୀୟ ମାନବ ଅଧିକାର ପରିଷଦ ତରଫରୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା। ଏହାର ଶୁଣାଣି କରି କୋର୍ଟ ଏହି ରାୟ ଦେଇଛନ୍ତି। ମଧ୍ୟାହ୍ନ ଭୋଜନର କାର୍ଯ୍ୟାନ୍ୱୟନ ଓ ସ୍ୱଚ୍ଛତା ପାଇଁ ଏହାର ସବିଶେଷ ତଥ୍ୟ ୱେବସାଇଟ୍‌ରେ ଦେବା ମାମଲାରେ ବିଚାରପତି




ମଦନ ବି ଲୋକୁର, ଜଷ୍ଟିସ୍ ଦୀପକ ଗୁପ୍ତା ଓ ଜଷ୍ଟିସ୍ ହେମନ୍ତ ଗୁପ୍ତାଙ୍କ ୩ ଜଣିଆ ଖଣ୍ଡପୀଠ ଶୁଣାଣି କରିଥିଲେ। ମଧ୍ୟାହ୍ନ ଭୋଜନର ତଥ୍ୟ ଅନ୍‌ଲାଇନ୍‌ରେ ସାର୍ବଜନୀନ କରିବାକୁ ସମସ୍ତ ରାଜ୍ୟ ସରକାରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଓଡ଼ିଶା, ଅରୁଣାଚଳ ପ୍ରଦେଶ, ଆନ୍ଧ୍ରପ୍ରଦେଶ, ମେଘାଳୟ ଓ ଜାମ୍ମୁ କଶ୍ମୀର ନିର୍ଦ୍ଧାରିତ ସମୟରେ ତଥ୍ୟ ଦେଇପାରିନାହାନ୍ତି। ଓଡ଼ିଶା ଏଥିପାଇଁ ଅତିରିକ୍ତ ସମୟ ମାଗିଥିଲା। ମାତ୍ର କୋର୍ଟ ଓଡ଼ିଶା ସରକାରଙ୍କ ଆବେଦନକୁ ଗ୍ରହଣ କରିନଥିଲେ। ଏହାସହିତ କୋର୍ଟ ଉପରୋକ୍ତ ୫ଟି ରାଜ୍ୟକୁ ୧ ଲକ୍ଷ ଟଙ୍କା ଜୋରିମାନା ଦେବାକୁ କହିଛନ୍ତି।

# 'ଓଡ଼ିଶାର ଅଭିବୃଦ୍ଧି ହାର ବଢୁଛି'

**ଭୁବନେଶ୍ୱର :** ୨୦୧୮ ମସିହାରେ ଭାରତର ଅଭିବୃଦ୍ଧି ହାର ଦ୍ୱିତୀୟ ତ୍ରୈମାସିକ ପ୍ରଥମ ତ୍ରୈମାସିକ ତୁଳନାରେ ୧.୧% ହ୍ରାସ ପାଇଛି। ପ୍ରଥମ ତ୍ରୈମାସିକରେ ୮.୨% ଅଭିବୃଦ୍ଧି ହାର ଥିଲାବେଳେ ଏହା ଦ୍ୱିତୀୟ ତ୍ରୈମାସିକରେ ୭.୧%ରେ ପହଞ୍ଚିଛି। ଆର୍ଥିକ ବର୍ଷ ୨୦୧୮-୧୯ ଶେଷ ସୁଦ୍ଧା ଅଭିବୃଦ୍ଧି ହାର ୭.୧%ରେ ହିଁ ସୀମିତ ରହିବାର ସୂଚନା ମିଳୁଛି ବୋଲି କେନ୍ଦ୍ର ସରକାରଙ୍କ ସଂସ୍ଥା ସେଣ୍ଟ୍ରାଲ ଷ୍ଟାଷ୍ଟିକାଲ୍ ଅର୍ଗାଇଜେସନ୍ (କେନ୍ଦ୍ରୀୟ ପରିସଂଖ୍ୟାନ ପ୍ରତିଷ୍ଠାନ) ଏକ ରିପୋର୍ଟରେ ଉଲ୍ଲେଖ କରିଛି। କୃଷି କ୍ଷେତ୍ରରେ ଅଭିବୃଦ୍ଧି ହାର ପ୍ରଥମ ତ୍ରୈମାସିକରେ ୫.୩% ଥିଲାବେଳେ ଏହା ୨ୟ ତ୍ରୈମାସିକରେ ଦେଢ଼ ପ୍ରତିଶତ ହ୍ରାସ ପାଇ ୩.୮%କୁ ଖସିଛି। ସମାନ ଭାବରେ ଖଣିଜ କ୍ଷେତ୍ରରେ ଅଭିବୃଦ୍ଧି ହାର ୬.୯%ରୁ ୨.୪% ହ୍ରାସ ପାଇ ୪.୨%ରେ ପହଞ୍ଚିଛି। ବିଦ୍ୟୁତ, ରନ୍ଧନ ଗ୍ୟାସ୍, ପାନୀୟ ଜଳ ଓ ଅନ୍ୟାନ୍ୟ ସୁବିଧାର ଅଭିବୃଦ୍ଧି ହାର ୯.୨%ରୁ ଖସି ୭.୩%ରେ ପହଞ୍ଚିଛି। ନିର୍ମାଣ କ୍ଷେତ୍ରରେ ମଧ୍ୟ ଅଭିବୃଦ୍ଧି ହାର ୨ୟ ତ୍ରୟମାସିକରେ ୮.୭%ରୁ ୧.୧% ହ୍ରାସ ପାଇ ୭.୮%ରେ ପହଞ୍ଚିଛି। ଅନ୍ତରାଷ୍ଟ୍ରୀୟ ସଂସ୍ଥାମାନେ ଯଥା, ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍), ମୁଡିସ୍ ଓ ଏସ୍ଆଣ୍ଡପି ମଧ୍ୟ ଭାରତର ଅଭିବୃଦ୍ଧି ହାରକୁ ନେଇ ଚିନ୍ତା ପ୍ରକଟ କରିଛି। ଏହି ସଂସ୍ଥାଗୁଡିକ ଭାରତର ଅଭିବୃଦ୍ଧି ହାର ୭.୩% ମଧ୍ୟରେ ରହିବ ବୋଲି ନିଜର ଗବେଷଣାରୁ ଜାଣିପାରିଛନ୍ତି ଏବଂ ତାହା ନିଜର ରିପୋର୍ଟ ମାଧ୍ୟମରେ ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାର ନିଜର ଭୁଲ ଅର୍ଥନୈତିକ ନିଷ୍ପତ୍ତିଗୁଡିକୁ ଘୋଡ଼ାଇବା ପାଇଁ ଏବଂ ଅଭିବୃଦ୍ଧି ହାରକୁ ଚଞ୍ଚକତା କରି ଅତିରଞ୍ଜିତ କରିବା ପାଇଁ ମୂଳ ବର୍ଷକୁ ରାଷ୍ଟ୍ରୀୟ ଆକାଉଣ୍ଟିଂ ବ୍ୟବସ୍ଥାରେ ପରିବର୍ତ୍ତନ କରିଛନ୍ତି। ଆଗରୁ ମୂଳ ବର୍ଷକୁ ୨୦୦୪-୦୫ ଆର୍ଥିକ ବର୍ଷ ଭାବରେ ନିଆଯାଉଥିବା ବେଳେ ଏହାକୁ ପରିବର୍ତ୍ତନ କରି ୨୦୧୧-୧୨ ଆର୍ଥିକ ବର୍ଷକୁ ମୂଳ ବର୍ଷ ଭାବରେ ନେବା ପଛରେ ଏନ୍‌ଡିଏ ସରକାରର ଅବଧିରେ ଆର୍ଥିକ ଅଭିବୃଦ୍ଧିକୁ ଅତ୍ୟଧିକ କରିବା ପାଇଁ କୃତ୍ରିମ ପ୍ରଚେଷ୍ଟା ରହିଛି। ୧୭ ଅଗଷ୍ଟ ୨୦୧୮ରେ କେନ୍ଦ୍ର ସରକାରଙ୍କ ଅନୁମୋଦିତ ଏକ କମିଟି ଦ୍ୱାରା ଯେଉଁ ଆର୍ଥିକ ଅଭିବୃଦ୍ଧି ହାରର ତଥ୍ୟ ପଦାକୁ ଆସିଲା ତାହା



କେନ୍ଦ୍ର ସରକାରକୁ ହରଡ଼ଘଣାରେ ପକାଇଲା। ଅଭିବୃଦ୍ଧି ହାର ବଢୁଥିବା ସ୍ଥାନରେ ଉପା ସମୟର ଅଭିବୃଦ୍ଧି ହାର ଠାରୁ ହ୍ରାସ ପାଉଥିବା ଦେଖାଗଲା। ଏହାଠାରୁ ମୁକୁଳିବା ପାଇଁ କେନ୍ଦ୍ର ସରକାର ଆଉ ଏକ କମିଟି ମାଧ୍ୟମରେ ୨୯ ନଭେମ୍ବର ୨୦୧୮ରେ ଅଭିବୃଦ୍ଧି ହାରକୁ ନୂତନ ଭାବରେ ରୂପାୟନ କରି ନିଜ ସରକାରକୁ ସୁହାଇଲା ଭଳି ପରିବେଷଣ କଲେ। ଓଡ଼ିଶା କ୍ଷେତ୍ରରେ ଅଭିବୃଦ୍ଧି ହାର ୨୦୧୩-୧୪ ରାଷ୍ଟ୍ରୀୟ ଅଭିବୃଦ୍ଧି ହାର ଠାରୁ ଯଥେଷ୍ଟ ଆଗରେ ରହିଛି। ୨୦୧୭-୧୮ ଆର୍ଥିକ ବର୍ଷ ପାଇଁ ଓଡ଼ିଶାର ଅଭିବୃଦ୍ଧି ହାର ୭.୧୪%ରେ ପହଞ୍ଚିଥିଲା ବେଳେ ଭାରତବର୍ଷର ଅଭିବୃଦ୍ଧି ହାର କେବଳ ୬.୫% ପର୍ଯ୍ୟନ୍ତ ପହଞ୍ଚିପାରିଥିଲା। ଓଡ଼ିଶାର ଅର୍ଥନୀତି ଅଭିବୃଦ୍ଧି ଆସନ୍ତା ବର୍ଷମାନଙ୍କରେ ଆହୁରି ଦ୍ରୁତ ଗତିରେ ଅଗ୍ରସର ହେବାର ଅନେକ ସମ୍ଭାବନା ରହିଛି। ଆର୍‌ବିଆଇ ତଥ୍ୟ ଅନୁଯାୟୀ ୧୯୯୫ରୁ ୧୯୯୯ ମସିହା ପର୍ଯ୍ୟନ୍ତ ଦେଶର ଅଭିବୃଦ୍ଧି ହାର ୬.୭% ଥିଲାବେଳେ ଓଡ଼ିଶା ଅଭିବୃଦ୍ଧି କେବଳ ୩.୮%ରେ ସୀମିତ ଥିଲା। ଏହା କଂଗ୍ରେସ ସରକାର ଅମଳର କଥା। ୨୦୦୦ରୁ ୨୦୦୪ ମଧ୍ୟରେ ଭାରତବର୍ଷର ଅଭିବୃଦ୍ଧି ହାର ୬.୧% ଥିଲାବେଳେ ଓଡ଼ିଶାରେ ଅଭିବୃଦ୍ଧି ୮.୩%କୁ ବଢ଼ିଥିଲା। ୨୦୦୫-୦୯ ଅବଧି ମଧ୍ୟରେ ଭାରତବର୍ଷର ଅଭିବୃଦ୍ଧି ହାର ୮.୫% ଥିଲାବେଳେ ଓଡ଼ିଶାରେ ୯% ଥିଲା, ଯାହାକି ଦେଶର ଅଭିବୃଦ୍ଧି ହାର ଠାରୁ ଯଥେଷ୍ଟ ଅଧିକ। ୨୦୧୫-୧୬ ଆର୍ଥିକ ବର୍ଷରେ ଭାରତବର୍ଷର ଅଭିବୃଦ୍ଧି ହାର ୬.୬% ହୋଇଥିବା ବେଳେ ଓଡ଼ିଶା ତାହାଠାରୁ ଯଥେଷ୍ଟ ଆଗରେ ରହି ୧୦.୪% ଅଭିବୃଦ୍ଧି ହାରରେ ଉନ୍ନତି ପଥରେ ଆଗେଇ ଚାଲିଥିଲା।




ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୦ - ୧୬ ଡିସେମ୍ବର, ୨୦୧୮

# ବ୍ୟବସ୍ଥା ନବଦଳିଲେ ଅବସ୍ଥା ବଦଳିବନାହିଁ



ସମ୍ପାଦକୀୟ
ତାରକ ମହାନ୍ତି

**ଆ**ଶ୍ରୟଦାତାଙ୍କ ଅଶୋଭନୀୟ ଆଚରଣ କେତେ ଲଜ୍ଜାଜନକ ତାହା ବିବେକବାନ ମଣିଷ ମାନେ ହିଁ ଅନୁଭବ କରିପାରିବେ। ଦାରିଦ୍ର୍ୟତାର ସୁଯୋଗ ନେଇ ଯେଉଁମାନେ କୋମଳମତି ବାଳିକା ମାନଙ୍କୁ ଯୌନ ଶୋଷଣ କରୁଛନ୍ତି ସେମାନଙ୍କ କ୍ଷେତ୍ରରେ ଯେତେ ବି ଦଣ୍ଡବିଧାନ କରାଗଲେ ତାହା କମ ପଡିବ। କାରଣ ଅନ୍ଧାରି ମୁଲକରୁ ଆସି ଶିକ୍ଷାର ଆଲୋକ ଦେଖିବାକୁ ଚାହୁଁଥିବା ବାଳକ ହୁଅନ୍ତୁ ବା ବାଳିକା ସେମାନଙ୍କୁ ଉତ୍ତମ ପଥରେ ନେବା ବଦଳରେ ଯେଉଁମାନେ ନାରକୀୟ କାଣ୍ଡ ଘଟାଉଛନ୍ତି ତାହା ଅତ୍ୟନ୍ତ ନିନ୍ଦନୀୟ। ନିକଟରେ ଏଭଳି ଏକ ସମ୍ବେଦନଶୀଳ ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପର ହୋଇ ଉଠିଥିଲେ ବି ଘଟଣା ପଛର ସମ୍ପୂର୍ଣ୍ଣ ରହସ୍ୟ ଲୋକଲୋଚନକୁ ଆସିପାରିନାହିଁ। ଢେଙ୍କାନାଳର ବେଲଟିକିରି ଘଟଣାରେ କେବଳ ଅନ୍ତେବାସୀଙ୍କୁ ଯୌନ ଶୋଷଣ ନୁହେଁ ବରଂ ଏଥିରେ ଧର୍ମାନ୍ତିକରଣ ଭଳି ସାଂଘାତିକ ତଥ୍ୟ ଲୁଚି ରହିଥିବା ପଦାକୁ ଆସିଛି। 'ଗୁଡ୍ ନିଉଜ୍ ଇଣ୍ଡିଆ' ନାମକ ଏକ ସେଲ୍ଟର ହୋମ୍ (ଆଶ୍ରୟ ସ୍ଥଳ)ରେ ଶିଶୁଙ୍କୁ ନିର୍ଯାତନା ଦିଆଯିବା ଘଟଣାକୁ ଏକ ସଦ୍ୟତମ ଉଦାହରଣ ଭାବେ ଗ୍ରହଣ କରାଯାଇପାରେ। ଘଟଣା ପଦାକୁ ଆସିଲା ପରେ ରାଜ୍ୟ ଓ କେନ୍ଦ୍ର ସରକାର ଏନେଇ ତତ୍ପର ହୋଇ ଉଠିଥିଲେ ବି ପୂର୍ବରୁ କୌଣସି ତଦାରଖ ନହେବା ଫଳରେ ଏଭଳି ଘଟଣା ଘଟିବା ସମ୍ଭବ ହୋଇପାରିଲା ବୋଲି କହିହେବ। ଶିଶୁଙ୍କ ପ୍ରତି ନିର୍ଯାତନା ଏକ ଅପରାଧ ହୋଇଥିଲେ ସୁଦ୍ଧା ଯେଉଁମାନେ ଏହି ଘଟଣା ଘଟାଉଛନ୍ତି ସେମାନେ ଆଇନକୁ ଡର ନଥିବା ଭଳି ସ୍ପଷ୍ଟ ଅନୁମେୟ। ଅନୁଷ୍ଠାନର ମୁଖ୍ୟ ଯେଉଁଠି ଯୌନ ଶୋଷଣର ଖଳନାୟକ ସେଠାରେ ଆଉ କାହାକୁ ଦୋଷ ଦେଇହେବନି। ଆଶ୍ରୟ ଗୃହରେ ଯୌନ ଶୋଷଣ ଚାଲିଥିବା ନେଇ ସମ୍ପୃକ୍ତ ଅନୁଷ୍ଠାନର ଜଣେ କର୍ମଚାରୀ ଗୁମର ଫିଟାଇବା ପରେ ଏହା ସାଧାରଣ ଲୋକେ ଜାଣିପାରିଲେ। ସଂସ୍ଥାର ମୁଖିଆ ନାବାଳିକାମାନଙ୍କୁ କୁଣ୍ଢାଇ ଚୁମ୍ବନ ଦେବା ଭଳି ହୀନ କାର୍ଯ୍ୟ କରୁଥିଲେ ବୋଲି ଅଭିଯୋଗ ଆସିବା ପରେ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ତେବେ ଏଭଳି କୁତ୍ସିତ କାରନାମା ଚାଲୁଥିବା ଏକ ଆଶ୍ରୟ ଗୃହ ସମ୍ପର୍କରେ କେହି କେମିତି ଆଗରୁ ଜାଣିପାରିଲେ ନାହିଁ। ରାଜ୍ୟରେ ଥିବା ଏଭଳି ସଂସ୍ଥାମାନେ ବେଆଇନ ଭାବେ ଆଶ୍ରୟ ଗୃହ ଚଳାଉଥିଲେ ତାହା ନିଶ୍ଚିତ ଆଇନ ବିରୋଧୀ। ଆଉ ଯେଉଁମାନେ ପଞ୍ଜିକୃତ ଆଶ୍ରୟ ଗୃହର ମାନ୍ୟତା ପାଇ ଏହା ଚଳାଉଛନ୍ତି ସେମାନେ ସରକାରଙ୍କ ନୀତି ନିୟମ ବାହାରକୁ ଯାଇ କୌଣସି କାର୍ଯ୍ୟ କରିବା ମଧ୍ୟ ଗୁରୁତର ଅପରାଧ ଭାବେ ବିବେଚନା କରାଯାଏ। ତେବେ ଯୌନ ଶୋଷଣ ଭଳି ଘୃଣ୍ୟ କାର୍ଯ୍ୟ ସହ ଧର୍ମାନ୍ତିକରଣ ଭଳି ଘଟଣାକୁ ପୃଥକ ଭାବେ ବିଚାର କରାଯାଏ। ଶିକ୍ଷାଦାନ ନାଁରେ ଅସହାୟତାର ସୁଯୋଗ ନେଇ ଯେଉଁମାନେ ଏଭଳି କାର୍ଯ୍ୟରେ ଲିପ୍ତ ରହୁଛନ୍ତି ସେମାନଙ୍କୁ ଆଇନ ଅଦାଲତ ବ୍ୟତୀତ ସାମାଜିକ ସ୍ତରରେ ବାସନ୍ଦ କରାଯିବା ସହିତ ଭବିଷ୍ୟତରେ ଯେଭଳି କୌଣସି ଲୋକ ଏହା ନ କରନ୍ତି ସେଥିପାଇଁ କଠୋର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। ତେବେ ଢେଙ୍କାନାଳ ମାମଲାରେ ଧର୍ମାନ୍ତିକରଣର ଯେଉଁ ଫଟୋ ଚର୍ଚ୍ଚାରେ ରହିଛି ତାହା ଓଡ଼ିଶାର ନୁହେଁ ବୋଲି ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଆଇନର ଗଳାବାଟ ଦେଇ ଯେଉଁମାନେ ଏଭଳି କୁକର୍ମ କରିବାକୁ ପଛାଉ ନାହାନ୍ତି ସେମାନଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ଅନୁସନ୍ଧାନ କରି ଆଇନ ହାତରେ ଧରାଇ ଦେବା ମଧ୍ୟ ସାଧାରଣ ଲୋକଙ୍କ ଦାୟିତ୍ୱ। ଲୋକେ ଯେଉଁ ଘଟଣା ଆଖି ସାମ୍ନାରେ ଦେଖୁଛନ୍ତି ବା ଜାଣୁଛନ୍ତି ତାହା ପ୍ରଶାସନ ଦୃଷ୍ଟିକୁ ନେବାର ମଧ୍ୟ ଆବଶ୍ୟକତା ରହିଛି।

ଦେଶରେ ଢେଙ୍କାନାଳର ସେଲ୍ଟର ହୋମ୍ ଭଳି ଅନେକ ଆଶ୍ରୟ ଗୃହ ଗଢ଼ି ଉଠିଥିଲେ ବି ତା' ଉପରେ ପ୍ରଶାସନର କଡା କଟକଣା ନଥିବାର ସୁଯୋଗ ନେଇ ଏଭଳି କିଛି ଘଟଣାମାନ ଘଟୁଛି। ପୀଡିତ ବା ପୀଡିତାମାନେ ଏନେଇ ପ୍ରାଥମିକ ସ୍ତରରେ କୌଣସି ମୁହଁ ଖୋଲୁ ନଥିବାରୁ ଦୋଷୀମାନେ ନିର୍ବିଘ୍ନରେ ଏହା ଘଟାଇ ଚାଲୁଛନ୍ତି। ପ୍ରଶାସନ ନଜରକୁ ଏହି ଖବର ଆସିବା ବେଳକୁ ନେଡିଗୁଡ କହୁଣୀକୁ ବୋହି ଯାଇଥାଏ। ଯେଉଁଥିରେ ପୀଡିତ ବା ପୀଡିତାମାନେ ସେମାନଙ୍କର ସର୍ବସ୍ୱ ହରାଇ ଆତ୍ମଦହନରେ ଛଟପଟ ହେବା ବ୍ୟତିରେକ ଅନ୍ୟ କୌଣସି ଉପାୟ ପାଆନ୍ତି ନାହିଁ। ଭବିଷ୍ୟତ ଗଢ଼ିବାର ସ୍ୱପ୍ନ ଦେଖିଥିବା ଏହି କୋମଳମତି ଶିଶୁମାନେ ଦୋଷୀମାନଙ୍କ ପାଇଁ ନର୍କ କୁଣ୍ଡରେ ପଡିଲା ଭଳି ଜୀବନ ଯାପନ କରିବା ସହିତ ଭବିଷ୍ୟତ ପାଇଁ ଦେଖିଥିବା ସ୍ୱପ୍ନ ହଜାଇ ବସନ୍ତି। ଅପକର୍ମ କରୁଥିବା ବ୍ୟକ୍ତି ନିଜର ସାମାନ୍ୟ ବୁଦ୍ଧି, ବିବେକ, ଜ୍ଞାନ ଖଟାଇଥିଲେ ଏଭଳି ସମ୍ବେଦନଶୀଳ ଘଟଣା ଘଟନ୍ତା ନାହିଁ। ପ୍ରଶାସନର ଅନେକ ବିଭାଗ ଏସବୁ କାର୍ଯ୍ୟରେ ତଦାରଖ କରିବା ପାଇଁ ନିୟୋଜିତ ଥିଲେ ବି କେଉଁଠି ନା କେଉଁଠି ଫାଙ୍କ ସୃଷ୍ଟି ହେବାରୁ ଘଟଣା ଘଟିବା ସଂଖ୍ୟା ବଢ଼ି ଚାଲୁଛି। ଅପରପକ୍ଷେ ଏଭଳି ବେଆଇନ କାର୍ଯ୍ୟ ଚାଲୁଥିବା ସଂସ୍ଥା କେଉଁ କେଉଁ ସୂତ୍ରରୁ ଅର୍ଥ ଆଣି ଏହାକୁ ଚଳାଉଛନ୍ତି ସେ ସମ୍ପର୍କରେ ଆରମ୍ଭରୁ ତନଖି ନହେବା ବା ସୂଚନା ପାଇବାରେ ତ୍ରୁଟି ରହିବା କାରଣରୁ ଅନେକ ବେଆଇନ ସେଲ୍ଟର ଗୃହ ଗଢ଼ି ଉଠୁଛି। ଏଭଳି ନିର୍ଯାତନା ଘଟଣା ନୂଆ କଥା ନ ହୋଇଥିଲେ ବି ଘଟଣା ଯେ କେତେ ସଙ୍ଗୀନ ତାହା ସମସ୍ତେ ଅନୁଭବ କରିବା ଉଚିତ। ଢେଙ୍କାନାଳ ଘଟଣାରେ ଉପଯୁକ୍ତ ତଦନ୍ତ ସହିତ ମାନବିକତା ଆଧାରରେ ଘଟଣାର ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ ହେବାର ଆବଶ୍ୟକତା ରହିଛି। କାରଣ ସାରୁ ଖୋଳୁ ଖୋଳୁ ମହାଦେବ ବାହାରିଲା ପରି ଗୋଟିଏ ବେଆଇନ ଅନୁଷ୍ଠାନର ବେଆଇନ କାର୍ଯ୍ୟ ସମ୍ପର୍କରେ ଯେତେବେଳେ ଅନୁସନ୍ଧାନ ଆରମ୍ଭ ହୁଏ ସେତେବେଳେ ଅନ୍ୟ ଦୋଷୀ ସଂସ୍ଥା ବା ବ୍ୟକ୍ତି ନିଶ୍ଚୟ ଭୟ ପାଆନ୍ତି। ତେଣୁ ଯେପର୍ଯ୍ୟନ୍ତ ବ୍ୟକ୍ତି ବା ଅନୁଷ୍ଠାନ ପ୍ରଶାସନ ପ୍ରତି ନିଜର ଭୟ ନ ରଖିଛି ସେ ପର୍ଯ୍ୟନ୍ତ ଏଭଳି ଜଘନ୍ୟ କାଣ୍ଡରୁ ନିସ୍ତାର ମିଳିବା ମୁସ୍କିଲ୍। ସାମୟିକ ଭାବେ ଯେଉଁମାନେ ନିଜର ବ୍ୟକ୍ତିତ୍ୱକୁ ଉଜ୍ଜ୍ୱଳ କରି ସଂସ୍ଥାକୁ ନିର୍ଭେଜାଲ ଦେଖାନ୍ତି ସେମାନଙ୍କ ସମ୍ପର୍କରେ ଅତ୍ୟନ୍ତ ଗୋପନୀୟ ଭାବେ ତଥ୍ୟ ଆହରଣ କରାନଗଲେ ବାସ୍ତବ ସ୍ଥିତି ଯେ କ'ଣ ଜାଣିବା କଠିନ କାର୍ଯ୍ୟ। ତେଣୁ ଓଡ଼ିଶାର ଯେଉଁ ଜିଲ୍ଲାରେ ବି ଆଶ୍ରୟ ଗୃହରେ କେଲେଙ୍କାରୀ ଚାଲିଛି ବୋଲି ପଦାକୁ ତଥ୍ୟ ଆସୁନାହିଁ ବା ଆସିବାର ସମ୍ଭାବନା ନାହିଁ ସେଭଳି ଅନୁଷ୍ଠାନ ପ୍ରତି ଗୁଇନ୍ଦା ବିଭାଗର ସତର୍କ ଦୃଷ୍ଟି ମଧ୍ୟ ରହିବା ଦରକାର। ବେଙ୍ଗଲ ସୋସାଇଟ ରେଜିଷ୍ଟ୍ରେସନ ଆକ୍ଟ ଅନୁସାରେ ରେଜିଷ୍ଟ୍ରେସନ ହୋଇଥିବା ଫାୟାଜର ଏହି ଅନୁଷ୍ଠାନକୁ ବିଦେଶରୁ ଟଙ୍କା ଆସୁଥିବା ନେଇ ସେ ସ୍ୱୀକାର କରିଛି। ତେବେ ଏହି ଟଙ୍କା ଅବହେଳିତଙ୍କ ଶିକ୍ଷା ପାଇଁ ଆସୁଥିଲା କିମ୍ବା ଧର୍ମାନ୍ତିକରଣ ପାଇଁ ଆସୁଥିବା ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପ୍ରଶାସନ ଏନେଇ ଖୋଳତାଡ ଆରମ୍ଭ କରିଦେଇଛି। ହେଲେ ଏହା କେବଳ 'ଗୁଡ ନିଉଜ ଇଣ୍ଡିଆ' ଭଳି ସଂସ୍ଥାରେ ଘଟୁନାହିଁ। ଅନେକ ସରକାରୀ ଆଶ୍ରୟ ଗୃହରେ ମଧ୍ୟ ଏଭଳି କିଛି ଘଟୁଥିବା ନେଇ ବାରମ୍ବାର ଖବରମାନ ପଦାକୁ ଆସୁଛି। କେଉଁଠି ଖାଦ୍ୟାଭାବରୁ ପିଲାମାନେ ହଷ୍ଟେଲ ଛାଡୁଛନ୍ତି ତ ଆଉ କେଉଁଠି ଅନୁଷ୍ଠାନର ଦାୟିତ୍ୱରେ ଥିବା କର୍ମଚାରୀଙ୍କ ନିର୍ଯାତନା ଯୋଗୁ ପାଠ ଛାଡୁଛନ୍ତି। ପଥ ଦେଖାଇବା ଲୋକ ନିଜେ ଅପଥରେ ଗଲେ ବ୍ୟବସ୍ଥା ଭୁସୁଡି ପଡିବା ସୁନିଶ୍ଚିତ।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ସେମିଫାଇନାଲ ପରେ ଓଡ଼ିଶାରେ ରାଜନୀତିର ରଣାଙ୍ଗନ



ବାଦଲ ଭୂୟାଁ

**ସା**ଧାରଣ ନିର୍ବାଚନ ପୂର୍ବରୁ ସେମିଫାଇନାଲ କୁହାଯାଉଥିବା ଭାରତର ପାଞ୍ଚୋଟି ରାଜ୍ୟର ବିଧାନସଭା ନିର୍ବାଚନ ଫଳ ଭାରତୀୟ ରାଜନୀତି ପାଇଁ ବହୁତ ବଡ଼ ଗୁରୁତ୍ୱ ରଖୁଛି। ପ୍ରଚଣ୍ଡ ଶୀତ ଭିତରେ ବି ରାଜନୀତିର ତାତି ସମସ୍ତଙ୍କ ଭିତରେ ଉଷ୍ମତା ଓ ବିଭିନ୍ନ ଚର୍ଚ୍ଚାର ଦାନା ବାନ୍ଧି ସାରିଲାଣି। କୁହାଯାଉଛି ଏହି ସେମିଫାଇନାଲରେ କେନ୍ଦ୍ରର ମୋଦି ସରକାରର ଅସଲ ଅଗ୍ନି ପରୀକ୍ଷା ହୋଇଯିବ। ଓଡ଼ିଶା ରାଜନୀତିରେ କିନ୍ତୁ ଚଳିତ ଡିସେମ୍ବର ଅତ୍ୟନ୍ତ ସ୍ମରଣୀୟ ଓ ଗୁରୁତ୍ୱପୂର୍ଣ୍ଣ। ଡିସେମ୍ବର ୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୋର୍ଦ୍ଧା ଜନସେବାରେ ଯୋଗଦେବେ। ୨୬ ତାରିଖ ଦିନ ବିଜୁ ଜନତା ଦଳ ତାର ପ୍ରତିଷ୍ଠା ଦିବସ ରହିଥିବାରୁ ନିର୍ବାଚନ ପୂର୍ବରୁ କର୍ମୀ ମାନଙ୍କ ଭିତରେ ଯୋରଦାର ଉତ୍ସାହ ଓ ଦମ୍ଭ ବଢ଼ାଇବା ପାଇଁ ଆକର୍ଷଣୀୟ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି। ଏହି ଦିବସରେ ଅନ୍ୟ ଦଳରୁ ଗୋଡ ଟେକି ବସିଥିବା କିଛି ବଡ଼ ବଡ଼ ନେତାଙ୍କୁ ଦଳରେ ମିଶାଇ ବିରୋଧୀ ବିଜେପି ଓ କଂଗ୍ରେସକୁ ଚକ୍‌ମା ଦେବା ପାଇଁ ବିଜେଡ଼ି ତାର ରଣନୀତି ତିଆର କରିଛି। ୨୪ ତାରିଖରେ ବିଜେପିର ଜାତୀୟ ଚେହେରା ମୋଦିଙ୍କ ରାଜନୀତିକ ପ୍ରଶ୍ନର ଜବାବ ବିଜେଡ଼ି ୨୬ ତାରିଖ ସଭାରେ ଦେବ। ଏହିପରି ଘମାସନ ଭିତରେ ଡିସେମ୍ବର ଶେଷ ସପ୍ତାହରେ କଂଗ୍ରେସ ଯୁବରାଜ ରାହୁଲ ଗାନ୍ଧୀ ଦୁଇଦିନ ଗସ୍ତ କରି ଭଙ୍ଗା ପଡ଼ିଥିବା ଦଳର ଉତ୍ସାହକୁ ଜୁଆରିଆ କରିବେ। ପୁରୀରୁ ମୋଦି ନିର୍ବାଚନ ଲଢ଼ି ଓଡ଼ିଶାରୁ ହିଁ ପୂର୍ବ ଭାରତ ଦଖଲର ରଣନୀତି ରଖିଥିବାରୁ ଏ ନେଇ ଅନେକ କଳ୍ପନା ଜଳ୍ପନା ଆକାଶ ଛୁଇଁଲାଣି। ଆସନ୍ତା ସାଧାରଣ ନିର୍ବାଚନରେ କେନ୍ଦ୍ର ବିଜେପି ତା ରାଜନୈତିକ ଗଣିତର ସବୁ ଅଙ୍କ କଷି ସାରିଲାଣି। ହିନ୍ଦୀ ଭାଷାଭାଷୀ ରାଜ୍ୟରେ ବିଜେପି ଯେଉଁ କ୍ଷତି ସହିବ ଏହାକୁ ଓଡ଼ିଶା, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶରୁ ପୂରଣ କରିବା ଚକ୍ରରେ ଦଳର ଗେମ ଚେଞ୍ଜର ମୋଦି-ଶାହା ଯୋଡ଼ି ରହିଛନ୍ତି। ଗତ ମେ'ରେ ମୋଦି କଟକ, ସେପ୍ଟେମ୍ବରରେ ତାଳଚେର ଓ ଝାରସୁଗୁଡ଼ା ସଭାରେ ବିଜେପି କର୍ମୀଙ୍କୁ ଯେଉଁ ଯୋଶ ଭରିଥିଲେ ତାର ପ୍ରସ୍ତୁତିର ହିସାବ କିତାବ କରିବା ପାଇଁ ସମ୍ଭବତଃ ଡିସେମ୍ବରରେ ଆସୁଛନ୍ତି।

୧୧ ତାରିଖରେ ଭାରତର ପାଞ୍ଚୋଟି ରାଜ୍ୟର ନିର୍ବାଚନ ଫଳ ପ୍ରକାଶ ପାଇବ। ୧୨ ତାରିଖରୁ ସଂସଦର ଅଧିବେଶନ ଆରମ୍ଭ ହୋଇସାରିଥିବ। ବିଜେଡ଼ି ହକି କାର୍ଡ଼ ପରେ ମହିଳା ସଂରକ୍ଷଣ କାର୍ଡ଼ ଯେଉଁପରି ଭାବରେ ଯୋଜନାବଦ୍ଧ ରଣନୀତି ଭିତରେ ଖେଳୁଛି ତାହା ବିଜେପି ଓ କଂଗ୍ରେସକୁ ଅକଳରେ ପକାଇବା ପାଇଁ ସକ୍ଷମ। ଓଡ଼ିଶାରେ ଶିଳ୍ପ ମହାକୁମ୍ଭ ସଫଳ ହେବାପରେ ପୁରୁଷ ବିଶ୍ୱକପ୍ ହକି ସମଗ୍ର ପୃଥିବୀରେ ଓଡ଼ିଶାକୁ ତାର ବର୍ଣ୍ଣାଢ଼୍ୟ ଆୟୋଜନ ନେଇ ଚକିତ କରିଦେଇଛି। ବର୍ଷ ବର୍ଷ ଧରି ପଡ଼ିରହିଥିବା ମହିଳା ସଂରକ୍ଷଣ ବିଲ୍‌କୁ ବିଜେଡ଼ି ସୁପ୍ରିମୋ ନବୀନ ବାବୁ ଯେଉଁପରି ଭାବେ ଯୋରଦାର ଉଦ୍ୟମ ଆରମ୍ଭ କରିଛନ୍ତି ତାହା ଦୁଇ ବିରୋଧୀ ଦଳର ଅକଲ ଗୁଡୁମ କରିଦେଇସାରିଲାଣି। ଭିତିରିଆ ଖବର ଯାହା ମିଳିଛି ବିଜେପିର ପ୍ରଭାବୀ ଓ ଶକ୍ତିଶାଳୀ ଚେହେରା ନରେନ୍ଦ୍ର ମୋଦି ଡିସେମ୍ବର ପରେ ଜାନୁଆରୀରେ ଦୁଇଟି ସଭା କରିବା ପାଇଁ ଯୋଜନା କରିଛନ୍ତି। ଓଡ଼ିଶାକୁ ଭାଜପା ଫୋକସ୍‌ରେ ରଖିଥିବାରୁ ଜାନୁଆରୀରେ ପଶ୍ଚିମ ଓଡ଼ିଶା ଓ ଉତ୍ତର ଓଡ଼ିଶାରେ ଭୋଟ ବ୍ୟାଙ୍କକୁ ଶକ୍ତିଶାଳୀ କରିବା ପାଇଁ ମୋଦି ଏହି ଦୁଇଟି ପ୍ରମୁଖ କ୍ଷେତ୍ରକୁ ଗୁରୁତ୍ୱ ଦେଇଛନ୍ତି। ସେହିପରି ନିରଞ୍ଜନ ବାବୁଙ୍କ ନେତୃତ୍ୱରେ ରାଜ୍ୟ କଂଗ୍ରେସ ଆଗଉଥିବାବେଳେ ଶ୍ରୀକାନ୍ତ ବାବୁଙ୍କୁ ନେଇ ଦଳ ଯେଉଁ ଝଟ୍‌କା ଖାଇଛି ଓ କୃଷ୍ଣ ସଗରିଆ ଦଳରୁ ଇସ୍ତଫା ଦେଇ ଦଳ ବିରୋଧରେ ଯେଉଁ ବିଶୋଦ୍‌ଗାର କରିଛନ୍ତି ତାର କୌଣସି ଫାଇଦା ବିରୋଧୀ ନେବା ପୂର୍ବରୁ ରାହୁଲ ଗାନ୍ଧୀ ଡ୍ୟାମେଜ୍ କଣ୍ଟ୍ରୋଲ ପାଇଁ ଓଡ଼ିଶା ଗସ୍ତ କରୁଛନ୍ତି। ଓଡ଼ିଶାରେ ବିଜେଡ଼ି ବିରୁଦ୍ଧରେ ମୁଖ୍ୟ ବିରୋଧୀ ଥିବା କଂଗ୍ରେସ ତୃତୀୟ ସ୍ଥାନକୁ ବିଦାୟ ହେବା ପରେ ବର୍ତ୍ତମାନ ବିଜେଡ଼ି ଓ ବିଜେପି ହିଁ ଦୁଇ ପ୍ରମୁଖ ଶକ୍ତି ଭାବେ ଉଭା ହେଲେଣି। ବିଜେପିରେ ବରିଷ୍ଠ ଆଇଏଏସ୍ ଅପରାଜିତା ଷଡ଼ଙ୍ଗୀ ଯୋଗଦେବା ପରେ ଦଳ ନିଶ୍ଚିନ୍ତ ଭାବରେ ଶକ୍ତିଶାଳୀ ହୋଇଛି। ଦଳରେ କନକବର୍ଦ୍ଧନ ସିଂହଦେଓଙ୍କ ପରି ଲୋକପ୍ରିୟ, ଅଭିଜ୍ଞ, ଦୂରଦୃଷ୍ଟିସମ୍ପନ୍ନ ଓ ଓଡ଼ିଶା ବିଜେପିର ବଡ଼ ଚେହେରା କୁହାଯାଉଥିବା ବ୍ୟକ୍ତିତ୍ୱ ଅଛନ୍ତି। ଓଡ଼ିଶା ବିଜେପିରେ କନକ ବର୍ଦ୍ଧନ ବାବୁଙ୍କ ଯୋଗଦାନ ଓ ଦାୟିତ୍ୱବୋଧ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ପ୍ରଭାବଶାଳୀ। ଆଜି ଓଡ଼ିଶା ବିଜେପି ଯେଉଁ ପ୍ରତିଷ୍ଠା ଓ ଉଚ୍ଚତାରେ ପହଞ୍ଚିଛି ତାହାର ବଡ଼ ଭାଗର ଶ୍ରେୟ ନେବେ କନକ ବର୍ଦ୍ଧନ ବାବୁ। ମୋଦି-ଶାହା ଯୋଡ଼ି କନକବର୍ଦ୍ଧନ ସିଂହଦେଓଙ୍କ ବ୍ୟକ୍ତିତ୍ୱ ଓ ପ୍ରଭାବକୁ ଆଗାମୀ ନିର୍ବାଚନରେ ବ୍ୟବହାର କରି ଦଳକୁ ବଡ଼ ଫାଇଦା ଦେବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ନବୀନ ସରକାରଙ୍କୁ ରାହୁଲ ଗାନ୍ଧୀ ବା ସୋନିଆ ଗାନ୍ଧୀ କେବେ ବି ସିଧାସଳଖ ସମାଲୋଚନା କରିନାହାନ୍ତି। କୁହାଯାଏ ନବୀନ ବାବୁ କୁଆଡ଼େ କେନ୍ଦ୍ର କଂଗ୍ରେସ ସହ ଭିତିରିଆ ନିବିଡ଼ ସମ୍ପର୍କ ରଖିଛନ୍ତି। ତେବେ ଓଡ଼ିଶା କଂଗ୍ରେସରେ ଦଳୀୟ କର୍ମୀଙ୍କ ଭିତରେ ଉତ୍ସାହ ଯୋଗାଇବା ପାଇଁ ରାହୁଲ ଗାନ୍ଧୀ ମୋଦି ଓ ନବୀନଙ୍କ ଭିତରୁ କାହାଙ୍କୁ ଟାର୍ଗେଟ କରୁଛନ୍ତି ତା ଉପରେ ରାଜନୈତିକ ସମୀକ୍ଷକ ମାନଙ୍କ ଆଖି। ପାଞ୍ଚୋଟି ରାଜ୍ୟ ବିଧାନସଭା ନିର୍ବାଚନର ଫଳ କଂଗ୍ରେସ ସପକ୍ଷରେ ଗଲେ ଏହାର ପରୋକ୍ଷ ପ୍ରଭାବ କିଛିଟା ଓଡ଼ିଶା ଉପରେ ପଡ଼ିବ। ତେବେ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ହେଉଛି ବିଜେଡ଼ିର ଜୋରଦାର ପ୍ରସ୍ତୁତି। ଓଡ଼ିଶାରେ ବିଜେଡ଼ି ଏକମାତ୍ର ଦଳ ଯିଏକି ତୃଣମୂଳ ସ୍ତରରେ ତା କର୍ମୀମାନଙ୍କୁ ସଶକ୍ତ କରିବା ସହ ଯେତିକ କଲ୍ୟାଣକାରୀ ଯୋଜନା ହାତକୁ ନେଇ ସାରିଛି ତାହା ବିଜେଡ଼ିର ଭୋଟ ବ୍ୟାଙ୍କ ପାଇଁ ଖୁବ୍ ଯଥେଷ୍ଟ। ଯେ କୌଣସି ମୁହୂର୍ତ୍ତରେ ନିର୍ବାଚନ ହେଲେ ବିଜେଡ଼ି ଯେଉଁପରି ପ୍ରସ୍ତୁତିର ରୁଟିନ୍ ୱାର୍କ ସାରି ସାରିଛି ତାହା ଅନ୍ୟ ଦୁଇ ଦଳ ଭିତରେ ଆଦୌ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା କୁହାଯାଉଥିଲେ ବି ଦଳର ନେପଥ୍ୟ ନାୟକ ପାଣ୍ଡିଆନ ମହୋଦୟ ଯେଉଁପରି ଭାବରେ ଦଳ ଓ ସରକାରଙ୍କୁ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇ ପାରିଛନ୍ତି ଏହି କ୍ଷେତ୍ରରେ ବିଜେଡ଼ି ତାଙ୍କ ପାଖରେ କୃତଜ୍ଞତା ଜ୍ଞାପନ କରିବା କଥା। ପ୍ରଣବ ପ୍ରକାଶ ଦାସ, ଅରୁଣ ସାହୁ, ସଞ୍ଜୟଦାଶ ବର୍ମା, ଅତନୁ ସବ୍ୟସାଚୀଙ୍କ ପରି ଓଡ଼ିଶା ବିଜେଡ଼ିର ଚାରୋଟି ସ୍ତମ୍ଭର ଅର୍ଜ୍ଜୁନ ପରି ରଣନୀତିର ସିଦ୍ଧହସ୍ତ ସଶକ୍ତ ବିନ୍ଧାଣୀ ରହିଛନ୍ତି। ସରକାରଙ୍କ ଠାରୁ ମନ୍ତ୍ରୀମଣ୍ଡଳର ଦାୟିତ୍ୱରୁ ଦୂରେଇ ଦଳକୁ ପ୍ରସ୍ତୁତ କରିବାରେ ଓ କର୍ମୀଙ୍କୁ ଶକ୍ତିଶାଳୀ କରିବା ସହ ଲୋକପ୍ରିୟ ଯୋଜନାର ଅନ୍ୟତମ ଶ୍ରେୟ ଏହି ଚାରିଜଣଙ୍କ ପାଖକୁ ନିଶ୍ଚୟ ଯିବ। ନିର୍ବାଚନ ପୂର୍ବରୁ ବିଜେପି ଓ କଂଗ୍ରେସରୁ କିଛି ପ୍ରଭାବଶାଳୀ ନେତା ବିଜେଡ଼ିରେ ଯୋଗ ଦେବାର ସମ୍ଭାବନା ରହିଛି। ବିଜୟ ମହାପାତ୍ର ଓ ଦିଲ୍ଲୀପ ରାୟଙ୍କ ପରି ଓଡ଼ିଶା ରାଜନୀତିର ପ୍ରଭାବଶାଳୀ ଓ ଅଭିଜ୍ଞସମ୍ପନ୍ନ ନେତା ବିଜେଡ଼ିକୁ ବାହୁଡ଼ିଲେ ସେମାନଙ୍କ ଅବଦାନ ଦଳର ଭୋଟବ୍ୟାଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ। ତେବେ ସେ ସବୁ ନିଷ୍ପତ୍ତି ସୁପ୍ରିମୋ ନବୀନ ବାବୁଙ୍କ ଉପରେ ନ୍ୟସ୍ତ। ବିଜେଡ଼ି ତାର ୨୬ ତାରିଖର ପ୍ରତିଷ୍ଠା ଦିବସ ଅବସରରେ ଦଳୀୟ କର୍ମୀଙ୍କୁ ନିର୍ବାଚନ ପ୍ରସ୍ତୁତିର ରଣନୀତି ସାମ୍ନାରେ ରଖିବା ସହ ଓଡ଼ିଶାରେ ସରକାରଙ୍କ ଲୋକପ୍ରିୟ ଯୋଜନାକୁ ରଣନୀତିର ମୁଖ୍ୟ ପ୍ରସଙ୍ଗ କରିବ। ପାଞ୍ଚୋଟି ରାଜ୍ୟର ବିଧାନସଭା ନିର୍ବାଚନ ବିଜେଡ଼ି ପାଇଁ କୌଣସି ପ୍ରଭାବ ରଖି ନପାରେ କିନ୍ତୁ ଏହା ବିଜେପି ଓ କଂଗ୍ରେସ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଡିସେମ୍ବରରେ ତିନୋଟି ଦଳର ଭାଷଣବାଜି ଲଢ଼େଇ ଓଡ଼ିଶା ରାଜନୀତିକୁ ପ୍ରକମ୍ପିତ କରିବ ନିଶ୍ଚୟ। ତେବେ କାହା ଖାତାକୁ କେତେ ଭୋଟ ସେ ସବୁ ଜାଣିବା ପାଇଁ ୨୦୧୯ର ନିର୍ବାଚନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହିଁ ପଡ଼ିବ।

*୪ଜି ପ୍ରତାପ ଆପାର୍ଟମେଣ୍ଟ,*
*ପୁରୁଣା ସୋନାରୀ, ଜାମସେଦପୁର*
*ମୋ : ୭୪୮୮୯୯୮୫୩୨*

# ମହିଳାଙ୍କ ପାଇଁ ସଂରକ୍ଷଣ



ଝରଣା ପଣ୍ଡା

**ଭା**ରତୀୟ ଗଣତନ୍ତ୍ରକୁ ସୁଦୃଢ଼ କରିବା ସହ ସମାଜରେ ନାରୀ ଶକ୍ତିକୁ ଜାଗରିତ କରିବା ପାଇଁ ଅନେକ ଚିନ୍ତନ ଓ ଯୋଜନା କାର୍ଯ୍ୟକାରୀ ହେଉଛି। ସଂସଦ ଓ ବିଧାନସଭାରେ ମହିଳା ମାନଙ୍କୁ ୩୩ ପ୍ରତିଶତ ପ୍ରତିନିଧିତ୍ୱର ବ୍ୟବସ୍ଥା କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧପୂର୍ଣ୍ଣ ଚିଠି ଲେଖିବା ପରେ ଏହା ସମଗ୍ର ଭାରତ ବର୍ଷର ମହିଳା ସଶକ୍ତିକରଣର ଏକ କ୍ରାନ୍ତିକାରୀ ପଦକ୍ଷେପ କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଶା ବିଧାନସଭାରେ ବିଧିବଦ୍ଧ ଭାବରେ ସଂକଳ୍ପ ଗୃହୀତ ହୋଇସାରିଛି। ସଂସଦ ଓ ବିଧାୟକ ପଦବୀରେ ୩୩ ପ୍ରତିଶତ ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥାକୁ ନେଇ ଭାରତୀୟ ରାଜନୀତିରେ ଅନେକ ଝଡ଼ ଉଠିଛି। ଏହି ବିଲ୍ ସଂସଦରେ ପ୍ରସ୍ତାବିତ ଆଗତ ହୋଇମଧ୍ୟ ଅଟକି ରହିଛି। ଶାସକ ବିଜେପି ଏହା ସପକ୍ଷରେ ଥିବାବେଳେ ଅଧିକାଂଶ ରାଜନୈତିକ ଦଳ ଏହାକୁ ସମର୍ଥନ ଦେଉଛନ୍ତି କିନ୍ତୁ ବାସ୍ତବିକ କଥା ହେଉଛି ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଆନ୍ତରିକ ଭାବ ନେଇ କୌଣସି ଦଳର ଶ୍ରଦ୍ଧା ଦେଖାଯାଉନାହିଁ। ସଂସଦରେ ଏହା ପାସ ହେବା ପରେ ଆଇନର ମାନ୍ୟତା ପାଇ ରାଜ୍ୟ ବିଧାନସଭାରେ ବିଲ୍ ଆଗତ ହେବା ପରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ସମ୍ଭବ ହୋଇପାରିବ। ସର୍ବଭାରତୀୟ ସ୍ତରରେ ଓଡ଼ିଶା ଏ କ୍ଷେତ୍ରରେ ଗୋଟିଏ ପାଦ ଆଗକୁ ଯାଇ ବିଧାନସଭାରେ ସବୁ ଦଳ ମତର ମତ ଓ ସମର୍ଥନ ଲୋଡ଼ି ସର୍ବସମ୍ମତିକ୍ରମେ ସଂକଳ୍ପ ଗୃହୀତ କରିବାରେ ସକ୍ଷମ ହୋଇଛି।

୧୯୯୦ ମସିହାରେ ଓଡ଼ିଶା ରାଜନୀତିର କିମ୍ବଦନ୍ତୀ ଜନନେତା ରାଷ୍ଟ୍ରନାୟକ ବିଜୁ ପଟ୍ଟନାୟକ ସର୍ବପ୍ରଥମେ ପଞ୍ଚାୟତ ଓ ପୌର ସଂସ୍ଥାରେ ମହିଳା ମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରଖିଥିଲେ। ସମଗ୍ର ଦେଶରେ ଏହା ଥିଲା ପ୍ରଥମ ଘଟଣା। କେବଳ ସେତିକିନୁହେଁ ବିଜୁ ବାବୁ କର୍ମକ୍ଷେତ୍ରରେ କର୍ମଜୀବୀ ମହିଳା ମାନଙ୍କ ପାଇଁ ପୁରୁଷଙ୍କ ସହ ମହିଳାଙ୍କର ସମାନ ମଜୁରୀ ବ୍ୟବସ୍ଥା କରିଥିଲେ। ୨୦୧୧ ମସିହାରେ ଓଡ଼ିଶା ସରକାର ପଞ୍ଚାୟତ ଓ ପୌର ସଂସ୍ଥାରେ ମହିଳା ମାନଙ୍କର ପ୍ରତିନିଧିତ୍ୱର ସଂରକ୍ଷଣ ୩୩ ପ୍ରତିଶତରୁ ୫୦ ପ୍ରତିଶତକୁ ବଢ଼ାଇଛନ୍ତି। ମହିଳା ସଶକ୍ତିକରଣରେ ଓ ସେମାନଙ୍କର ସାମଗ୍ରୀକ ଅଭିବୃଦ୍ଧି ଓ ବିକାଶ ପାଇଁ ଏହା ଉତ୍ସାହର ଘଟଣା। ମହିଳାମାନେ ଆଜି ରାଜନୀତି ଠାରୁ ଚିକିତ୍ସା ସେବା, କ୍ରୀଡ଼ା କ୍ଷେତ୍ର ଠାରୁ ସୂଚନା ପ୍ରଯୁକ୍ତି ବିଦ୍ୟା, ସେନା ବାହିନୀ ଠାରୁ ଶିଳ୍ପୀକଳା, ସାମ୍ବାଦିକତା ଠାରୁ ନ୍ୟାୟ ବ୍ୟବସ୍ଥା ସବୁଥିରେ ଆଗୁଆ ହେଉଛନ୍ତି। ସର୍ବଭାରତୀୟ ସ୍ତର ଓ ରାଜ୍ୟ ସ୍ତରୀୟ ଅନେକ ପ୍ରତିଯୋଗିତାରେ ମହିଳା ମାନେ ପୁରୁଷ ମାନଙ୍କ ଠାରୁ ଅଧିକ ସଫଳ ହେଉଛନ୍ତି ଯାହାକି ସଶକ୍ତି କରଣର ବିକଶିତ ଦିଗର ଏକ ବଡ଼ ପ୍ରମାଣ। ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳା ସଶକ୍ତିକରଣ ଓ ମହିଳାଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ସର୍ବାଧିକ ଗୁରୁତ୍ୱ ଦେଇ ସେମାନଙ୍କ ସର୍ବାଙ୍ଗୀନ ଉନ୍ନତି ନିମିତ୍ତ ଅନେକ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ନିକଟରେ ସରକାରଙ୍କ ଶିଳ୍ପ ମହାକୁମ୍ଭରେ ରାଜ୍ୟ ସରକାରଙ୍କ ମହିଳା ଏସଏଚ୍‌ଜି ଓ ଅନ୍ୟ ମହିଳା ସଂଗଠନମାନେ ସେମାନଙ୍କର ବିକଶିତ ଓ ଅଭିବୃଦ୍ଧିର ପ୍ରଗତିର ଯେଉଁ ଚିତ୍ର ବଖାଣି ଥିଲେ ତାହା କେବଳ ମୁଖ୍ୟମନ୍ତ୍ରୀ ନୁହେଁ ଜାତୀୟ ସ୍ତରର ବିଶିଷ୍ଟ ଶିଳ୍ପପତିମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ମହିଳା ସଶକ୍ତିକରଣ ହେଉଛି ଦେଶର ସଶକ୍ତିକରଣ। ମହିଳା ସଶକ୍ତିକରଣ ବିନା କୌଣସି ପରିବାର, କୌଣସି ସମାଜ, କୌଣସି ରାଜ୍ୟ ଓ କୌଣସି ଦେଶ ଆଗକୁ ବଢ଼ି ପାରିବନାହିଁ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ୧୫୦ତମ ଜନ୍ମବାର୍ଷିକୀ ଦେଶ ପାଳନ କରୁଥିବା ସମୟରେ ଜାତିର ପିତା ମହାତ୍ମା ଗାନ୍ଧୀ ସବୁବେଳେ ସମାଜରେ ମହିଳା ମାନଙ୍କ ସଶକ୍ତିକରଣ ଓ ଲିଙ୍ଗଗତ ସମାନତା ବିଷୟରେ କହୁଥିବାରୁ ଚଳିତ ବର୍ଷରେ ଏହି ମହିଳା ସଂରକ୍ଷଣ ବିଲ୍ ପାସ ହେଲେ ଏହା ଜାତିର ପିତାଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ। ଓଡ଼ିଶାରେ ଶକ୍ତିଶାଳୀ ବିଜେଡ଼ି ପରି ଏକ ଆଞ୍ଚଳିକ ଦଳର ନେତୃତ୍ୱ ନେଇ ସୁପ୍ରିମୋ ନବୀନ ପଟ୍ଟନାୟକ ନିଜ ଦଳର ସାଂସଦ, ମନ୍ତ୍ରୀ, ବିଧାୟକ ମାନଙ୍କୁ ଜାତୀୟ ସ୍ତରର ଓ ବିଭିନ୍ନ ଆଞ୍ଚଳିକ ସ୍ତରର ଦଳମାନଙ୍କର ସମର୍ଥନ ଲୋଡ଼ିବା ପାଇଁ ଏକ ପ୍ରଶଂସନୀୟ ଉଦ୍ୟମ ଆରମ୍ଭ କରିଛନ୍ତି। ଭାରତ ବର୍ଷର ଅନେକ ରାଜ୍ୟ ଅନେକ ସମ୍ପ୍ରଦାୟରେ ପୁରୁଷ ମାନଙ୍କୁ ପଛ କରି ମହିଳା ମାନେ ସଂସାର ସମ୍ଭାଳିବା ସହ ତାଙ୍କ ମେହନତୀରେ ହିଁ ପରିବାର ଚଳୁଥିବାର ଉଦାହରଣ ରହିଛି। ତେଣୁ ଦଳମତ, ଲିଙ୍ଗ, ବର୍ଣ୍ଣ ଭାବନାକୁ ପଛରେ ଛାଡ଼ି ଆମ ସମସ୍ତଙ୍କ ଭିତରେ ଏହି କ୍ରାନ୍ତିକାରୀ ସଶକ୍ତିକରଣର ଦିଗରେ ମୂଲ୍ୟବୋଧ ବୁଝି ଏହାକୁ ସମର୍ଥନ କରିବା ପାଇଁ ଆଗେଇ ଆସିବା ଜରୁରୀ। ମହିଳା ସଶକ୍ତିକରଣର ବିକାଶରେ କେବଳ ତା' ପରିବାର ନୁହେଁ ସମାଜ, ରାଜ୍ୟ, ଦେଶ ସମସ୍ତଙ୍କର ମଙ୍ଗଳ ସାଧନ ହୋଇପାରିବ।

*'ୱେଲବିଙ୍ଗ', ବିଜୁପଟ୍ଟନାୟକ*
*ଛକ, ତୁଳସୀପୁର, କଟକ*
*ମୋ : ୦୬୭୧୨୩୦୨୩୦୦*

# ମୋକ୍ଷ ପଥ

ଯୋଗୀ ଗଣେଶ୍ୱର

ଭାଗ-୩୪

**"ଶୁଣ୍ଡିଆଣି ଅଟେ ଷୋଡ଼ଶ ବୟସୀ**
**ଦେଖି ଗୋବିନ୍ଦ ରୂପକୁ।**
**ମଦନେ ବିହ୍ୱଳ ହୋଇଣ ସେ**
**ନାରୀ କିଛି ନ ରୁଚଇ ତାକୁ ॥"**

**ଭୈ**ରବପୁରରୁ ବିଦାୟ ହୋଇ ଗୁରୁ ଶିଷ୍ୟ ଦୁହେଁ ମାଳବଦେଶ ପଥରେ ଯାତ୍ରା କରୁଥିଲେ। ଅତି ଦୁର୍ଗମ ବଣପାହାଡ଼ ଭିତରେ ଅଙ୍କାବଙ୍କା ରାସ୍ତା ଦେଇ ସେମାନେ କଷ୍ଟରେ ପଦଯାତ୍ରା କରୁଥିଲେ। ପଥପ୍ରାନ୍ତରେ ଅନେକ ହିଂସ୍ରଜନ୍ତୁଙ୍କୁ ନିକଟରେ ଦେଖି ଗୋବିନ୍ଦଙ୍କ ମନରେ ଭୟ ସୃଷ୍ଟି ହେଉଥିଲା। ସେ ବାଘ ସିଂହ ଆଦି ପଶୁଙ୍କୁ ଦେଖି ଭୟଭିତ ହେଉଥିବା କାଳରେ ହାଡ଼ିପା ସାନ୍ତ୍ୱନାବାଣୀ ଶୁଣାଇ ଭୟଦୂର କରୁଥିଲେ। କଥୋପକଥନରେ ଏମିତି ବାଟ ଚାଲିଚାଲି ସନ୍ଧ୍ୟା କାଳରେ ମାଳବଦେଶର କୌମୁଦନଗରରେ ଯାଇ ପହଚିଂଲେ। ହାଡ଼ିପା ସେ ନଗ୍ରର ଭଲମନ୍ଦ କଥା ସେଠାକାର ଲୋକଙ୍କୁ ପଚାରି ବୁଝିଲେ। ସେଇ ନଗ୍ରରେ ବାସ କରୁଥିବା ଧନୀଶୁଣ୍ଡି ବଡ଼ ଅତିଥିବତ୍ସଳ। ସେଇଠାରେ ରାତ୍ର ରହଣୀ ଭଲ ହେବ ବୋଲି ଜଣେ ସାଧୁବ୍ୟକ୍ତି ସୂଚନା ଦେବାରୁ ହାଡ଼ିପା ଧନୀଶୁଣ୍ଡି ଦ୍ୱାରରେ ପହଚିଂ ଶିବମନ୍ତ୍ର ପାଠକଲେ। ଶିବଙ୍କ ମହିମା କର୍ଣ୍ଣରେ ପଡ଼ନ୍ତେ ଧନୀଶୁଣ୍ଡି ଦ୍ୱାରଖୋଲି ଦେଖିଲେ ଦୁଇଜଣ ରଷିପୁତ୍ର ଦଣ୍ଡାୟମାନ ଅଛନ୍ତି। ସେ ପ୍ରଣାମ ଜଣାଇ ଘର ଭିତରକୁ ପାଛୋଟି ନେଲେ। ଆନନ୍ଦ ଗଦଗଦ୍ ହୋଇ ଉଭୟଙ୍କ ପଦଧୌତ କଲେ। ନିର୍ମଳ ଆସନରେ ବସାଇ ଶୁଦ୍ଧପାନୀୟ ଦେଇ ସନ୍ତୋଷ କଲେ। ତହିଁପରେ କରଯୋଡ଼ି ପୁଚ୍ଛା କଲେ ହେ'ସାଧୁଜନେ,ଆମେ ଜାତିରେ ଶୁଣ୍ଡି। ନୀଚକୁଳରେ ଜାତହୋଇ ଦୈନନ୍ଦିନ ମଦ୍ୟବେପାର କରି ଦିନ ବଚିଂଥାଉ। ଶିବଙ୍କ ପୟରରେ ନିତ୍ୟ ଧ୍ୟାନ କରି ଲୋକଙ୍କ ଇଚ୍ଛା ପୂରଣ କରିଥାଉ। ଏହା ଆମ୍ଭର କୌଳିକବୃତ୍ତି ହୋଇଥିବାରୁ ସକାଳରୁ ସଞ୍ଜଯାଏଁ ଆମ୍ଭେ ପତିପତ୍ନୀ ଦୋକାନଗୃହରେ ବସି ମଦ ବିକିଥାଉ। ଏହି ନଗରରେ ଅନେକ ସାଧୁସନ୍ଥ ବାସ କରୁଛନ୍ତି। ସେମାନଙ୍କ ଦ୍ୱାରକୁ ନ ଯାଇ ଆମର କେଉଁ ଗୁଣ ଦେଖି ରାତ୍ରିଯାପନ ନିମନ୍ତେ ଏହି ନୀଚଲୋକ ଘର ପସନ୍ଦକଲ,ବୁଝାଇ କହିଲେ ସନ୍ତୋଷ ହେବୁ।

ହାଡ଼ିପା ମନରେ ଭାଳିହେଲେ ଗୋବିନ୍ଦଙ୍କ ମୃ୍ୟତୁଯୋଗ ପାଖେଇ ଆସୁଛି। ଆଉ ଅଳ୍ପଦିବସ ପରେ ଏକବିଂଶବର୍ଷର ତିଥିରେ ଯମଦେବ ବିଧିବିଧାନ ଅନୁଯାଇ ଗୋବିନ୍ଦଙ୍କୁ କାଳପାଶରେ ବାନ୍ଧି ନେବେ। ଏହି ସଂକଟମୟ କାଳରେ ଗୋବନ୍ଦ ସଂପୂର୍ଣ୍ଣ ମାୟାମୁକ୍ତ ହେବା ଆବଶ୍ୟକ। ସେ ମନରେ ଉପାୟ ପାଚିଂଲେ। ଶୁଣ୍ଡି ମୁଖକୁ ଚାହିଁ ହାଡ଼ିପା କହିଲେ-ହେ'ଧନେଶ୍ୱର,ଶାସ୍ତ୍ରମତେ ପେଟ ପୋଷିବା ପାଇଁ କୌଳିକବୃତ୍ତିକୁ ଆପଣେଇବା ଦୋଷାବହ ନୁହେଁ। ତୁମେ ଜଣେ ଶିବଭକ୍ତ ହୋଇଥିବାରୁ ଆମେ ଛାଏଁ ଆକର୍ଷିତ ହୋଇ ତୁମ ନିକଟକୁ ଚାଲି ଆସିଛୁ। ତୁମର ବହୁତ ଧନସମ୍ପଦ ରହିଛି। ଧନର ତିନିପ୍ରକାର ଗତି ହେଉଛି ଭୋଗ,ଦାନ,ବାଜ୍ୟାପ୍ତି ! ଯଦି ତୁମେ ଧନ ଭୋଗ କରି ପାରିବ ନାହିଁ ତେବେ ଉପଯୁକ୍ତ ପାତ୍ରରେ ଦାନ କରିଦିଅ ! କାରଣ ସମ୍ପଦ ଦୀର୍ଘଦିନ ଗଚ୍ଛିତ ରହିଲେ ଯେ କୌଣସି ବାଟରେ ବାଜ୍ୟାପ୍ତି ହେବା ସାର ହେବ। ଆମେ ଗୁରୁଶିଷ୍ୟ ଦୁହେଁ ପଥଶ୍ରମୀ ହୋଇ ତୁମ ଘରେ ଆଶ୍ରୟ ନେଇଛୁ। କାଲି ପ୍ରଭାତରେ ଏଠାରୁ ଅଶୀକୋଶ ଦୂର କୌଶିକମଠ ଉଦ୍ଦେଶ୍ୟରେ ମୋର ଯାତ୍ରା ଆରମ୍ଭ ହେବ। ମାତ୍ର ମୋରଶିଷ୍ୟ ତୁମଘରେ ଶ୍ରମ କରି ମୋର ଫେରିବା ପର୍ଯ୍ୟନ୍ତ ପ୍ରତୀକ୍ଷା କରିବ। ସେଇ ଶ୍ରମ ବଦଳରେ ମୋର ବାଟଖର୍ଚ୍ଚା ପାଇଁ କିଛି ଧନ ପ୍ରଦାନ କର। ସେଠାରୁ ଫେରିଲେ ଶିଷ୍ୟକୁ ଧରି ପୁଣି ଗନ୍ତବ୍ୟପଥରେ ଆମେ ଯାତ୍ରା କରିବୁ। ମୋର ଏଇ ଚେଲାଟି ତୁମର ସମସ୍ତ ସେବା କରି ଋଣ ପରିଶୋଧ କରିବ। ତାଙ୍କୁ ତୁମେ ଦୈନିକ କେବଳ ପାଚଂମୁଠା ତଣ୍ଡୁଳ ଦେଉଥିବ। ତାହା ଭକ୍ଷଣ କରି ସେ ତୁମର ସେବାରେ ବ୍ରତୀ ରହିବ। ହାଡ଼ିପାଙ୍କ ମୁଖରୁ ଏପରି ବଚନ ଶ୍ରବଣ କରି ଧନେଶ୍ୱର କରଯୋଡ଼ି କହିଲେ ହେ'ମହାଭାଗ,ତୁମକୁ ଧନଦେବାରେ ମୋର ଦ୍ୱିଧାବୋଧ ନାହିଁ। ସେଥିନିମନ୍ତେ ଶିଷ୍ୟର କି ଆବଶ୍ୟକତା ରହିଛି ! ହାଡ଼ିପା ବୁଝାଇ ଦେଲେ ଶ୍ରମ ନ କରି ଯେଉଁ ମନୁଷ୍ୟ କେବଳ ଭୋଜନରେ ମନ ଦିଏ,ସେଇ ଖାଦ୍ୟରସ ଶରୀରରେ ବିପରୀତ ପ୍ରଭାବ ପକାଇଥାଏ। ଏତିକି ବେଳେ ଧନୀଶୁଣ୍ଡିଙ୍କ ପତ୍ନୀ ଦୁଗ୍ଧ,ଦହି,ଛେନା ଆଦି ସାତ୍ତ୍ୱିକ ଭୋଜନ ଧରି ପହଚିଂଲେ। ଅତିବ ସୁନ୍ଦରୀନାରୀ ଦେଖି ହାଡ଼ିପା କୃତାର୍ଥ ହେଲେ। ଯଦି ଏଠାରେ ଗୋବିନ୍ଦ ମନରେ ବିକାର ଜାତହେବ,କିଛି ବିଷୟାରସ ଉତ୍ପନ୍ନ ହେବ,ତେବେ ଆଗକୁ ଭଲମନ୍ଦ ଫଳ ଅବଶ୍ୟ ପ୍ରକାଶ ପାଇବ ! ତହିଁପରେ ଭୋଜନ ଗ୍ରହଣ କରି ଗୁରୁଶିଷ୍ୟ ଦୁହେଁ ବିଶ୍ରାମ ନେଲେ।


ପ୍ରାତଃରୁ ଉଠି ହାଡ଼ିପା କହିଲେ- ବସ୍ୱଗୋବିନ୍ଦ, ତୁମେ ଏଇଠାରେ କିଛି ଦିବସ ରହିଯାଅ ! ଏଠାରୁ ଅଶୀମାଇଲ ଦୂର କୌଳଭ ପର୍ବତ ଉପରେ ଅବସ୍ଥିତ ମଠର ମହନ୍ତ ପ୍ରାଣୀଙ୍କ ମଙ୍ଗଳ ନିମନ୍ତେ ଯେଉଁ କୀର୍ତ୍ତନଯଜ୍ଞର ବ୍ୟବସ୍ଥା କରିଛନ୍ତି,ସେଥିରେ ମୋର ସାଥୀ ସୋଦରଗଣ ଯୋଗ ଦେଉଛନ୍ତି। ସ୍ୱୟଂ ଭଗବାନଶିବ ସେଇ କୀର୍ତ୍ତନଯଜ୍ଞର ଅଧକ୍ଷତା କରିବେ। ମୋତେ ଏବେ ସେଇ ପର୍ବତ ଅଭିମୁଖେ ଯାତ୍ରା କରିବାକୁ ପଡ଼ିବ। ଧନେଶ୍ୱରଙ୍କ ମୁଖକୁ ଚାହିଁ ହାଡ଼ିପା କହିଲେ,ଏହାଙ୍କୁ ପୁତ୍ର ପରି ଲାଳନ ପାଳନ କରୁଥିବ। ପେଟ ପାଇଁ ମୁଠାଏ ଚାଉଳ,ବଡ଼ି ବାଇଗଣ ଦେଇ କାମରେ ଲଗାଉଥିବ। ଏହା କହି ହାଡ଼ିପା ଧନେଶ୍ୱରଶୁଣ୍ଡି ଗୃହ ତ୍ୟାଗକରି ଚାଲିଗଲେ। ହାଡ଼ିପା ଚାଲିଯିବା ପରେ ଅତି ସୁନ୍ଦରୀ ଧନେଶ୍ୱରଙ୍କ ପତ୍ନୀ ଗୋବିନ୍ଦଙ୍କୁ ଏକା ପାଇ ତାଙ୍କ ବାହୁଧରି ଗୃହଭିତରକୁ ପାଛୋଟି ନେଲେ। ତୃଷ୍ଣା ନୟନରେ ମୁଖମଣ୍ଡଳକୁ ଚାହିଁ କହିଲେ,ତୁମେ ଏତେ ସୁନ୍ଦରପୁରୁଷ ହୋଇ ବିବାହ ନ କରି ଯୋଗୀ ହେଲ କାହିଁକି ? ସେଇ ଦି'ହାତେ ବସ୍ତ୍ର ଭିତରେ ତୁମ ସୌନ୍ଦର୍ଯ୍ୟ ପଦ୍ମପୁଷ୍ପ ପରି ଫୁଟି ଉଠୁଛି ! ତୁମ ରୂପକାନ୍ତି ଦେଖିଲେ କୋଉ ନାରୀ ଅବା ସମ୍ଭୋଗ ଇଚ୍ଛା ନ କରିବ ! ତୁମେ ଯେପରି ଶିବଙ୍କୁ ଭଜୁଛ,ମୋର ମଧ୍ୟ ଶିବଙ୍କ ପ୍ରତି ପ୍ରଗାଢ଼ ଭକ୍ତି ରହିଛି। ତୁମେ ଯେତେ ଦିବସ ମୋ ଗୃହରେ ରହିବ ଲିଙ୍ଗରାଜ ରୂପରେ ମୋ ସହିତ ଚୋରା ପୀରତି କରି ପାରିବ। ହରି ଓଁ ତତସତ୍ !

*ଦୂରଭାଷ-୯୬୬୮୬୩୧୨୫୭*

# ପିଲାଙ୍କ ଦୁନିଆ



ସାନ୍‌ଭି ସାହୁ
ଷ୍ଟାଣ୍ଡାର୍ଡ- ୨
କେମ୍ବ୍ରିଜ୍ ସ୍କୁଲ, ମୁମ୍ବାଇ






ସୋନାଲ ସାହୁ
ଷ୍ଟାଣ୍ଡାର୍ଡ-୭
କେମ୍ବ୍ରିଜ୍ ସ୍କୁଲ, ଠାକୁର କମ୍ପ୍ଲେକ୍ସ, ମୁମ୍ବାଇ

# ଚିହ୍ନ



**ଅନ୍ତର୍ଯ୍ୟାମୀ ମିଶ୍ର**

**ତୁ**ମେ କହୁଛ ଘର ତୋଳିବ ତୋଳ ହୋ'
ମୋର ସେଥିରୁ କ'ଣ ଯାଉଛି...
ମୋତେ ତ ଲୋଡ଼ା
ଗୋଟେ ତାରା ଭର୍ତ୍ତି ସଫେଦ୍ ଜହ୍ନରାତିର ଆକାଶ...
ଯଉଠି ମୁଁ ନିଦକୁ ପାରି ବେଶ୍ ଆରାମରେ ଦେଖିପାରିବି ସପନ...।

ଘରସାରା ଥାକ ଥାକ କରି ସଜେଇବ ତୁମ ଆଭିଜାତ୍ୟ ପଣିଆର
ସୋଫା, ଫ୍ରିଜ୍, ଆଲଣା ଓ ଟିଭି
ରକମ ରକମ ମଣିଷପଣର ମେଡେଲ୍ ...।


ମୋର ସେଥିରୁ କ'ଣ ଯାଉଛି...
ମୋତେ ତ ଲୋଡ଼ା ଛଅଟି ଯାକ ଋତୁଙ୍କ ସ୍ପର୍ଶ
ଯଉ ସ୍ପର୍ଶ ପାଇ
ମୁଁ ନିଇତି ନିଇତି ଫୁଟଉଥିବି ଫୁଲ ବାସ୍ନାରେ ମହକଉଥିବି ସମୟ...।

ତୁମେ କହୁଛ ଗେଟ୍‌ରେ ଝୁଲେଇବ ନାମ ଫଳକ
ଝୁଲାଅ ହୋ
ମୋର ସେଥିରୁ କ'ଣ ଯାଉଛି...
ମୋତେ ତ ଲୋଡ଼ା ସାରା ଜୀବନ ଝୁଲି ରହିବାକୁ ମୋ ପରି ଆଉଜଣେ...।

ସେ ଗପ କହୁଥିବ ମୁଁ ଊଁ ମାରୁଥିବି
ଗପ ସରିବନି କି ଫୁଲଗଛ ମରିବନି..।
ଯୁଗ ଯୁଗ ପରେ ଯୁଗ ବିତିଯିବ
ଯଉ ମାଟିରେ ତିଆରି ଥିଲ ଘର ସେଇ ମାଟିରେ ନିଜେ ମିଶିଯିବ...
ତୁମ ଘରଲୋକ, ସାହି ପଡ଼ିଶା,
ଦରାଣ୍ଡୁଥିବେ ରାସ୍ତା ଘାଟରେ, ଛକ ବଜାରରେ, ପୋଖରୀ ତୁଠରେ...
ସିନେମା ହଲ୍‌ରେ
ତୁମର ପାଦ ଚିହ୍ନ ...।

ତୁମେ କୋଉ ଛାଡ଼ିବା ଲୋକ କି ହୋ'
ପକେଟ୍‌ରେ ପୁରେଇ ନିଜ ସହ ନେଇଯାଇଛ ପାଦ ଆଉ ଚିହ୍ନ
ଛାଡିଥିଲେ ହୁଏତ ମୁଁ ତୁମକୁ ଦେଇଥାନ୍ତି ଚିହ୍ନ
ହଉ ହେଲା ହେଲା ମୁଁ ଆଗ କିଏ ଚିହ୍ନ ?...।

*ବେଲସାଉଁଳିଆ, ବାସୁଦେବପୁର*
*ଭଦ୍ରକ, ମୋ- ୭୮୭୩୯୪୦୬୨୬*




**କବିତା**

# ମୋ'ଠୁ ମୋ ଛାଇ କେତେଦୂର



**ତାରକ ମହାନ୍ତି**

**ଡ**ର ଲାଗିବ ବୋଲି ପିଲାଦିନେ
ବୋଉ କହୁଥିଲା ଯାଆନି ଯାଆନି
ଗାଁ ମଶାଣି ଆଡେ
ଲାଗୁଥିଲା ସତରେ କ'ଣ ମଶାଣିରେ
ଆତ୍ମା ଆଉ ପ୍ରେତଙ୍କର ଭିଡ଼ !
କିନ୍ତୁ ସେହି ବୋଉକୁ ନେଇ
ଦିନେ ଯିବାକୁ ପଡିଲା ମଶାଣିକୁ
ସେହିଦିନୁ ମଶାଣି ପ୍ରତି ମୋ ଭିତରେ
ଥିବା ଡର କୁଆଡେ ଉଭାନ ହୋଇଗଲା
ଏବେ ଆଉ ମଶାଣିର ଡରନାହିଁ
ରାସ୍ତାରେ ଗଲା ବେଳେ ଲାଗେ
ବୋଉ ମୋର ମଶାଣିରେ ଜଗି ବସିଥିବ।




ହଜିଗଲାଣି ଯେତେ ସବୁ ଅଝଟପଣ
ସଂସାର ଜଞ୍ଜାଳର ଠୋକର ଖାଇ ଖାଇ
ଏବେ ଆଖିରୁ ହଜିଗଲାଣି ନିଦ
ଯମ ବୋଲି କିଏ ଗୋଟେ ଅଛି ଯେ
ସେ କାଳେ ମାନେ ନାହିଁ ବେଳ ଅବେଳ
ବଡ ବିଚିତ୍ର ସେ ବୁଝେନାହିଁ
ଏହା ରାଜପ୍ରାସାଦ ଅବା ଝାଟିମାଟି ଘର।

ଅତଏବ ବଡବଡ ଗଛ ଗୁଡାକ
ଦିନେ ନା ଦିନେ ସବୁଜିମା ହରାନ୍ତି
ଲୋଟିପଡନ୍ତି ଭୂଇଁ ଉପରେ
ମାଟି ସହ ମାଟି ହୋଇ
ହରାଇ ବସନ୍ତି ନିଜର ଅସ୍ତିତ୍ୱ
ଯେଉଁଥିପାଇଁ ଲଢ଼େଇ, ରକ୍ତପାତ,
ଷଡଯନ୍ତ୍ର ଓ ବିବେକହୀନ ଚକ୍ରାନ୍ତ
କ'ଣ ମୂଲ୍ୟ ତେବେ ଜୀବନର
କି ଭୟ ଜିତିବା ଓ ହାରିବାର।

ପରାସ୍ତ ହୋଇସାରିଛି ବୋଲି
ଦମ୍ଭରେ କହିପାରୁଛି
ବିଫଳତା ଓ ସଫଳତାର ଦୂରତା
ଦେହଟିଏ ଅଛି ବୋଲି ମାପି ପାରୁଛି
ମୋ ଠୁ ମୋ ଛାଇ କେତେ ଦୂର
ମରଣ ଯେବେ ଶେଷ ସିଦ୍ଧାନ୍ତ
ତେବେ ତୁମେ ମୋତେ କାହିଁକି ଯେ
ବାରମ୍ବାର କର ତିରସ୍କାର।

*ଭ୍ରାମ୍ୟଭାଷ : ୯୪୩୭୧୩୩୭୭୭*

# ଅବ୍ୟକ୍ତ



**ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ**

**ମୋ** ସ୍କୁଟର୍‌ରେ ସେଦିନ ବ୍ଲକ୍‌ଅଫିସ୍‌ରୁ ଫେରୁଥିଲି ମୁଁ। ସଞ୍ଜ ନଇଁ ଆସୁଥିଲା। ଶ୍ରାବଣ ମାସର ଝଡ଼ିବର୍ଷା ବି ଆରମ୍ଭ ହୋଇଯିବ ପରି ଲାଗୁଥିଲା। ଆକାଶରୁ ଟୋପା ଟୋପା ପାଣି ଖସି ପଡୁଥାଏ। ତରତର ହୋଇ କେନାଲ୍ ବାଟ ଧରିଲି ମୁଁ, ଶିଘ୍ରାତିଶିଘ୍ର ଘରକୁ ପହଁଚିବି ବୋଲି। ଦେଖୁ ଦେଖୁ ହଠାତ୍ ଛଅ କି ସାତ ବର୍ଷର ପିଲାଟିଏ ବେଙ୍ଗ ଡେଇଁଲା ପରି ଡେଇଁପଡ଼ିଲା ମୋ ସ୍କୁଟର୍ ଆଗକୁ। ମୋର ସମସ୍ତ ଶକ୍ତି ଲଗେଇ ବ୍ରେକ୍ ମାରିନଥିଲେ ଦେଖୁ ଦେଖୁ ଅଘଟଣଟିଏ ଘଟି ଯାଇଥାନ୍ତା ନିଶ୍ଚୟ। "ଏମିତି କାହିଁକି ଝଡ଼ ପରି ମାଡ଼ି ଆସୁଛୁରେ ପୁଅ ? ଏବେ କେମିତି ହୋଇଥାନ୍ତା କହୁନୁ ? କେତେବଡ଼ ବିପଦରୁ ଭଗବାନ ବଂଚେଇ ଦେଲେ ତତେ।" ମୁଁ କହିଲି।

ବାଘଛୁଆ ପରି ଗର୍ଜିଉଠି ମୋ ଆଡ଼କୁ ମାଡ଼ି ଆସିଲା ପିଲାଟି। ଆଉ କହିଲା "କଣ କହିଲୁ ? କାହିଁକି ଝାଡ଼ା ବସୁଛୁ ଆମେ ? ଏଇ କେନାଲ୍ ହୁଡ଼ାରେ ଅଲ୍‌ବତ୍ ଝାଡ଼ା ବସିବୁ ଆମେ। ଏଇଟା ଆମର ଅଧିକାର। ଏଠି ଝାଡ଼ା କରିବାକୁ କେହି ବି ଆମକୁ ମନାକରି ପାରିବେ ନାହିଁ। ମିନିଷ୍ଟର୍ କଲେକ୍ଟର୍ ବି ନୁହେଁ। ସେଥିରେ ପୁଣି ମନା କରିବାକୁ ତୁମେ କିଏ ହୋ ? ଆମେ ଏଇଠି ଝାଡ଼ା କରିବୁ। ଅଲ୍‌ବତ୍ କରିବୁ। ଯାଅ, ତୁମେ ଯାହା କରିବାକୁ ଚାହୁଁଛ, ବେସକ୍ କରିବ ଯାଅ। ଥାନାକୁ ଯିବ ତ ? ଯାଅ। ପୁଲିସ୍‌କୁ ଆମେ କୋଉ ଡରୁଛୁ ଯେ ?"

ବକଟେ ବୋଲି ଛୁଆ। ତାର ପୁଣି ଏତେ ବହପ ? ପିଲାଟିର କଥା ଶୁଣି ଚମକି ପଡିଲି ମୁଁ। ବାପ୍‌ରେ ବାପ୍, ଛୋଟ ସାପର ତ ବଡ଼ ବିଷ ? ମୁଁ ଅବା ତାକୁ ଅଧିକ କହିବି କଣ ? ଅଗତ୍ୟା ମୁଣ୍ଡକାନ ଆଉଁସି କହିଲି "ଝାଡ଼ା ବସିବ ତ ? ବସ ମୋର ବୋପା, ଆରାମରେ ବସ। ମନଇଚ୍ଛା ଝାଡ଼ାକର କୁନ୍ଥିକୁନ୍ଥି। କିଏ ବା କାହିଁକି ମନାକରିବ ତୁମକୁ ? ତୁମକୁ ମନା କରି ପାରିବା ଭଳି ଲୋକ ତ ଏଇ ଦେଶରେ ଏ ପର୍ଯ୍ୟନ୍ତ ଜନ୍ମ ହିଁ ହୋଇନାହାଁନ୍ତି। ହେଲେ ତୁମକୁ ମୁଁ କଣ ଏଇ ଝାଡ଼ାଯିବା କଥା କହୁଥିଲି ମୋ ବୋପା ? ମୋ ସ୍କୁଟର୍ ଆଗକୁ ଡେଇଁ ପଡିଲ ଯେ ଏବେ ଧକ୍କା ଲାଗିଥିଲେ କେମିତି ହୋଇଥାନ୍ତା ? ତୁମ ବାପାମାଆଙ୍କୁ କି ଜବାବ ଦେଇଥାନ୍ତି ମୁଁ ? ଯାହାହଉ ଏଇନେ କେଡେ ବଡ଼ ବିପଦରୁ ବଂଚିଗଲା ଏଇ ମଣିଷ ? ଅଘଟଣ କିଛି ଘଟିଥିଲେ ତୁମ ବାପାମାଆ ମୋତେ କଣ ଛାଡ଼ିଥାନ୍ତେ ଏଇଠୁ ? ଜୋତା ଚପଲରେ ପିଟିପିଟି ମୋତେ ହାଫ୍ ମର୍ଡର କରି ସାରନ୍ତେଣି ଏତେବେଳକୁ।"

ପିଲାଟା କଣ ବୁଝିଲା କେଜାଣି ? ନିଆଁରେ ପାଣି ଢାଳିଲା ପରି ଚୁପ୍ ହୋଇଗଲା। ଏବେ ଚଟାପଟ୍ ସ୍କୁଟର୍‌କୁ ଷ୍ଟାର୍ଟ ମାରିଲି ମୁଁ। 'ଯହ ପଳାୟତି ସହ ଜୀବତି।' ହେଲେ ଗାଡ଼ି ଗଡ଼ିଛି କି ନାଇଁ, ଦେଖୁ ଦେଖୁ ଛୁଆର ମାଆ କୋଉଠି ଥିଲା ଯେ ମୋ ସାମ୍ନାରେ ଖୁଂଟପରି ଛିଡ଼ା ହୋଇଗଲା। କିଛି ନଜାଣିଲା ପରି ପଚାରିଲା "ମୋ ପିଲାକୁ କି କଥା କହୁଥିଲେ କି ଆଜ୍ଞା ? କଣ କିଛି ଦୁଷ୍ଟାମି କଲା ସେ ?"

"ନାଇଁ, ନାଇଁ, ସେମିତି କିଛି ନାଇଁ। ତୁମ ପିଲା ତ କେଡ଼େ ସୁଧାର। ପୁରାପୁରି ସୁନାମୁଣ୍ଡା ଖଣ୍ଡେ। କଣ ପାଇଁ ତାକୁ କିଛି କହିବି ମୁଁ ? ଝାଡ଼ା ବସିଲା ସ୍ଥାନରୁ ଉଠିପଡି ବେଙ୍ଗ ଡେଇଁଲା ପରି ସେ ହଠାତ୍ ଏମିତି ଡେଇଁଲା ଯେ ଯାହାହେଉ ତା ଦେହରେ ବାଡ଼େଇ ହେଉ ହେଉ ରହିଗଲା ମୋ ସ୍କୁଟର୍। ମୋ ଭାଗ୍ୟ ବଡ଼ ସବଳ ଥିଲା ଗୋ ମାଆ। ବଡ଼ଟେ ବିପଦରୁ ବଂଚିଗଲି ମୁଁ। ମାଁ ସମଲାଇଙ୍କୁ କୋଟି କୋଟି ଜୁହାର। ତାଙ୍କ ଛତର ଆଡେଇ ବିପଦଟାକୁ ଟାଳିଦେଲେ ଯାହା। ନହେଲେ ତୁମପିଲା ଆଉ କୋଉଠି ବଂଚିଥାନ୍ତା ଯେ ଏବେ ? ଆଉ ତୁମ ପିଲାର କଣ କିଛି ଘଟିଥିଲେ, ତୁମେମାନେ ହେଲେ ମୋତେ କଣ ଛାଡ଼ିଥାନ୍ତ ଏଇଠୁ ?

ଛାଡ଼ ସେ କଥା। ଏମିତି ଅଘଟଣରୁ ବଂଚିବା ପାଇଁ ତୁମ ଘରେ ଲାଟ୍ରିନ୍‌ଟିଏ ହେଲେ ତିଆରି କରନ୍ତ ? ଏବେ ତ ସରକାର ବି ସ୍ୱଚ୍ଛ ଭାରତ ଅଭିଜାନ ଯୋଜନାରେ ଆର୍ଥୀକ ସାହାଯ୍ୟ ଦେଉଛନ୍ତି। ପିଲାମାନଙ୍କୁ ଏମିତି ଖୋଲା ପଡ଼ିଆକୁ ଝାଡ଼ା ପାଇଁ ଛାଡୁଛ ଯେ କୃମି ହେବନାହିଁ ? ତାପରେ ଏଇଟା ଏକ ଲାଜର କଥା। ଖୋଲା ପଡ଼ିଆରେ ଝାଡ଼ାଗଲେ ପରିବେଶ ପ୍ରଦୂଷିତ ହେଉଛି। ମଶାମାଛି ବି ବଢୁଛନ୍ତି। ହଁ ଆଉ ଗୋଟିଏ କଥା। ଏଇ କେନାଲ୍ ହୁଡ଼ାରେ ଝାଡ଼ା ପରିଶ୍ରା କରୁଛ ତୁମେ ସମସ୍ତେ। ପୁଣି ସେଇ କେନାଲ୍ ପାଣିରେ ଗାଧୁଆ ପାଧୁଆ, ବାସନ ମଜା ବି କରୁଛ। ନାନାଦି ରୋଗରେ ତୁମେମାନେ ପଡ଼ିବ ନାହିଁ ତ ଆଉ ପଡ଼ିବ କିଏ ?" ଜଣେ ସାମାଜିକ କର୍ମୀ ପରି ବୁଝାଇବା ଢଙ୍ଗରେ କହିଲି ମୁଁ।



"ଆପଣ ଠିକ୍ କହୁଛନ୍ତି ଆଜ୍ଞା। ଏଇ ବାଟଦେଇ ନିତିଦିନ ଯିବା ଆସିବା କରୁଛନ୍ତି ଯେତେବେଳେ ଆପଣ ତ ଦେଖୁଛନ୍ତି ଆମର ଦୁଃଖ। ଆମର କୋଉକଥା ଜାଣି ନାହାଁନ୍ତି ଯେ ଆପଣଙ୍କଠୁ ଲୁଚେଇବୁ ଆମେ ? ଆମର ଜମିବାଡ଼ି, ଘରଦ୍ୱାର କିଛି ନାହିଁ। ସଂପୂର୍ଣ୍ଣ ସୁଖବାସୀ। ସେଇଥି ପାଇଁ ତ ଏଇ କେନାଲ୍ ହୁଡ଼ାକୁ ଆଶ୍ରାକରି ପଡ଼ି ରହିଛୁ ଅମାତା ଅପୁତ୍ର ପରି। ମୁଣ୍ଡ ଗୁଞ୍ଜିବାକୁ ଯାହାର ଘର ଖଣ୍ଡେ ନାହିଁ, ସିଏ ପୁଣି ସ୍ୱଚ୍ଛତାର କଥା ଅବା ଚିନ୍ତା କରିବ କଣ ? ଲାଟ୍ରିନ୍ ବନାଇବ କୋଉଠି ? ଜର ବେମାର ଯାହା ହେବ ହେଉ। ଖୋଲାସ୍ଥାନରେ, ଏଇ କେନାଲ୍ ହୁଡ଼ାରେ ହିଁ ଝାଡ଼ାଯିବାକୁ ପଡ଼ିବ ଆମକୁ। ଅନ୍ୟ ଉପାୟ ଆଉ କିଛି ନାହିଁ। ବାକି ରହିଲା ଆମର ଲାଜ ସରମ କି ମାନମହତ କଥା ? ଗରିବର ଲାଜ ସରମ କଣ ଆଜ୍ଞା ? ଆମ ଦୁଃଖ ହେଲେ କିଏ ବୁଝୁଛି କି ଦେଖୁଛି ଯେ ? କାହା ପାଖରେ ଗୁହାରୀ କରିବୁ ଆମେ ? ଆମକୁ ସେଇ ଈଶ୍ୱର ହିଁ ଭରସା। ଘଂଟ ଘୋଡ଼େଇ ରଖିଛନ୍ତି ସେ। ଆଉ ଏଇ ଦୁର୍ଘଟଣା କଥା ? ଯେତେବେଳେ ଯାହା ହେବା କଥା ହେବ ହିଁ ହେବ। ସେସବୁ ଆମ ଭାଗ୍ୟ। ଆପଣ ଯାହା କୁହନ୍ତୁ ପଛେ, ଏଇ ସ୍ଥାନ ଛାଡ଼ି ଆମେ ଯିବୁ କୁଆଡ଼େ ? ରହିବୁ କୋଉଠି ?" ମନଦୁଃଖରେ କହିଲା ସେ।

"ସତ କଥା ତ। ଯାହାର କିଛି ଗତିନାହିଁ, ତାହାକୁ ଦୁର୍ଗତି ଅବା କରି ପାରିବ କଣ ?" ମୋ ମନକୁ ମନ କହିଲି ମୁଁ। "ଦେଶକୁ ସଫାସୁତରା ରଖିବା ଲାଗି ଡାକରା ଦେଇଛନ୍ତି ଆମ ପ୍ରଧାନମନ୍ତ୍ରୀ। ସେଇଥି ପାଇଁ ସ୍ୱଚ୍ଛ ଭାରତ ଅଭିଜାନ ବି ଘୋଷଣା କରିଛନ୍ତି। ଠିକ୍ କଥା। ଦେଶଟା ସଫାସୁତରା ରହିଲେ ଭଲ। ହେଲେ ମୁଣ୍ଡଗୁଞ୍ଜିବାକୁ ଯାହାର ଘରଘାଟ ନାହିଁ, ସିଏ ପୁଣି ପାଇଖାନା ବସାଇବ କୋଉଠି ? ସ୍ୱଚ୍ଛ ଭାରତ ଅଭିଜାନକୁ ସଫଳ କରିବା ପାଇଁ ଏଇ ଲୋକମାନଙ୍କର ଅସୁବିଧାକୁ ଅଗ୍ରାଧିକାର ଦେଇ ସମାଧାନ କରିବାକୁ ପଡ଼ିବ। ନଚେତ୍ ଯେତେ ଯାହା ଯୋଜନା କଲେ କଣ ହେବ ? କାହା କାମରେ ଲାଗିବ ? ଏଇ କେନାଲ୍ ବାଟଟି ଖୋଲା ପାଇଖାନା ଭାବେ ବ୍ୟବହୃତ ହେଉ ହେଉ ହୁଏତ ଆଉ ଅଳ୍ପ ଦିନ ପରେ ସଂପୂର୍ଣ୍ଣ ରୂପେ ବନ୍ଦ ହୋଇଯିବ। ତାସହିତ ସବୁତକ ସରକାରୀ ଯୋଜନା ମଧ ଫେଲ୍ ମାରିଯିବ, ଏଇ ଝୁମ୍ପୁଡ଼ିବାଲାଙ୍କୁ ଉପଯୁକ୍ତ ଭାବେ ଥାଇଥାନ କରାନଗଲେ। କିନ୍ତୁ ଏଇ ସାମାନ୍ୟ କଥା ବା ଚିନ୍ତା କରୁଛି କିଏ ? କାହା ପାଖରେ ଏତେ ବେଳ ଅଛି ଯେ ଚିନ୍ତା କରିବ ପରିବେଶର ସୁରକ୍ଷା ପାଇଁ, ଆଗାମୀ ପିଢ଼ି ପାଇଁ, ଅନାଗତ ଭବିଷ୍ୟତ ପାଇଁ ? "

*ଭାରତୀ କୁଟୀର,*
*ଡୁଙ୍ଗୁରିପାଲି-୨୩, ସୁବର୍ଣ୍ଣପୁର*
*ମୋ : ୯୪୩୭୬୪୦୩୧୬*

# ମିଛ ମୁହଁ

**ଲିପ୍‌ସା ପଟେଲ**



**ରି**ନୁ ଆସନ୍ନ ପ୍ରସବା। ରିଙ୍କୁ ଓ ରିନୁର ପ୍ରେମ ବିବାହ ହୋଇଥିଲା। ମାତ୍ର ପୁଅ ଝିଅଙ୍କ ଖୁସି ଓ ବଦଳୁଥିବା ସମାଜକୁ ଦୃଷ୍ଟିରେ ରଖି ମା-ବାପାମାନେ କୌଣସି ବିରୋଧ କଲେନି। ଧୁମ୍‌ଧାମରେ ହୋଇଥିଲା ବାହାଘର। ରିନୁର ଦୁଇଭାଇ ମଧ ତା'କୁ ସାହାଯ୍ୟ କରିଥିଲେ। ରିଙ୍କୁ ତ ଚାରି ଭଉଣୀରେ ଗୋଟିଏ ଭାଇ। ସମସ୍ତେ ଖୁବ୍ ଉପଭୋଗ କଲେ ସେମାନଙ୍କର ବିବାହକୁ। ଯୌତୁକ ପାଇଁ କୌଣସି ଦାବି ନଥିଲେ ସୁଦ୍ଧା ରୁନୁର ବାପା ନିଜ ଅଲିଅଳି ଝିଅକୁ ଘରର ଆସବାବ ଠାରୁ ଆରମ୍ଭ କରି ରିଙ୍କୁ ପାଇଁ ବାଇକ୍ ଓ ଚାରିଚକିଆ ଗାଡି, ସୁନା ଅଳଙ୍କାର ସବୁକିଛି ଦେଇଥିଲେ। ପ୍ରେମ ବିବାହ କରି ରିନୁ ଓ ରିଙ୍କୁ ମଧ ଖୁବ ଖୁସି ଥିଲେ। ସତେ ଯେମିତି ସେମାନେ ଦୁନିଆର ସବୁ ସୁଖ ପାଇଛନ୍ତି। ହନିମୁନ୍ ପାଇଁ ୟୁରୋପ ଟ୍ରିପ୍‌ରେ ଯାଇଥିଲେ। ଏଇ ଖର୍ଚ୍ଚ ସମ୍ପୂର୍ଣ୍ଣ ରୂପେ ରିଙ୍କୁ ବହନ କରିଥିଲା, ଯଦିଓ ରିନୁର ବାପା ଏହାର ପଇସା ସବୁ ଦେବା ପାଇଁ ରାଜିଥିଲେ। ରିଙ୍କୁ ଜଣେ ସ୍ୱାଭିମାନୀ ପୁରୁଷ ଜାଣି ରିନୁ ଦୃଷ୍ଟିରେ ତା'ପ୍ରତି ସମ୍ମାନ ଆହୁରି ବଢ଼ିଗଲା।

ବାହାଘରର ଦୁଇବର୍ଷ ପରେ ସେମାନେ ନିଜ ପରିବାର ବଢ଼ାଇବାକୁ ନିଷ୍ପତ୍ତି ନେଲେ। ପରିବାର ଜନଙ୍କ ମଧ ଏଥିରେ ସମର୍ଥନ ଥିଲା। ଏଇ ଦିନଟିକୁ ତ ଜଗି ବସିଥିଲେ ରିନୁ ଓ ରିଙ୍କୁର ପିତାମାତା। ସୁସମ୍ବାଦଟି ଖୁବ୍‌ଶୀଘ୍ର ଖୁସିର ଲହରୀ ଖେଳାଇଦେଲା। ରିନୁର ଦେହପା', ବରାବର ଡାକ୍ତରୀ ଯାଞ୍ଚ, ଖାଇବା ସୁ ତା'ଶାଶୁ ନିଜେ ତଦାରଖ କରୁଥିଲେ। ମାସେ ବିତିଗଲା। ଦେଢ଼ମାସ ବିତିଗଲା। ଶାଶୁ, ଶ୍ୱଶୁରଙ୍କ ସହ ରିଙ୍କୁ ଦିନେ ଢେର ରାତିଯାଏଁ କିଛି ପରାମର୍ଶ କରୁଥିଲେ। ରିନୁ ଆଖିରେ ବି ନିଦ ନଥିଲା। ଗର୍ଭାବସ୍ଥାରେ କେତେ ଅସ୍ୱାଭାବିକତା ଦେଖାଯାଏ। ଏହା ତ ସାଧାରଣ କଥା। ଦିନସାରା ନିଦ ମାଡି ବସୁଛି ଓ ରାତି ହେଲେ ପେଚା ପାଲଟି ଯାଉଛି। କେତେବେଳେ ଖୁବ୍ ଚିଡଚିଡା ବି ଲାଗୁଛି। ଘରେ କିନ୍ତୁ ଏହାର ବିଷମ ପ୍ରତିକ୍ରିୟା ନାହିଁ। ଶାଶୁ କହନ୍ତି, ଏମିତି ହୁଏ। ଶ୍ୱଶୁର ତ ମୁହଁରୁ ନ ବାହାରୁଣୁ ଭଲ ଭଲ ଖାଇବା, ସରଦା ସବୁ ଯୋଗାଡି ଦେଉଛନ୍ତି। ଏ ସମୟର ଏକ ଭିନ୍ନ ଅନୁଭୂତି ସତରେ।

ପରଦିନ ଶାଶୁ କ୍ଷୀରି ତିଆରି କରିଥିଲେ। ରିନୁକୁ ଭଲ ଲାଗେ; ମାତ୍ର ଏବେ ତା'କୁ ମିଠା ଠାରୁ ବେଶି ଲୁଣି ଖାଇବା ପାଇଁ ଇଚ୍ଛା ହେଉଛି। ତଥାପି ଶାଶୁ ବାଧ କରି ଖୁଆଇଲେ। ପିସ୍ତା ଓ କେଶର ଦେଇ ତିଆରିଥିଲେ କ୍ଷୀରି। ତାଙ୍କ ମନ ରଖିବାକୁ ଯାଇ ସବୁ ଖାଇଦେଲା ସୁନାଝିଅଯିଏ ପରି। ରାତିରେ କେମିତି ଅଡୁଆ ଲାଗିଲା। ପେଟଟା ମୋଡିହେଲା। ଔଷଧ ଖାଇ ଗଡପଡ ହେଉଥାଏ। ସକାଳୁ ସକାଳୁ ବିଛଣାର ଚାଦର ପୁରା ରକ୍ତ ଜୁଡୁବୁଡୁ। ରିନୁ ଡରିଗଲା। ଧକେଇ ଧକେଇ କାନ୍ଦିଲା। ସମସ୍ତେ ତାକୁ ଆଶ୍ୱାସନା ଦେଉଥିଲେ। ଡାକ୍ତର ପରୀକ୍ଷା କରି ଚାଲିଗଲେ। ରିନୁ ଜଡ ପାଲଟିଗଲା। ତା' ଗର୍ଭନଷ୍ଟ ହୋଇଗଲା। କେତେ ଆନନ୍ଦ ଏକାଥରକରେ ପାଣିଫୋଟକା ପାଲଟିଗଲା। ନିଜକୁ ନିଜେ ଦୋଷୀ ମନେ କରି ଘାଣ୍ଟି ହେଲା। ତା'ମା ଆସି କିଛିଦିନ ରହିଥିଲେ ତା' ପାଖରେ। ସବୁବେଳେ ରିଙ୍କୁ ସହ, ଶାଶୁ ସହ ସେଇ କଥା ହିଁ ଗପିଲା। ଶାଶୁ କେତେ ପ୍ରବୋଧିଲେ, ବୁଝିଲେନି। ବାୟାଣୀ ପରି ହୋଇବସିଲା। ରିଙ୍କୁ ଏଥର ସତକଥାଟା କହିବା ପାଇଁ ସ୍ଥିର କଲେ।

ରାତିରେ ଶୋଇଲା ବେଳେ ରିନୁ ଆଖିରେ ନିଦ ନାହିଁ। ପୁଣି ସେଇ ପ୍ରସଙ୍ଗ ଆରମ୍ଭ କଲା। ମା' ହେବାର କ'ଣ ଯୋଗ୍ୟତା ନଥିଲା ବୋଲି ଠାକୁରେ ତାକୁ ମୋ ଠାରୁ ଛଡେଇ ନେଲେ ? ମୁଁ ତମ ସନ୍ତାନର ସୁରକ୍ଷା କରି ପାରିଲିନି। ମୁଁ ହିଁ ଦୋଷୀ। ନିଜକୁ ନିନ୍ଦି ଚାଲିଥିଲା ରିନୁ। ରିଙ୍କୁ ତାକୁ କୁଣ୍ଢେଇ ଧରିଲେ। ତୁମର କିଛି ଦୋଷ ନାଇଁ ରିନୁ। ପ୍ରକୃତରେ ସେ ସନ୍ତାନ ଆମେ ଚାହୁଁ ନଥିଲୁ। ଆଶ୍ଚର୍ଯ୍ୟ ହୋଇ ଅନେଇଲା ରିନୁ। ସମସ୍ତେ ଏତେ ଖୁସି ଥିଲେ ଆଉ ଚାହୁଁ ନଥିଲୁ କ'ଣ ? ହଁ, ତୁମ ଅନ୍ତସତ୍ତ୍ୱା କଥାଟା ସମସ୍ତଙ୍କୁ ଯେତିକି ଖୁସି ଦେଲା, ତୁମ ଗର୍ଭରେ କନ୍ୟାଭ୍ରୁଣ ଖବରଟା ବି ସେତିକି କଷ୍ଟ ଦେଲା। ଜଳ ଜଳ ଚାହିଁ ରହିଥିଲା ରିନୁ। ତୁମେ ଗର୍ଭ ଯାଞ୍ଚ କରିଥିଲ ? କିନ୍ତୁ ସେ ତ ଆମରି ସନ୍ତାନ ଥିଲା। ଏହାବ୍ୟତୀତ ତୁମକୁ ତ ଝିଅଟିଏ ଦରକାର ଥିଲା ନା ? ମୋ ପରି ନାକ, ଗୁଲୁଗୁଲିଆ ମୁହଁର ବୋଲି କହୁଥିଲ, କହୁଥିଲ ନା ରିଙ୍କୁ ? ହଁ, କିନ୍ତୁ ପ୍ରଥମେ ପୁଅଟିଏ ହେଲେ ଠିକ୍। କାହିଁକି ? ମୁଁ ଏ ଘରେ ଏକମାତ୍ର ପୁଅ। ମୋ ବଂଶ, ମୋ ପରିଚୟ ସବୁ ସେଇ ପୁଅ ହିଁ ବହନ କରିବ। ଗୋଟିଏ ଝିଅ ପରେ ଯଦି ଆମ ମନସ୍ଥିତି ବଦଳି ଯାଇଥାନ୍ତା, ତେବେ ତ ସାରା ଜୀବନ ଆମେ ଅପୁତ୍ରିକ ରହିଥାନ୍ତେ। ଏବେ ରିନୁ ଠିକ୍ ବୁଝୁଥିଲା ସେଦିନ ଶାଶୁ ଏତେ ସୋହାଗରେ କାହିଁକି କ୍ଷୀରି ଖୁଆଉଥିଲେ। ସେଇ ରାତିରେ ହିଁ ଏ କାଣ୍ଡ ହେଲା। ରିଙ୍କୁଠାରୁ ଟିକେ ଦୂରେଇ ବସିଲା ରିନୁ। ରିଙ୍କୁ ତା'ପଟେ ଅନେଇ କହିଲା – ତୁମକୁ ଏହା ଗ୍ରହଣ କରିବାକୁ ପଡିବ। ମୋ ପରିଚୟ, ମୋ ପୁରୁଷତ୍ୱକୁ ମୁଁ ବଳିଦେଇ ପାରିବିନି। ଗୋଟିଏ ମା' ସେଇ ମୁହୂର୍ତ୍ତରେ ମରି ସାରିଥିଲା।



*ଭବାନୀପାଟଣା*





# ହାତୀ ମୃତ୍ୟୁ ରୋକିବ ମହୁମାଛି ମେସିନ

**ଭୁବନେଶ୍ୱର :** ରେଳ ଦୁର୍ଘଟଣାରେ ହାତୀମାନଙ୍କ ମୃତ୍ୟୁ ରୋକିବା ପାଇଁ ରାଜ୍ୟ ସରକାର ଅଭିନବ ଯୋଜନା କରିଛନ୍ତି। ଏଣିକି ରେଳ ଧାରଣା କଡ଼ରେ ମେସିନ୍ ଲଗାଯିବ। ସେହି ମେସିନରୁ ମହୁମାଛି ଶବ୍ଦ ବାହାରିବ। ଯାହା ଫଳରେ ହାତୀମାନେ ଆଉ ରେଲଧାରଣା ନିକଟକୁ ଯିବେ ନାହିଁ। ଏହି ଶବ୍ଦ କେବଳ ରେଳ ଆସିବା ସମୟରେ ହିଁ ବାହାରିବ। ଢେଙ୍କାନାଳ ଜିଲ୍ଲାର ସଦାଶିବପୁର ଷ୍ଟେସନରେ ଏହି ପାଇଲଟ୍ ପ୍ରୋଜେକ୍ଟ ଆରମ୍ଭ ହେବାକୁ ଯାଉଛି। ଝାରସୁଗୁଡ଼ା, କେନ୍ଦୁଝର, ଢେଙ୍କାନାଳ ଡିଭିଜନକୁ ଏ ନେଇ ସ୍ଥାନ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶୁକ୍ରବାର ସଚିବାଳୟରେ ରେଳ ବିଭାଗ, ଶକ୍ତି ବିଭାଗ ଓ ଜଙ୍ଗଲ ବିଭାଗର ମିଳିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ବୈଠକ ପରେ ଅତିରିକ୍ତ ପିସିସିଏଫ୍ ସୁଦର୍ଶନ ପଣ୍ଡା ଏ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୱାଇଲ୍ଡ ଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ଅନୁସାରେ ୧୯୮୭ ମସିହାରୁ ୨୦୧୭ ମଧ୍ୟରେ କେବଳ ରେଳ ଦୁର୍ଘଟଣାରେ ୨୬୬ ହାତୀଙ୍କ ଜୀବନ ଯାଇଛି। ଗତ ଅକ୍ଟୋବର ୨୭ରେ ଢେଙ୍କାନାଳ ଜିଲ୍ଲାର କମଳାଙ୍ଗ ଗାଁ ନିକଟରେ ବିଦ୍ୟୁତ ଆଘାତରେ ୭ଟି ହାତୀଙ୍କର ମୃତ୍ୟୁ ଘଟିଥିଲା। ଏଥିରେ ଏନ୍‌ଜିଟି ସେସ୍କୁକୁ ୧ କୋଟି ଟଙ୍କା ଜୋରିମାନା ଲଗାଇଥିଲା। ସେହିପରି ଏହା ପୂର୍ବରୁ ଏପ୍ରିଲରେ ଝାରସୁଗୁଡ଼ା ଜିଲ୍ଲାର ବେଲିପି ନିକଟସ୍ଥ ରେଳ ଧାରଣା ପାରି ହେଉଥିବା ବେଳେ ହାୱଡ଼ା-ମୁମ୍ବାଇ ଏକ୍ସପ୍ରେସ୍ ଦ୍ୱାରା କଟିଯାଇ ୪ ହାତୀଙ୍କ ଜୀବନ ଯାଇଥିଲା। ଗତ ୮ ବର୍ଷ ମଧ୍ୟରେ ଓଡ଼ିଶାରେ ୬୦୦ ହାତୀ ମୃତ୍ୟୁବରଣ କରିଛନ୍ତି। ୨୦୧୦-୧୧ ମସିହାରୁ ୨୦୧୮ ଅକ୍ଟୋବର ସୁଦ୍ଧା ଓଡ଼ିଶାରେ ୬୦୦ ହାତୀଙ୍କ ଜୀବନ ଗଲାଣି। ଏମାନଙ୍କ ମଧ୍ୟରୁ ବିଦ୍ୟୁତ ଆଘାତରେ କେବଳ ୧୦୨ ହାତୀ ମରିଛନ୍ତି। ଶିକାରୀଙ୍କ ଦ୍ୱାରା ୪୦ ହାତୀ ମରିଛନ୍ତି। ଟ୍ରେନ୍ ଧକ୍କାରେ ୨୩ ହାତୀ ମୃତ୍ୟୁବରଣ କରିଛନ୍ତି। ବନ୍ୟପ୍ରାଣୀ ସୁରକ୍ଷା ପାଇଁ ସରକାର ବହୁ ଯୋଜନା କରୁଛନ୍ତି ବୋଲି କହୁଥିଲା ବେଳେ ବାସ୍ତବ କ୍ଷେତ୍ରରେ କିନ୍ତୁ ଓଲଟା ଫଳ ଦେଉଛି। ୧୯୯୦ ମସିହାରୁ ରାଜ୍ୟରେ ଏ ପର୍ଯ୍ୟନ୍ତ ୧୪୦୦ ହାତୀଙ୍କ ମୃତ୍ୟୁ ଘଟିଥିବା ବେଳେ କେବଳ ଗତ ୮ ବର୍ଷରେ ୬୦୦ ହାତୀ ମରିଛନ୍ତି। ୧୯୯୦ରୁ ୨୦୦୦ ପର୍ଯ୍ୟନ୍ତ ହାତୀ ମୃତ୍ୟୁ ସଂଖ୍ୟା ବାର୍ଷିକ ୩୩ ପ୍ରତିଶତ ଥିଲା ବେଳେ ୨୦୦୦ରୁ ୨୦୧୦ ମଧ୍ୟରେ ଏହା ୪୬ ପ୍ରତିଶତକୁ ବୃଦ୍ଧି ପାଇଛି। ୨୦୧୦ରୁ ୨୦୧୮ ମଧ୍ୟରେ ଏହା ବୃଦ୍ଧି ପାଇ ୭୩ ପ୍ରତିଶତରେ ପହଞ୍ଚିଛି। ଏଣୁ ରେଳବାଇ ତରଫରୁ ରେଲଧାରଣା କଡ଼ରେ ସେଫ୍ ଡିଭାଇସ୍ ଲଗାଇବା ଯୋଜନା କରାଯାଇଛି, ଯେଉଁଥିରେ ରେଳ ଆସିବା ସମୟରେ ୬୦୦ ମିଟର ପର୍ଯ୍ୟନ୍ତ ମହୁମାଛିର ଶବ୍ଦ ଶୁଣାଯିବ। ମହୁମାଛିର ଶବ୍ଦକୁ ହାତୀମାନେ ଭୟ କରୁଥିବା ବେଳେ ସେମାନେ ଆଉ ରେଳ ଆସିବା ସମୟରେ ସେଠାକୁ ଆସିବେ ନାହିଁ। ଫଳରେ ରେଳ ଦୁର୍ଘଟଣାଜନିତ ହାତୀ ମୃତ୍ୟୁକୁ ରୋକାଯାଇପାରିବ ବୋଲି କୁହାଯାଉଛି।

# ଆମ ଗାଁ ଆମ ବିକାଶ ଯୋଜନା, ପ୍ରକଳ୍ପ ଚାଲିଛି ମନ୍ଥର ଗତିରେ

**ଗରଦପୁର :** ଗରଦପୁର ବ୍ଲକରେ ଆମ ଗାଁ ଆମ ବିକାଶ ଯୋଜନା ପ୍ରକଳ୍ପ କାର୍ଯ୍ୟ ଯେଉଁଭଳି ଭାବେ ଚାଲିଛି ୨୦୧୯ ମାର୍ଚ୍ଚ ସୁଦ୍ଧା ସମ୍ପୂର୍ଣ୍ଣ ହେବା ଅସମ୍ଭବ ବୋଲି ଜଣାପଡୁଛି। ଗତ ଜୁନ୍ ମାସଠାରୁ ପ୍ରକଳ୍ପ ଗୁଡିକର କାର୍ଯ୍ୟାଦେଶ ହୋଇଥିଲେ ମଧ ୬ମାସ ମଧ୍ୟରେ ସମୁଦାୟ ୧୩୯ଟି ପ୍ରକଳ୍ପ ମଧ୍ୟରୁ ଏବେ ସୁଦ୍ଧା ମଧ ୧୪ଟି ସମ୍ପୂର୍ଣ୍ଣ ହୋଇନାହିଁ। ବ୍ଲକ ସୂତ୍ରରୁ ପ୍ରକାଶ ଯେ, ମଧୁବାବୁ ପାଠାଗାରର ଥିବା ବେଳେ ଅନ୍ୟ ସମସ୍ତ ପ୍ରକଳ୍ପ ଗୋଷ୍ଠୀ କେନ୍ଦ୍ର ପାଇଁ ଉଦ୍ଦିଷ୍ଟ। ସମସ୍ତ ପ୍ରକଳ୍ପ ଗୁଡିକର କାର୍ଯ୍ୟାଦେଶ ବ୍ଲକର କନିଷ୍ଠ ଯନ୍ତ୍ରୀ ମାନଙ୍କରେ ନାମରେ ରହିଛି। ପ୍ରକଳ୍ପରେ ଥିବା ଗ୍ରାମ ଗୁଡିକରେ ଥିବା ଏଜେନ୍ସି ଜରିଆରେ କନିଷ୍ଠ ଯନ୍ତ୍ରୀମାନେ ଏହି ନିର୍ମାଣ କାର୍ଯ୍ୟ କରାଉଛନ୍ତି। ଅଧିକ ପ୍ରକଳ୍ପ ଗୁଡିକ ଅଧାପନ୍ତରିଆ ହୋଇ ରହିଛି। ରାନିଙ୍ଗ ବିଲ ହୋଇଥିବାରୁ ଏଜେନ୍ସି ମାନେ ପ୍ରକଳ୍ପରେ ଖର୍ଚ୍ଚ କରିଥିବା ପ୍ରାପ୍ୟ ପାଇପାରୁ ନଥିବାରୁ ସମସ୍ୟା ସୃଷ୍ଟି ହୋଇଛି। ଏହା ଏକ ଉଦାହରଣ ସ୍ୱରୂପ ବେଡରି ଗ୍ରାମର ଦଧିବାବନ ପୀଠପାଖରେ ନିର୍ମିତ ହୋଇଥିବା ଗୋଷ୍ଠୀ କେନ୍ଦ୍ରକୁ ନିଆଯାଇପାରେ। ଏହି ଏଜେନ୍ସି ମାନେ ଅଧାପନ୍ତରିଆ କାର୍ଯ୍ୟ ତାହାର ପ୍ରାପ୍ୟ ପାଉନଥିବାରୁ ଛାତ ପଡିପାରୁନାହିଁ। ବେଡରି ଗ୍ରାମର ବଜ୍ରମହାକାଳୀ ଠାକୁରାଣୀ ପୀଠ ନିକଟରେ ଅନ୍ୟଏକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କାର୍ଯ୍ୟ ପାଇଁ ସରକାର ୩ଲକ୍ଷ ଟଙ୍କା ବ୍ୟୟ ଅନୁମୋଦନ କରିଥିବା ବେଳେ ଏହି ଗ୍ରାମର ଇଚ୍ଛୁକ ଯୁବକମାନେ ଆହୁରି ଚାରିଲକ୍ଷ ଟଙ୍କା ଅଧିକ ଖର୍ଚ୍ଚ କରି ଗୋଷ୍ଠୀ କେନ୍ଦ୍ରଟିକୁ ସରସ ସୁନ୍ଦର ରୂପେ ଗଢ଼ି ତୋଳି ବ୍ଲକରେ ଉଦାହରଣ ସୃଷ୍ଟି କରିଛନ୍ତି। ଶୁଣିବାକୁ ମିଳୁଛି ଯେ, ପ୍ରକଳ୍ପ ଗୁଡିକରେ ସିକ୍ୟୁରିଟି ରାଶି ବ୍ୟତୀତ ୧୦ କୋଡିଏ ପ୍ରତିଶତ ପିସି ଏଜେନ୍ସି ମାନେ ପ୍ରଦାନ କଲେ ସେମାନଙ୍କର ଖର୍ଚ୍ଚ କରିଥିବା ପ୍ରାପ୍ୟ ପାଉଛନ୍ତି ବୋଲି କହିଛନ୍ତି ଗ୍ରାମପଞ୍ଚାୟତ ଓ ବ୍ଲକରେ ଥିବା କୁଜି ନେତାମାନଙ୍କ ଜରିଆରେ ଏହି ପିସି ରାଶି ବ୍ଲକ ପ୍ରଶାସନକୁ ଯାଉଥିବା ବିଭିନ୍ନ ଛକ ବଜାରରେ ଆଲୋଚନା ହେଉଥିବା ଶୁଣିବାକୁ ମିଳୁଛି। ଏହି ପିସି ସମ୍ବନ୍ଧରେ ବିଡିଓ ଧରଣୀଧର ବେହେରାଙ୍କୁ ପଚାରିବାରୁ ସେ ପିସି ନିଆଯାଉଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି। କାହିଁକି ଏଜେନ୍ସିମାନେ ପିସି ଦେବେ ବୋଲି ପ୍ରଶ୍ନ କରିଥିଲେ। ବିଲ୍ ପ୍ରସ୍ତୁତ ହେବାରେ ବିଳମ୍ବ ହେଉଥିବାରୁ ଏଜେନ୍ସିମାନେ ସେମାନଙ୍କ ପ୍ରାପ୍ୟ ପାଇବାରେ ବିଳମ୍ବ ହେଉଥିଲା। ବ୍ଲକର କେତେକ ସ୍ଥାନରେ ବାଦ ବିବାଦ ଯୋଗୁଁ ବନ୍ଦ ହୋଇଥିଲା। ଏତଦ୍‌ବ୍ୟତୀତ ବ୍ଲକରେ ଚାରିଜଣ କନିଷ୍ଠ ଯନ୍ତ୍ରୀମାନଙ୍କ ମଧ୍ୟରୁ ଦୁଇଜଣ ବଦଳି ହୋଇଯାଇଛନ୍ତି। ବ୍ଲକ ସମୁଦାୟ ଅଠରଟି ଗ୍ରାମ ପଞ୍ଚାୟତରେ ବିଭିନ୍ନ ଉନ୍ନୟନ ମୂଳକ ନିର୍ମାଣ କାର୍ଯ୍ୟ ସମେତ ଆମ ଗାଁ ଆମ ବିକାରେ ଥିବା ଗୋଷ୍ଠୀ କେନ୍ଦ୍ର ଗୁଡିକର ନିର୍ମାଣକୁ ତ୍ୱରାନ୍ୱିତ କରିବାରେ ନିଶ୍ଚିତ ସମୟ ସାପେକ୍ଷ ହେବ ବୋଲି ବିଡିଓ ଧରଣୀଧର ବେହେରା କହିଛନତି। ଗରଦପୁର ବ୍ଲକରେ ତୁରନ୍ତ ଦୁଇଜଣ କନିଷ୍ଠ ଯନ୍ତ୍ରୀ ନିଯୁକ୍ତି ଦେବାକୁ ସାଧାରଣରେ ଦାବି ହେଉଛି। ବିଭାଗର କୌଣସି ନାମ ଫଳକ ଲେଖା ହୋଇନଥିବାର ଦେଖିବାକୁ ମିଳିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନ୍ୟାୟ ପାଇଁ ଲୋକ ...

ଅନିଲ ଗୁଡିଆଙ୍କୁ ଫେରାଇ ଆଣିବାର ନିର୍ଭର ପ୍ରତିଶ୍ରୁତି ଦେଇ ପ୍ରଶାସନିକ ସହାୟତା ଲୋଡିବା ସହିତ ବ୍ୟକ୍ତିଗତ ଉଦ୍ୟମ ଆରମ୍ଭ କରି ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଗତ ଜୁଲାଇ ୩୦ ତାରିଖରେ କେରଳରେ ନିଖୋଜ ହୋଇଗଲେ ଗୁଡିଆ। ସ୍ୱାମୀଙ୍କ ଅନୁପସ୍ଥିତିରେ ଏପଟେ ଫୁଲେଇଙ୍କ ମୁଣ୍ଡରେ ଚଡକ ପଡିଗଲା। ଚାରୋଟି ଛୋଟ ଛୋଟ ପିଲାଙ୍କୁ ନେଇ ସେ କେମିତି ଚଳିବେ ସେହି ଚିନ୍ତାରେ ଭାଙ୍ଗି ପଡିଲେ। ଏପଟେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ସ୍ୱାମୀଙ୍କ ନିଖୋଜ ସମ୍ପର୍କରେ କରିଥିବା ଅଭିଯୋଗ ଉପରେ କିଛି ପଦକ୍ଷେପ ନିଆନଯିବା ମଧ ଚିନ୍ତା ବଢ଼ାଇ ଦେଇଥିଲା। ସ୍ଥାନୀୟ ସରପଞ୍ଚ ପଦ୍ମାବତୀ ମାଝୀଙ୍କୁ ସହାୟତା ମାଗି ମାଗି ହାରିଗଲେ ଫୁଲେଇ। ଦୁର୍ଗମ ଅଞ୍ଚଳ ହୋଇଥିବାରୁ କେଉଁଠାକୁ ମୋବାଇଲ ଲାଗିପାରିବ ନାହିଁ କହି ସରପଞ୍ଚ ନିଜ କାମ ସାରିଦେଲେ। ହେଲେ ପରେ ସାମ୍ବାଦିକ ଅନିଲ ନିଜର ଜଣାଶୁଣା ଲୋକଙ୍କ ଜରିଆରେ କେରଳରେ ଗୁଡିଆ କେଉଁଠି ଅଛନ୍ତି ଖୋଜିବାରେ ସଫଳ ହୋଇଥିଲେ। ଏ-୧ ସାଫା ନାମକ ଏକ ରେଷ୍ଟୁରାଷ୍ଟରୁ ଉଦ୍ଧାର ହୋଇଥିଲେ ଗୁଡିଆ ଏବଂ ଅକ୍ଟୋବର ୧୭ ତାରିଖରେ ନିଜ ଘରକୁ ଫେରିଥିଲେ। ତେବେ ଏଠି ପ୍ରଶ୍ନ ଉଠୁଛି ଜିଲ୍ଲା ଶ୍ରମ ବିଭାଗ ଏବଂ ଜିଲ୍ଲା ପ୍ରଶାସନ କଲା କ'ଣ?

ସେହିଭଳି ଅନ୍ୟଏକ ଘଟଣା ସମ୍ପର୍କରେ ଜାଣିବା। ୨୬ ବର୍ଷୀୟା ଘାସେନ ମାଝୀ ଗତ ୨ ବର୍ଷ ହେବ ସ୍ୱାମୀଙ୍କୁ ହରାଇ ବୈଧବ୍ୟ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ରହିବା ପାଇଁ ଘର ଖଣ୍ଡିଏ ନାହିଁ। ଶାଶୁ, ଶ୍ୱଶୁର ବି ନାହାନ୍ତି। ବାପଘରେ ବି କେହି ନାହାନ୍ତି। ସ୍ୱାମୀ ମାଣି ମାଝୀ ସେମିଳିପଦର ଗାଁ ଲୋକ। ଘାସେନଙ୍କ ଘର ପୋଖରିଗୁଡା ଗାଁରେ। ସ୍ୱାମୀଙ୍କ ମୃତ୍ୟୁ ପରେ କର୍ମ ସଂସ୍ଥାନ ଓ ସହାୟତା ପାଇଁ ସେ କଳାହାଣ୍ଡି ଉପଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଥିଲେ ବି ତାଙ୍କ କଥା ଏଯାଏ ଶୁଣିନି ପ୍ରଶାସନ। ନା ତାଙ୍କୁ ମିଳିଛି ଇନ୍ଦିରା ଆବାସ ବା ଭତ୍ତା। ତେବେ ନିଜ ଜିଲ୍ଲାରେ କାମ ଖଣ୍ଡିଏ ନ ପାଇଲେ ସେ ବି ଦାଦନ ହୋଇ ହୁଏତ ଅନ୍ୟ କେଉଁ ରାଜ୍ୟରେ ନିଖୋଜ ହୋଇଯାଇ ପାରନ୍ତି। ତେବେ ଏହି ଘଟଣାରେ ସ୍ଥାନୀୟ ଡାକପୁଟା ଗାଁର ଜଣେ ଶିକ୍ଷିତ ଯୁବକ ଲାଲଜୋର ନାୟକ ଏହି ଦୁଇ ପରିବାରର ଥଇଥାନ ପାଇଁ ସେମାନଙ୍କୁ ପ୍ରଶାସନ ନିକଟରେ ପହଞ୍ଚାଇବାରେ ଯଥେଷ୍ଟ ସହଯୋଗ ଦେଖାଇ ଆସୁଛନ୍ତି। ତେଣୁ ପ୍ରଶାସନ ଏକଥା କ'ଣ ବୁଝିବା ଉଚିତ୍ ନୁହେଁ?

ଅନ୍ୟଏକ ଘଟଣାରେ ଭବାନୀପାଟଣା ସହରରୁ କର୍ଲାପାଟ ଯିବା ରାସ୍ତାରେ ଅଳ୍ପ ଦୂରରେ ପଡେ ଅଟାଙ୍ଗଗୁଡା ଗାଁ। ଦୁଆରସୁନି ଗ୍ରାମ ପଞ୍ଚାୟତ ଅଧିନରେ ରହିଥିବା ଏହି ସ୍ଥାନଟି ସଦର ଅଞ୍ଚଳ ଭାବେ ପରିଚିତ। ଏଠାରେ ରାସ୍ତାକଡରେ ଭଙ୍ଗା କେବିନିରେ ଚା' ଦୋକାନଟିଏ କରିଛନ୍ତି ୬୮ ବର୍ଷୀୟ ବିଶ୍ୱନାଥ ବେହେରା। ତାଙ୍କର ୧୭ ବର୍ଷର ପୁଅ ଭୋଲାକୁମାର ଫୁରଲିଝରଣ ଜଳପ୍ରପାତକୁ ବୁଲିବାକୁ ଯାଇ ସେଠାରେ ମୃତ୍ୟୁବରଣ କରିଥିଲେ। ଏକମାତ୍ର ଭେଣ୍ଡା ପୁଅକୁ ହରାଇ ଦୁଃଖରେ ଭାଙ୍ଗିପଡିଲେ ବିଶ୍ୱନାଥ ଓ ତାଙ୍କ ପତ୍ନୀ। ଯେଉଁଥିପାଇଁ ନିଜ ଗାଁ ତିଲବେଲା ପଞ୍ଚାୟତ ମହିଯୋର ଗାଁ ଛାଡି ଏଠାକୁ ଆସିଥିଲେ। ଏଠାରେ ସରକାରୀ ଜମିରେ ପଲିଥିନ ଖଣ୍ଡେ ଟାଣି ବସବାସ କରିବା ସହିତ ଅଟାଙ୍ଗଗୁଡା ଛକ ଉପରେ ଚା' ଦୋକାନ କରି ଗୁଜୁରାଣ ମେଣ୍ଟାଉଛନ୍ତି। ଜମିବାଡି କିଛି ହେଲେ ନାହିଁ। ବିପିଏଲ୍ କାର୍ଡ ଖଣ୍ଡିକ ନୂଆ ସର୍ଭେ ଅନୁସାରେ କେମିତି କଟିଗଲା ତାହା ସେ ଜାଣିପାରୁ ନାହାନ୍ତି। ୧୯୯୭ ମସିହା ସର୍ଭେରେ ସେ ବିପିଏଲ୍ ପାଇବାକୁ ଯୋଗ୍ୟ ଥିଲେ ବି ବର୍ତ୍ତମାନ ଏଥିରୁ ବଞ୍ଚିତ ହେଲେ କିପରି କେହିବି ତାଙ୍କୁ ସଠିକ୍ ଉତ୍ତର ଦେଇପାରୁ ନାହାନ୍ତି। ତାଙ୍କ ବିପିଏଲ୍ କାର୍ଡ ନମ୍ବର ଥିଲା ୧୪। ସେ ଓବିସି ବର୍ଗର ହୋଇଥିବାରୁ ସରକାରୀ ସହାୟତାରୁ ବଞ୍ଚିତ ବୋଲି ଅଭିଯୋଗ କରନ୍ତି। ଗତ ପାଞ୍ଚମାସ ହେଲା ମାସକୁ ୩ଶହ ଟଙ୍କା ଭତ୍ତା ପାଉଥିବା କହିଛନ୍ତି ବିଶ୍ୱନାଥ। ହେଲେ ଏସବୁ ଦୁଃଖ ଠାରୁ ଦୁଃଖ ବଳିପଡିଲା ସେତିକିବେଳେ, ଯେତେବେଳେ ତାଙ୍କ କ୍ୟାବିନ୍ ପଛପଟେ ଜଣେ ବିତ୍ତଶାଳୀ ଲୋକ କିଛି ଜମି କିଣି ଫାର୍ମ ହାଉସ ଓ କୋଠା କରିବା ସହିତ କିଛି ସରକାରୀ ଜମି ମଧ ହାତେଇ ନେଲେ। ବର୍ତ୍ତମାନ ଏହି ବାବୁ ଜଣକ ବିଶ୍ୱନାଥଙ୍କୁ ସେଠାରୁ କ୍ୟାବିନ୍ ଉଠାଇ ଚାଲିଯିବାକୁ ବାରମ୍ବାର ଧମକ ଦେଉଛନ୍ତି। କାରଣ ସ୍ୱରୂପ ସେ ବିଶ୍ୱନାଥଙ୍କୁ କୁହନ୍ତି ଯେ, ତୁ ଉଠିଗଲେ ମୁଁ ଏଠି ଦୋକାନ ଘର ନିର୍ମାଣ କରି ଭଡାରେ ଲଗାଇବି। ହେଲେ ପ୍ରଶାସନ ବିଚାର କରୁ ବିଶ୍ୱନାଥ ଯିବେ କୁଆଡେ?

### ଅଭିଯାନ ...

ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ଲାଗି ପଦକ୍ଷେପ ଗ୍ରହଣ କରିବାକୁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପତ୍ର ଲେଖିଛନ୍ତି। ଏଥିନେଇ ଓଡ଼ିଶା ବିଧାନସଭାରେ ସର୍ବସମ୍ମତିକ୍ରମେ ସଂକଳ୍ପ ମଧ ପାରିତ ହୋଇଯାଇଛି। ବିଜୁ ଜନତା ଦଳର ସାଂସଦ, ବିଧାୟକ ଓ ଅନ୍ୟ ବରିଷ୍ଠ ନେତାମାନେ ଜାତୀୟ ଓ ଆଞ୍ଚଳିକ ରାଜନୈତିକ ଦଳଗୁଡିକୁ ଭେଟିବା ସହିତ ମହିଳା ସଶକ୍ତିକରଣ ପାଇଁ ସଂସଦ ଓ ବିଧାନସଭାରେ ସ୍ଥାନ ସଂରକ୍ଷଣର ଆବଶ୍ୟକତା ଯୋଗସୂତ୍ର ସ୍ଥାପନ ସହ ଭାବ ବିନିମୟ କରିବା ପାଇଁ ସେମାନଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଅନୁରୋଧ କରିଛନ୍ତି। ବିଜେଡିର ଲୋକସଭା ଓ ରାଜ୍ୟସଭାର ଦୁଇ ମୁଖ୍ୟ ସଚେତକଙ୍କୁ ଏଥିନେଇ ସଂସଦର ଅନ୍ୟ ରାଜନୈତିକ ଦଳଗୁଡିକ ସହିତ ସମନ୍ୱୟ ରକ୍ଷା କରିବାକୁ ମଧ କୁହାଯାଇଛି। ପ୍ରକାଶଥାଉକି, ମହିଳା ସଶକ୍ତିକରଣ କ୍ଷେତ୍ରରେ ଓଡ଼ିଶା ଆଗୁଆ ରାଜ୍ୟ। ୯୦ ଦଶକରେ ପ୍ରବାଦ ପୁରୁଷ ତଥା ପ୍ରବୀଣ ରାଜନେତା ବିଜୁ ପଟ୍ଟନାୟକ ଦେଶରେ ପ୍ରଥମଥର ପାଇଁ ମହିଳାମାନଙ୍କ ବିକାଶ ଲାଗି ପଞ୍ଚାୟତ ଓ ପୌରପାଳିକାଗୁଡିକରେ ଏକ-ତୃତୀୟାଂଶ ସ୍ଥାନ ସଂରକ୍ଷଣ କରିଥିଲେ। ତଦ୍ୱାରା ମହିଳାମାନେ ରାଜନୈତିକ ନିଷ୍ପତ୍ତି ନେଇପାରିଲେ। ଏହାବ୍ୟତୀତ ଉଭୟ ପୁରୁଷ ଓ ମହିଳାଙ୍କ ମଜୁରୀ ସମାନ କରିବା ସହିତ ଲିଙ୍ଗ ସମାନତା ଓ ଶ୍ରମର ସମ୍ମାନକୁ ସେ ବଜାୟ ରଖିଥିଲେ। ଓଡ଼ିଶାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ପଞ୍ଚାୟତ ଓ ପୌର ପାଳିକା କ୍ଷେତ୍ରରେ ମହିଳାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ୫୦ ପ୍ରତିଶତକୁ ବୃଦ୍ଧି କରିଥିଲେ। ଏହି ନିଷ୍ପତ୍ତି ରାଜ୍ୟର ମହିଳାମାନଙ୍କୁ ସଶକ୍ତ କରିବା ସହିତ ବିକାଶର ମୁଖ୍ୟ ଧାରାରେ ସାମିଲ କରିବାକୁ ପ୍ରୋତ୍ସାହିତ କରିଥିଲା। ନୂଆ ଶତାବ୍ଦୀରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ସରକାର ଗଠନ ହେବା ପରେ ମହିଳା ସଶକ୍ତିକରଣ ପାଇଁ ଅନେକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରାଯାଇଛି। ନବୀନ ପଟ୍ଟନାୟକଙ୍କ ଉଦ୍ୟମରେ ସଂସଦ ଓ ବିଧାନସଭାରେ ୩୩% ସ୍ଥାନ ସଂରକ୍ଷଣ ମହିଳାମାନଙ୍କ ପାଇଁ ସହମତି ଭିତ୍ତିରେ ଆସିଲେ ଏହା ଦେଶର ମହିଳାମାନଙ୍କ ପାଇଁ ଏକ ଅନନ୍ୟ ପଦକ୍ଷେପ ହେବ ବୋଲି ବିଜୁ ଜନତା ଦଳର ଉପ-ସଭାପତି ଶ୍ରୀ ବେଦ ପ୍ରକାଶ ଅଗ୍ରୱାଲ୍ ଓ ଶ୍ରୀ ଦେବୀ ପ୍ରସାଦ ମିଶ୍ର କହିଛନ୍ତି।

### ସବୁ ରାଜ୍ୟ ...

ତ୍ୱରାନ୍ୱିତ ହୋଇପାରିବ। ମହିଳାମାନେ ସଶକ୍ତ ନ ହେଲେ କୌଣସି ପରିବାର, କୌଣସି ସମାଜ, କୌଣସି ରାଜ୍ୟ ବା ଦେଶ ଅଗ୍ରଗତି କରିପାରିବ ନାହିଁ। ମୁଖମନ୍ତ୍ରୀ କହିଛନ୍ତି, ରାଜ୍ୟର ଲୋକସଂଖ୍ୟାର ଅଧା ହେଉଛନ୍ତି ମହିଳା। ତେଣୁ ବିକାଶ ପ୍ରକ୍ରିୟା ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସେମାନଙ୍କ ଯୋଗଦାନ ଗଣତନ୍ତ୍ରକୁ ଅଧିକ ସୁଦୃଢ଼ କରିବ। ସ୍ୱର୍ଗତ ବିଜୁବାବୁ ୯୦ ଦଶକରେ ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରେ ମହିଳାଙ୍କ ପାଇଁ ପଞ୍ଚାୟତ ଓ ପୌରସଂସ୍ଥା ସମେତ ସରକାରୀ ଚାକିରୀରେ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ ନିଷ୍ପତ୍ତି ନେଇଥିଲେ। ଏହି ନିଷ୍ପତ୍ତି ଅତ୍ୟନ୍ତ ପ୍ରଭାବଶାଳୀ ହୋଇପାରିଥିଲା। ଏହି ସଫଳତାକୁ ଦୃଷ୍ଟିରେ ରଖି ୨୦୧୧ରେ ତାଙ୍କ ସରକାର ସଂରକ୍ଷଣକୁ ୫୦ ପ୍ରତିଶତକୁ ବୃଦ୍ଧି କରିଛନ୍ତି। ସମ୍ବିଧାନରେ ଲିଙ୍ଗଗତ ବୈଷମ ଦୂର କରିବା ଉପରେ ଗୁରୁତ୍ୱ ରହିଥିବାରୁ ସମସ୍ତେ ପ୍ରତିବଦ୍ଧତାର ସହ ଉଦ୍ୟମ ଜାରି ରଖିବା ଉଚିତ୍। ଏନେଇ ଓଡ଼ିଶା କ୍ୟାବିନେଟରେ ପ୍ରସ୍ତାବ ଗୃହୀତ ହେବାପରେ ବିଧାନସଭାରେ ସଂକଳ୍ପ ପାରିତ ହୋଇଛି। ମହିଳାଙ୍କ ପାଇଁ ସଂସଦ ଓ ବିଧାନସଭାରେ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ କରିବା ଦିଗରେ ନେତୃତ୍ୱ ନେଇ ପଦକ୍ଷେପ ନେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ସହଯୋଗ ଲୋଡ଼ି ସେ ପତ୍ର ଲେଖିଥିବା କଥା ମଧ ଚିଠିରେ ଉଲ୍ଲେଖ କରିଛନ୍ତି। ଦେଶର ସବୁ ମୁଖ୍ୟମନ୍ତ୍ରୀଙ୍କ ସହଯୋଗ ମହିଳା ସଶକ୍ତିକରଣକୁ ନୂତନ ମାର୍ଗ ଦେବ ବୋଲି ଶ୍ରୀ ପଟ୍ଟନାୟକ ଆଶାବ୍ୟକ୍ତ କରିଛନ୍ତି।

### ଓଡ଼ିଶାକୁ ମିଳିଲାନି ...

ସରକାର ଅନ୍ତରୀଣ ସହାୟତା ଭାବେ ଅଗ୍ରୀମ ୧୦୦୦ କୋଟି ଟଙ୍କା ସହ ସମୁଦାୟ ୪୬୮୪ କୋଟି ଟଙ୍କାର ସହାୟତା ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ୨୦୧୪ କୋଟି ଟଙ୍କା ସହାୟତା ଦେବାକୁ ମୁଖ୍ୟମନ୍ତ୍ରୀ ଚିଠିରେ ଲେଖିଥିଲେ। ଅନ୍ୟପକ୍ଷରେ ଗତ ନଭେମ୍ବର ୧ରେ କେନ୍ଦ୍ରୀୟ ଟିମ୍ ଓଡ଼ିଶା ଆସି ତିତ୍‌ଲି କ୍ଷୟକ୍ଷତି ଆକଳନ କରିଥିଲେ। କେନ୍ଦ୍ର ଗୃହ ମନ୍ତ୍ରାଳୟର ଯୁଗ୍ମ ସଚିବ ଏସ୍‌କେ ସାହିଙ୍କ ନେତୃତ୍ୱରେ ଏହି ୮ ଜଣିଆ ଟିମ୍ ୨ ଦିନ ତିତ୍‌ଲି ପ୍ରଭାବିତ ଅଞ୍ଚଳ ଗସ୍ତ କରିଥିଲେ। ଦିଲ୍ଲୀରେ ପହଞ୍ଚି ଖୁବ୍‌ଶୀଘ୍ର ତିତ୍‌ଲି କ୍ଷୟକ୍ଷତିର ଚୂଡ଼ାନ୍ତ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯିବ ବୋଲି ଶ୍ରୀ ସାହି କହିଥିଲେ। ମାତ୍ର ଗୁରୁବାର କେନ୍ଦ୍ର ସରକାର ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ କେରଳ, ନାଗାଲାଣ୍ଡ୍ ଓ ଆନ୍ଧ୍ରପ୍ରଦେଶ ପାଇଁ ଅର୍ଥ ମଞ୍ଜୁର କରିଥିବା ବେଳେ ଓଡ଼ିଶାକୁ ଭୁଲିଯିବା କ୍ଷୋଭର ବିଷୟ ବୋଲି ବିଜେଡି ସାଂସଦ ତଥା ମୁଖପାତ୍ର ପ୍ରତାପ ଦେବ କହିଛନ୍ତି। ସାଂସଦ ଶ୍ରୀ ଦେବ କହିଛନ୍ତି, ତିତ୍‌ଲି ବାତ୍ୟା ସହାୟତା ମଞ୍ଜୁର ନହେବା ଓଡ଼ିଶା ପ୍ରତି କେନ୍ଦ୍ରର ବୈମାତୃକ ମନୋଭାବ ଓ ଅବହେଳାର ଚରମ ନମୂନା। କେନ୍ଦ୍ରୀୟ ଟିମ୍ ଅନୁଧ୍ୟାନ କରିଯିବା ପରେ ମଧ୍ୟ ଓଡ଼ିଶା ପାଇଁ ସହାୟତା ମଞ୍ଜୁର ନ ହେବା ରାଜ୍ୟ ପ୍ରତି ପ୍ରତାରଣା ବୋଲି ଶ୍ରୀ ଦେବ କହିଛନ୍ତି। ରାଜ୍ୟ ବିଜେପି ନେତାମାନେ ତିତ୍‌ଲି ବାତ୍ୟାକୁ ନେଇ ଅନେକ ତମ୍ବିତୋଫାନ କରୁଥିବା ବେଳେ ଏ ପ୍ରସଙ୍ଗରେ ପାଟି ଖୋଲିବା ଉଚିତ ବୋଲି ଶ୍ରୀ ଦେବ କହିଛନ୍ତି। ତିତ୍‌ଲି ବାତ୍ୟାରେ ଆନ୍ଧ୍ରପ୍ରଦେଶ କ୍ଷତିଗ୍ରସ୍ତ ହୋଇଥିବାରୁ ଆନ୍ଧ୍ରକୁ ସହାୟତା ମଞ୍ଜୁର କରାଯାଇଛି। ମାତ୍ର ଓଡ଼ିଶାକୁ ସହାୟତା ମଞ୍ଜୁର କରିବାରେ କେନ୍ଦ୍ର ସରକାରଙ୍କ ଟାଳଟୁଳ ନୀତିକୁ ସାଧାରଣରେ ନାପସନ୍ଦ କରାଯାଇଛି।

### 'ଏସ୍‌ପିଆର୍ ପାଇଁ ...

ତୃତୀୟରେ ବିଜୁଳି ଓ ପାଣିର ବ୍ୟବହାର ପାଇଁ ଅନୁମତି, ଚତୁର୍ଥରେ ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟର ଅନୁମତି, ପଞ୍ଚମରେ ପ୍ରସ୍ତାବିତ ଅଞ୍ଚଳରେ ପଥର ଖନନ କାମକୁ ବନ୍ଦ କରିବା ଓ ଷଷ୍ଠ ପ୍ରସଙ୍ଗରେ ପର୍ଯ୍ୟାବରଣ ଓ ପ୍ରଦୂଷଣ ବୋର୍ଡ଼ର ଅନୁମତି ସମେତ ଅନ୍ୟାନ୍ୟ ବିଷୟରେ ରାଜ୍ୟ ସରକାରଙ୍କ ଅନୁମତି ପ୍ରଦାନ ପାଇଁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି। ଶ୍ରୀ ପ୍ରଧାନ ଏହି ପତ୍ରରେ କହିଛନ୍ତି ଗତ ୨୦୧୮ ଜୁନ୍ ୨୭ରେ ଏହି ପ୍ରକଳ୍ପ ପାଇଁ କେନ୍ଦ୍ର କ୍ୟାବିନେଟ୍ ଅନୁମତି ଦେଇଥିଲା। ଏହି ପ୍ରକଳ୍ପ ଓଡ଼ିଶାକୁ ବିଶ୍ୱର ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ୍ ରିଜର୍ଭ ମାନଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେବ। ପ୍ରକଳ୍ପରେ ୬,୫୦୦ କୋଟି ଟଙ୍କାର ସିଧାସଳଖ ପୁଞ୍ଜି ନିବେଶ ସହ ପାରାଦୀପରେ ପ୍ରତିଷ୍ଠା ହେବାକୁ ଥିବା ପିସିପିଆଇଆର୍ ପ୍ରକଳ୍ପକୁ ସହଯୋଗୀ ହେବା ସହ ରାଜ୍ୟକୁ ପେଟ୍ରୋଲିୟମ୍ ଉତ୍ପାଦଗୁଡ଼ିକର ପେଣ୍ଠସ୍ଥଳୀ କରିବ। ଏହି ପ୍ରକଳ୍ପ ରାଜ୍ୟରେ ନିଯୁକ୍ତି ସୁଯୋଗର ବଡ଼ ସମ୍ଭାବନା ସୃଷ୍ଟି ହେବ। ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ୫ ବର୍ଷ ଧରି ଚାଲିବା ବେଳେ ଦୈନିକ ୪ ହଜାର୍ ଲୋକ କାମ କରିବାର ଆବଶ୍ୟକତା ରହିବ। ଏହି ପ୍ରକଳ୍ପ ଯୋଗୁଁ ଆନୁସଙ୍ଗିକ ଶିଳ୍ପ ବିଶେଷ ଭାବରେ ଟ୍ରାଭେଲ୍ ଓ ହସ୍ପିଟାଲିଟି ସେବାର ଆବଶ୍ୟକତାକୁ ବୃଦ୍ଧି କରିବ। ଏହି ପ୍ରକଳ୍ପ କ୍ରିୟାନ୍ୱୟନ ହେବା ଦ୍ୱାରା ଆନୁମାନିକ ୧୬.୬ ନିୟୁତ ମେଟ୍ରିକ୍ ଟନ୍ ପଥର ବାହାରିବ। ଯାହା ସହରାଞ୍ଚଳ, ରାଜମାର୍ଗ ଓ ବନ୍ଦର ନିର୍ମାଣର ଭିତ୍ତିଭୂମି ପାଇଁ ଆବଶ୍ୟକ ହେବ। ଏହି ପଥର ବିକ୍ରି ରାଜ୍ୟ ସରକାରଙ୍କ ଟିକସ ବୃଦ୍ଧିରେ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ ଏହି ପତ୍ରରେ ଉଲ୍ଲେଖ କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି, ଗତ ୨୦୧୮ ଅକ୍ଟୋବର ୩ରେ ତାଙ୍କ ମନ୍ତ୍ରଣାଳୟର ଯୁଗ୍ମ ସଚିବଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଓ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ପ୍ରତିନିଧିଙ୍କୁ ଏହି ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଗତ ୨୦୧୮ଅକ୍ଟୋବର ୯ରେ କେନ୍ଦ୍ର ତୈଳ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ସଚିବ ଡ. ଏମ୍ ଏମ୍ କୁଟ୍ଟେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସୂଚନା ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଗତ ଅକ୍ଟୋବର ୩ ମୁଖ୍ୟ ଶାସନ ସଚିବଙ୍କ ସହ ତୈଳ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ପ୍ରତିନିଧିଙ୍କ ବୈଠକ ସମୟରେ ରାଜ୍ୟ ସରକାରଙ୍କ ଅଫିସରମାନଙ୍କର ଏକ ଟିମ୍ କର୍ଣ୍ଣାଟକ ରାଜ୍ୟର ମାଙ୍ଗାଲୁର ଓ ପଦୁରଠାରେ ଥିବା ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ ବୁଲି ଦେଖିବା ପାଇଁ ସହମତି ହୋଇଥିଲା। ଚଣ୍ଡିଖୋଲରେ ପ୍ରସ୍ତାବିତ ପ୍ରକଳ୍ପ ଢାଞ୍ଚାରେ ସେଠାରେ ନିର୍ମିତ ହୋଇଥିବା ପ୍ରକଳ୍ପ ଦ୍ୱୟ ବୁଲି ଦେଖିବା ଦ୍ୱାରା ଚଣ୍ଡିଖୋଲ ପ୍ରକଳ୍ପ ଓ ଏଥିରୁ ବାହାରିବାକୁ ଥିବା ବର୍ଜ୍ୟ ପ୍ରସ୍ତର ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିପାରିବ ବୋଲି ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ପ୍ରକଳ୍ପ ତରଫରୁ ଓଡ଼ିଶାର ପ୍ରଶାସନିକ ଅଧିକାରୀ ପ୍ରତିନିଧିମାନଙ୍କ ଯାତ୍ରା ବ୍ୟବସ୍ଥା କରାଯିବ। ଏହାକୁ ତ୍ୱରାନ୍ୱିତ କରିବା ପାଇଁ ମଧ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି।

### ଏଥର ଦଳ ନୁହେଁ...

ନିର୍ଭର କରିଥାନ୍ତି କାରଣ ରୋଜଗାରର ପନ୍ଥା ଏଠାରେ ନାହିଁ। ପ୍ରଶାସନର ଅପାର ଗତା ଦୃଷ୍ଟିରୁ ବେଆଇନ୍ ଦେଶୀ, ବିଦେଶୀ ମଦ ବ୍ୟବସାୟ କୁଟୀର ଶିଳ୍ପ ଭାବେ ଉଭା ହୋଇଛି। ଏହି ମଦ ବେପାର କରି କିଛି ବ୍ୟବସାୟୀ ଭଲ ଦୁଇ ପଇସା ରୋଜଗାର କରିବା ସଙ୍ଗେ ସଙ୍ଗେ ଏ ଧନ୍ଦାକୁ ପ୍ରତ୍ୟେକ୍ଷ୍ୟ ବା ପରୋକ୍ଷ ଭାବରେ ସାହାଯ୍ୟ କରୁଥିବା ରାଜନେତା ଏବଂ ପ୍ରଶାସନିକ ଅଧିକାରୀ ମାଲେମାଲ ମଧ ହେଉଛନ୍ତି। ପ୍ରଚୁର ମଦ କାରବାର ଯୋଗୁଁ କିଛି ଉଦଭ୍ରାନ୍ତ ଯୁବକ ଚୋରୀ, ଛିନ୍ତାଇ, ଦୁଷ୍କର୍ମ କାର୍ଯ୍ୟରେ ନିଜକୁ ନିୟୋଜିତ କରୁଛନ୍ତି। ଯାହା ଫଳରେ ଆଇନ ଶୃଙ୍ଖଳା ପରିସ୍ଥିତି ମଧ ସୃଷ୍ଟି ହେଉଛି। ଏ ଅଞ୍ଚଳର ଏକମାତ୍ର ଆବଶ୍ୟକତା ଏକ ଦକ୍ଷ ଅଭିଜ୍ଞ ରାଜନେତା ବୋଲି ବୁଦ୍ଧିଜୀବିମାନେ ମତ ରଖିଛନ୍ତି। ରାଜ୍ୟରେ ୧୮ ବର୍ଷର ବିଜେଡି ଶାସନ କାଳରେ ସେମିତି କିଛି ଆଖିଦୃଶୀୟା ଉନ୍ନତି ହୋଇନାହିଁ। କେବଳ ପ୍ରଧାନ ମନ୍ତ୍ରୀ ଆବାସ, ବିଜୁ ପକ୍କାଘର, ବାର୍ଦ୍ଧକ୍ୟ ଭତ୍ତା, ଟଙ୍କିକିଆ ଚାଉଳ ବାଣ୍ଟିବା ଭଳି କାର୍ଯ୍ୟରେ ସମୟ କଟି ଯାଇଛି। ସବୁ ନିର୍ବାଚନ ମଣ୍ଡଳୀରେ ଆଲୋକ ବ୍ୟବସ୍ଥା ଥିଲେ ମଧ ଏଠାରେ ତାହାର ଦେଖିବାକୁ ମିଳେ। ପିସି କାରବାରର ବହୁଳ ଅଭିଯୋଗ ଥିବା ଯୋଗୁଁ ମୁଖ୍ୟ ମନ୍ତ୍ରୀଙ୍କ ଆମ ଗାଁ ଆମ ବିକାଶ ଯୋଜନାର କାର୍ଯ୍ୟ ଠପ୍ ହୋଇଯାଇଛି, ଯାହା ଏ ଅଞ୍ଚଳ ପ୍ରତି ଅଭିସାପ। କୋର୍ଟ ମଧ ଏ କାର୍ଯ୍ୟପାଇଁ ଷ୍ଟେ ଅର୍ଡର କରିଛନ୍ତି। ଆଗାମୀ ଦିନରେ ଏ ଅଞ୍ଚଳର ମୁଖ୍ୟ ଆବଶ୍ୟକତା ଥିବା ପାନୀୟ ଜଳର ବ୍ୟବସ୍ଥା, ସ୍ଥାୟୀ ଆଲୋକ, ସାହି ସାହିକୁ ରାସ୍ତା, ଚାଷ ପାଇଁ ସ୍ଥାୟୀ କେନାଲ କରିବା ନିହାତି ଆବଶ୍ୟକ ହୋଇପଡୁଛି। ଶିକ୍ଷା ବ୍ୟବସ୍ଥା କହିଲେ ଶିକ୍ଷା ବ୍ୟବସ୍ଥାର ଅବସ୍ଥା ମଧ ସେୟା। ସାଧାରଣ ସ୍ଥାୟୀ ଅଙ୍ଗନୱାଡି କେନ୍ଦ୍ର ମଧ ସବୁ ଅଞ୍ଚଳ ନିର୍ମାଣ ହୋଇପାରୁନାହିଁ। ବିଦ୍ୟାଳୟରେ କେଉଁଠି ଗୃହ ନାହିଁ କେଉଁଟି ଶିକ୍ଷକ ନାହାନ୍ତି। ଡାକ୍ତର ସେବା ପାଇଁ ଡାକ୍ତର ଖାନାରେ ଡାକ୍ତର ନାହାନ୍ତି। ସାଧାରଣ ଜ୍ୱର ହେଲେବି ରୋଗୀମାନେ ବାଲେଶ୍ୱର-କଟକ ଉପରେ ନିର୍ଭର କରୁଛନ୍ତି। ବର୍ତ୍ତମାନର ରାଜନୀତିରେ ଏ ସବୁ କାର୍ଯ୍ୟକୁ ନିଜ ଅଞ୍ଚଳରେ ଉପଲବ୍ଧ କରାଇବାକୁ ହେଲେ ଜଣେ ଯୋଗ୍ୟ ନେତାର ଅବଶ୍ୟକତା ଅଛି ବୋଲି ସମଗ୍ର ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କର ଦଳମତ ନିର୍ବିଶେଷରେ ଜନମତ ପ୍ରକାଶ ପାଇଲାଣି।

ବାକି ରହିଲା ରାଜନୈତିକ ନେତାଙ୍କର ଗତିବିଧି ବା ହାଲଚାଲ। ବାରମ୍ବାର ଖବର କାଗଜରେ ଏ ଅଞ୍ଚଳର ଦଳବଦଳ ଏକ ପ୍ରମୁଖ ଖବର ହୋଇଯାଇଛି। ନିକଟରେ ପ୍ରକାଶିତ ସର୍ଭେ ଅନୁସାରେ ଓଡିଶାରେ ବିଜେଡି ବିରୁଦ୍ଧରେ ଲଢେଇ କରୁଛି। ଫଳ ସ୍ୱରୂପ ୬୦ଜଣ ବିଜେଡି ବିଧାୟକଙ୍କର ଟିକଟ କଟିବ ବୋଲି ରିପୋର୍ଟ ଦେଇଛି। ଏଥିରେ ବାଲେଶ୍ୱରରୁ ୪ ଜଣଙ୍କର ନାମଥିଲେମଧ ସେଥିରେ ସିମୁଳିଆ ବିଧାୟକଙ୍କର ନାମ ନାହିଁ। ଯାହା ବିଜେଡି ପାଇଁ ଖୁସି ଖବର। ଗତ ୨ଟି ନିର୍ବାଚନରେ ଲଗାତର ହାରି ବିଜେପିରେ ନୂଆ ନୂଆ ମିଶିଥିବା ପୂର୍ବତନ ମନ୍ତ୍ରୀ ନିଜ ଜୀବନର ଶେଷ ନିର୍ବାଚନ ଜିତି ଲୋକଙ୍କ ସେବା କରିବାକୁ ଆଶାବାନ୍ଧିଥିବା ବେଳେ ତାଙ୍କୁ ଟକ୍କର ଦେଉଛନ୍ତି ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ରଞ୍ଜିତ୍ ଠାକୁର ଏବଂ ଗତ ଥରର ବିଜେପିର ବିଧାୟକ ପ୍ରାର୍ଥୀ ଶଶିକୁମାର ସାହୁ। କଂଗ୍ରେସର ୯୦ଭାଗରୁ ଅଧିକ ସମର୍ଥକ ବିଜେପିରେ ମିଶିବା ପରେ ଏଠାରେ କଂଗ୍ରେସ ସର୍ବହରା ହୋଇପଡିଛି। ନୂଆ ପିସିସି ସଭାପତି ଭାବେ ନିରଞ୍ଜନ ପଟ୍ଟନାୟକ ହେବାପରେ ନିର୍ବାଚନର ୬ମାସ ପୂର୍ବର ୫୦ଟିକେଟ ବାଣ୍ଟିବାକୁ ସ୍ଥିର କରିଥିଲାବେଳେ ଆଜି ପର୍ଯ୍ୟନ୍ତ ଗୋଟିଏ ଟିକେଟ ବାଣ୍ଟି ପାରିନି। ତଥାପି ଏଠାରେ ନୂଆ ଫେସବୁକ ନେତା ଟିକେଟ ପାଇବା ପାଇଁ ଆଶା ରଖି ଘୁରି ବୁଲୁଥିଲା ବେଳେ ଜଣେ ପୂର୍ବତନ ଲୋକସଭା ପ୍ରର୍ଥୀ ଏହି କଂଗ୍ରେସ ଟିକେଟ ପାଇବେ ବୋଲି ଶୁଣିବାକୁ ମିଳୁଛି। ବିଜେଡିରେ ପ୍ରାର୍ଥୀ ବଦଳିବେ ନାହିଁ ବୋଲି ସର୍ଭେ ରିପୋର୍ଟ ଥିଲେ ମଧ ଏଠାରେ ଖଇରା ବ୍ଲକର ଦୁଇ ଦୁଇ ଥର ବ୍ଲକ ଉପାଧକ୍ଷ ବେତଲର ଜୟନ୍ତ ରାଉତ, ବାଲେଶ୍ୱରର ଜଣେ ହୋଟେଲ ବ୍ୟବସାୟୀ ପୂର୍ବତନ ବିଜେଡି ଯୁବ ଜିଲ୍ଲା ସଭାପତି ଯଯାତି ଦାସ ଏବଂ ଖଇରା ଅଞ୍ଚଳର ଜଣେ ବ୍ୟବସାୟୀ ଏବଂ ନୂଆ ନୂଆ ନେତା ଏବାକୁ ମନ କରିଥିବା ନିକୁଞ୍ଜ ଦାସ ମଧ ଟିକେଟ ଦୌଡରେ ସାମିଲ ହୋଇ ଏ ଅଞ୍ଚଳରେ ରାଜନୀତି ପାଣିପାଗକୁ ସରଗରମ କରିଛନ୍ତି। ଦାମ ରାଉତଙ୍କ ନୂଆ ଦଳ ଘୋଷଣା ପରେ ତାଙ୍କ ଦଳରୁ କିଏ ଟିକେଟ ପାଇବ ବିଜେଡି ସ୍ଥିର କରିବ। କିନ୍ତୁ ଯାହାବି ହେଉ ଏଥର ସିମୁଳିଆର ଶିକ୍ଷିତ ଭୋଟର ମାନେ ଜଣେ ଦକ୍ଷ, ରାଜନୀତିରେ ଅଜ୍ଞ, ରାତୀ ଅଧରେ ଥାନା, ବ୍ଲକରେ ଜନସାଧାରଣଙ୍କୁ ନ୍ୟାୟ ଦେଇପାରୁଥିବା ପ୍ରାର୍ଥୀଙ୍କୁ ସର୍ବାଗ୍ରେ ଚୟନ କରିବେ ବୋଲି ଆଶା କରାଯାଉଛି।

# 'ଆତ୍ମା' ସହଯୋଗରେ ବିଶ୍ୱ ମୃତ୍ତିକା ଦିବସ

**ଖୋର୍ଦ୍ଧା :** ସ୍ଥାନୀୟ କେରଙ୍ଗ ଗ୍ରାମରେ ଜିଲ୍ଲା 'ଆତ୍ମା' ସହଯୋଗରେ ବ୍ଲକ୍‌ସ୍ତରୀୟ ମୃର୍ତ୍ତିକା ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାଟି ମା'ର ସୁରକ୍ଷା କୃଷକମାନେ କିପରି ରକ୍ଷା କରିପାରିବା ସହିତ ସର୍ବଦା ନିଜ ଜମିର ମାଟିକୁ ପରୀକ୍ଷା କରିବା ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ ବୋଲି ଶସ୍ୟ ସଂରକ୍ଷଣ ଅଧିକାରୀ ପ୍ରଭାତ କୁମାର ମାର୍ଥା ଉପସ୍ଥିତ କୃଷକମାନଙ୍କୁ ପରାମର୍ଶ ଦେଇଥିଲେ। ଖୋର୍ଦ୍ଧା ବ୍ଲକ୍ ସହକାରୀ କୃଷି ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ତାଙ୍କ ଶିକ୍ଷାଦାନରେ କହିଥିଲେ ଯେ, ଅତ୍ୟଧିକ ସାର ପ୍ରୟୋଗ କରିବା ଦ୍ୱାରା ମାଟିର କେତେକ ଗୁଣ ସବୁ ଆପେ ଆପେ ନଷ୍ଟ ହୋଇଯାଉଛି। ତେଣୁ ଆମ୍ଭେମାନେ ସତର୍କତା ଅବଲମ୍ବନ କରିବା ଉଚିତ୍ ତା ସହିତ ଜୈବିକ ଖତସାର ପ୍ରୟୋଗ ଅତ୍ୟନ୍ତ ଜରୁରୀ। ଏହି ମୃର୍ତ୍ତିକା ଦିବସରେ ଗ୍ରାମର ଅଗ୍ରଣୀ କୃଷକମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ ବଣ୍ଟନ କରାଯାଇଥିଲା। ଏ ସମସ୍ତ କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ବ୍ଲକ୍ ଆତ୍ମା ସହକାରୀ ବୈଷୟିକ ପ୍ରବନ୍ଧକ ପ୍ରଜ୍ଞା ସୁନନ୍ଦିତା ମିଶ୍ର ଏବଂ ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ସୁମିତ୍ର ପାତ୍ର ପରିଚାଳନା କରିଥିଲେ। ଏହି ଉତ୍ସବରେ ଶତାଧିକ କୃଷକ ଯୋଗ ଦେଇଥିଲେ।

# ଚାଷୀ ନେତାଙ୍କ ଅଭିଯୋଗ, ମିଲର୍ସ ଲୁଟୁଛନ୍ତି ଧାନ

**ଭବାନୀପାଟଣା :** କଳାହାଣ୍ଡି ଜିଲ୍ଲାରେ ଅସାଧୁ ମିଲର୍ସଙ୍କ ହାତରେ ଧାନସଂଗ୍ରହ ବ୍ୟବସ୍ଥା ହେଲେ କାହା ପାଖରେ ପରିବେଶ ମଞ୍ଜୁରି ନାହିଁ। ଟାର୍ଗେଟ୍ ବଢାଇବା ପାଇଁ ଚଞ୍ଚକତା କରାଯାଇଥିବା ଅଭିଯୋଗ ହେଉଛି। ଏନେଇ ଯୋଗାଣ ବିଭାଗ ଓ ଜିଲ୍ଲା ଶିଳ୍ପକେନ୍ଦ୍ର ମଧ ସନ୍ଦେହ ଘେରରେ। ଏହି ଜିଲ୍ଲାରେ ଧାନ ମଣ୍ଡି ବ୍ୟବସ୍ଥାରେ ଅନେକ ହେରାଫେରି ହେଉଥିବା ଘଟଣା ପଦାକୁ ଆସିବାରେ ଲାଗିଛି। ଚାଷୀଙ୍କୁ ଧାନ ବିକିବା ପୂର୍ବରୁ ସମବାୟ ସମିତିରେ ଚାଷ କରିଥିବା ଜମିର ତଥ୍ୟ ସମେତ ନିର୍ଦ୍ଧାରିତ ଫର୍ମରେ ଆବେଦନ କରି ପଞ୍ଜିକରଣ କରିବାକୁ ପଡିଥାଏ। ଚାଷୀଙ୍କ ଫର୍ମକୁ ସଂପୃକ୍ତ ପାକ୍ସ କର୍ତ୍ତୃପକ୍ଷ ରାଜସ୍ୱ ନୀରିକ୍ଷକ (ଆରଆଇ)ଙ୍କ ପାଖକୁ ପଠାଇଦେଲେ ସଂପୃକ୍ତ ଆରଆଇ ସେସବୁ କାଗଜାତ ତନଖି କରିସାରିବା ପରେ ଉକ୍ତ ଚାଷୀଙ୍କ ନାମ ପଞ୍ଜିକରଣ ହେବାପରେ ସେହି ଚାଷୀ ମଣ୍ଡିରେ ପାକ୍ସକୁ ଧାନ ବିକିବାର ସରକାରୀ ବ୍ୟବସ୍ଥା ରହିଥିବା ଜଣାପଡେ। ପୂର୍ବରୁ କେବଳ ରାଜସ୍ୱ ରସିଦକୁ ଆଧାର କରି ଚାଷୀ ସିଧାସଳଖ ଧାନ ବିକିପାରୁଥିବା ବେଳେ ସେହି ସମୟରେ କଳାହାଣ୍ଡି ଜିଲ୍ଲାର ଅଧିକାଂଶ ମଣ୍ଡିରେ ଭୂତ ଚାଷୀଙ୍କ ବେନାମୀ ଜମି ଉଲ୍ଲେଖ କରି ଧାନ ବିକିଦେଇଥିବାର ଅନେକ ଘଟଣା ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ଏପରିକି ଚାଷୀଙ୍କୁ ଅସୁବିଧା ସମୟରେ ଟଙ୍କା, ବିହନ, ଖତସାର, ଔଷଧ ଇତ୍ୟାଦି ଚଢା ଦାମରେ ଯୋଗାଇ ଦେଇ କିଛି ଲାଭଖୋର ବ୍ୟବସାୟୀ ସେମାନଙ୍କ ଧାନକୁ କମ ମୂଲ୍ୟରେ କିଣିବା ପରେ ଚୋରାରେ ଗଚ୍ଛିତ କରି ଆରଆଇ ଅଫିସରୁ ରସିଦ ହାତେଇ ନେଇ ପାକ୍ସ କର୍ମଚାରୀଙ୍କ ସାହାଯତାରେ ଫଲ୍ସ ଚାଷୀର ନାମ ଭର୍ତ୍ତା କରିଦେଇ ଅତି ସହଜରେ ଧାନ ବିକ୍ରି କରିଦେଇ ବେଶ ଲାଭବାନ ହୋଇଯାଉଥିବା ଚର୍ଚ୍ଚା ହେଉଥିଲା। ଏପରିକି ମଣ୍ଡି ମାନଙ୍କରେ ପାକ୍ସ କର୍ତ୍ତୃପକ୍ଷଙ୍କ ବାଧ୍ୟ ହୋଇ ମଣ୍ଡିରେ ଟେଗିଂ ହୋଇଥିବା କଷ୍ଟମ ମିଲର୍ସମାନଙ୍କୁ ହିଁ ଭରସା କରିବାକୁ ବାଧ ହେଉଥିବା ଦେଖାଯାଉଛି। ସରକାରୀ ନିୟମ ଅନୁସାରେ ପାକ୍ସ ପ୍ରଥମେ ଚାଷୀଙ୍କଠାରୁ ଧାନ କିଣିସାରିବା ପରେ ମିଲିଂ ପାଇଁ ମିଲର୍ସଙ୍କୁ ଦେବା କଥା କିନ୍ତୁ ମିଲର୍ସ ହିଁ ମଣ୍ଡିରେ ଧାନ କିଣି ବ୍ୟବବସ୍ଥା ନିୟନ୍ତ୍ରଣ କରିଆସୁଛି। ଧାନ କିଣି ଗଚ୍ଛିତ ରଖିବାକୁ ପାକ୍ସ କର୍ତ୍ତୃପକ୍ଷ କୌଣସି ରିସ୍କ ନେବାକୁ ଚାହୁଁନଥିବାରୁ ଏଭଳି ପରିସ୍ଥିତି ଦେଖାଯାଉଥିବା କୁହାଯାଉଛି। ଅନ୍ୟ ପକ୍ଷରେ ମଣ୍ଡିରେ ଟେରିଂ ହୋଇଥିବା ମିଲର୍ସ ନିଜ ମନ ପସନ୍ଦ ମୁତାବକ ଚାଷୀଙ୍କ ଧାନକୁ ହିଁ ଉଠାଉଥିବା ଚାଷୀ ମହଲରେ ଅଭିଯୋଗ ହେଉଛି। ମଣ୍ଡିରେ ମିଲର୍ସ ଟଏଗିଂ ବ୍ୟବବସ୍ଥାରେ ପ୍ରାୟା ପ୍ରୀତି ତୋଷଣ କାରବାର ହେତୁ ପରିବହନ ଖର୍ଚ୍ଚ କମାଇବା ବବାହାନାରେ ମଣ୍ଡି ମାନଙ୍କରେ ନିକଟସ୍ଥ ମିଲର୍ସଙ୍କୁ ଟେରିଂ କରିଦେଉଥିବା ବେଳେ ଲାଭଖୋର ମିଲର୍ସମାନଙ୍କ ନିଜ ଅଂଚଳରେ ଧାନପାଇଁ ଲଗାଣ ବ୍ୟବସ୍ଥା ଜାରି ରଖି ଚାଷୀଙ୍କୁ ଶୋଷଣ କରୁଥିବା ଅଭିଯୋଗହେଉଛି। ହେଲେ ଚାଷୀଙ୍କ ଦାବି ପ୍ରତି ଜିଲ୍ଲା ଯୋଗାଣ ବିଭାଗ ସବୁବେଳେ ଅଣଦେଖା କରିଆସୁଥିବା ଚାଷୀ ନେତାମାନେ ଅଭିଯୋଗ କରୁଛନ୍ତି।

# ସରପଞ୍ଚଙ୍କ ଏକାଧିକ ବିବାହ ଅଭିଯୋଗ

**ଭବାନୀପାଟଣା :** କଳାହାଣ୍ଡି ଜିଲ୍ଲା ଥୁଆମୁଲରାମପୁର ବ୍ଲକର କେରପାଇ ଗ୍ରାମର କାମୀ ମାଝୀ, ରାଇସିଂ ମାଝୀଙ୍କ ନାମରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣିଥିଲେ। ରାଇସିଂ ମାଝୀ ସରପଞ୍ଚଥିବା ବେଳେ ଏକାଧିକ ବିବାହ କରି କିଭଳି ସରପଞ୍ଚ ପଦରେ ରହିଥିଲେ, ତାହା ତାଙ୍କର ମୂଳ ଅଭିଯୋଗ ଥିଲା। କାମୀ ମାଝୀ ନିଜେ ଜିଲ୍ଲାପାଳ,ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏବଂ ମହିଳା କମିଶନଙ୍କୁ ଲିଖିତ ଅଭିଯୋଗ କରିଥିଲେ।

# ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ

**ଜୟପାଟଣା :** ଗତ ୨ ଦିନତଳେ ଦୁସ୍ମନ୍ତ ସାହୁଙ୍କ ଘରକୁ ଯୋଗାଣ ବିଭାଗ ତରଫରୁ ଚଢାଉ ହେଉଥିବାବେଳେ କର୍ତ୍ତବ୍ୟରତ ଜଣେ ଟିଭି ସାମ୍ବାଦିକ ଖବର ସଂଗ୍ରହ କରିବାକୁ ଉକ୍ତ ଜାଗାରେ ପହଞ୍ଚିଥିଲେ। ହଠାତ୍ ତାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇ ଜୀବନରେ ମାରିଦେବାକୁ ଧମକ ଦିଆଗଲା। ଯାହାକୁ ନେଇ ବିଭିନ୍ନ ମହଲରେ ଘୋର ନିନ୍ଦା କରାଯାଇଅଛି। ନିଜ କଳାକାରନାମାକୁ ଚପାଇବାକୁ ଯାଇ ସାମ୍ବାଦିକ ମାନଙ୍କ ସ୍ୱଚ୍ଛତା ଉପରେ ଅଙ୍କୁଶ ଲଗାଯାଉଛି ବୋଲି ଅଭିଯୋଗ ହୋଇଛି। ପ୍ରଶାସନ ନିରବଦ୍ରଷ୍ଟା ସାଜିବାରୁ ଏଠାରେ ସାମ୍ବାଦିକ ମାନଙ୍କର ଜୀବନ ବିପଦକୁ ଠେଲି ହୋଇଯାଉଛି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେବାରୁ ଆଗକୁ ଏଭଳି ଘଟଣା ବଢ଼ିଚାଲିବ ବୋଲି କହୁଛନ୍ତି ସାମ୍ବାଦିକ। ତେଣୁ ଜିଲ୍ଲାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଖବର ଆଉ ସ୍ୱଚ୍ଛତାର ସହ ପ୍ରକାଶ ପାଇବ କେମିତି। କଳାହାଣ୍ଡି ତହସିଲଦାରଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ଏକମାତ୍ର, ପ୍ରମେୟ ଓ ସମ୍ବାଦ ବାରମ୍ବାର ଖବର ପ୍ରକାଶ କରୁଥିଲେ ମଧ ଉପରିସ୍ଥ ହାକିମ ଏହାକୁ ଗୁରୁତ୍ୱ ନଦେବା ଅତ୍ୟନ୍ତ ଦୁଃଖଦ ଘଟଣା ବୋଲି ସାଧାରଣରେ ଆଲୋଚନା ହେଉଛି।

# ସରକାରୀ ଡାକ୍ତର, ବେସରକାରୀ ଚିକିତ୍ସା

**ଭବାନୀପାଟଣା :** ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟର କିଛି ଡାକ୍ତର ତଥା ହାଡଭଙ୍ଗା ଡାକ୍ତର ପାଢୀ ମହାଶୟମାନେ ସରକାରୀ ଡାକ୍ତରଖାନାରେ ବସି ଚିକିତ୍ସାଳୟର ଓପିଡି ରେଜିଷ୍ଟରରେ ରୋଗୀମାନଙ୍କର ନାମ ଦର୍ଜ କରାଇବା ପରେ ବାହାରେଥିବା ସେମାନଙ୍କର କ୍ଲିନିକକୁ ଯିବା ପାଇଁ ପ୍ରବର୍ତ୍ତାଉଛନ୍ତି। ତାହାର ଏକ ଉଦାହରଣ କିଛିଦିନ ତଳେ ୮-୧୦ ବର୍ଷର ବାଳକକୁ ହାତଭାଙ୍ଗିଥିବା ଅବସ୍ଥାରେ ପ୍ଲାଷ୍ଟର କରି ପୁର୍ନବାରଭାଙ୍ଗି ଆଉଥରେ କରାଯିବାପାଇଁ ବାଧ୍ୟ କରିଥିଲେ। ଯାହାଫଳରେ ପରିବାରବର୍ଗଙ୍କ ସହିତ ଉକ୍ତ ଔଷଧ ଦୋକାନୀ ତଥା ଡାକ୍ତରଙ୍କ ଦଲାଲ ସାଙ୍ଗରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା।

ପର୍ଯ୍ୟଟନ

# ଗୋଆ ସି-ବିଚ୍‌ର ନିଆରା ମଜା
# ରଙ୍ଗୀନ ସାର୍ଟ ସାଙ୍ଗକୁ ଆକର୍ଷଣୀୟ ଟାଟୁ

ବହୁତ ଦିନ ପରେ ସାମାନ୍ୟ ଲେଖାଟିଏ ଲେଖିବା ପାଇଁ ଫୁରସତ୍ ପାଇଲି। ଆପଣ ମାନଙ୍କୁ ଗୋଆରେ ବୁଲିଥିବା ଚର୍ଚ୍ଚ ଗୁଡିକ ସମ୍ପର୍କରେ ସୂଚନା ଦେଇ ସାରିଲିଣି। ହେଲେ ଗୋଆର ଆହୁରି ଅନେକ ଚର୍ଚ୍ଚ ଥାଇ ପାରେ। ଗୋଆରେ ମୋର ସ୍ୱଳ୍ପ ରହଣୀ ଭିତରେ ଯେତିକି ସମ୍ଭବ ସେତିକି ଆପଣ ମାନଙ୍କୁ ସୂଚନା ଦେଇପାରିଲି। ଏବେ ପାଳି ଗୋଆର ଅନ୍ୟତମ ଆକର୍ଷଣ ସମୁଦ୍ରକୂଳ ବା ଇଂଗ୍ରେଜୀରେ ଯାହାକୁ କୁହାଯାଏ ସି-ବିଚ୍। ସାଧାରଣତଃ ଗୋଆ କଥା ମନକୁ ଆସିଲେ ସାଧାରଣ ପର୍ଯ୍ୟଟକ ମାନଙ୍କ ମନକୁ ଏହି ସି-ବିଚ୍ କଥା ହିଁ ଆସିଥାଏ। ତେଣୁ ସେହି ଦୃଷ୍ଟିରୁ ମୁଁ ଏବେ ନିଷ୍ପତ୍ତି ନେଲି ଯେ ଏବେ ଗୋଆର ସି-ବିଚ୍ ସମ୍ପର୍କରେ ସୂଚନା ଦେବି। ତା'ପରେ ଗୋଆରେ ଥିବା ଦୁର୍ଗ, ଏହାର ଖାଦ୍ୟ ସଂସ୍କୃତି, ବିଭିନ୍ନ ମ୍ୟୁଜିୟମ, ଜଳପ୍ରପାତ ଆଉ ନାଇଟ୍ ଲାଇଫ୍ ସମ୍ପର୍କରେ ସୂଚନା ଦେବି। ହେଲେ ଗୋଆ ସି-ବିଚ୍ ପୂରା ବର୍ଣ୍ଣନା କରିବା ପୂର୍ବରୁ ଆପଣ ମାନଙ୍କୁ ସୂଚନା ଦେବି ଯେ, ଗୋଆରେ ଥିବା ସି-ବିଚ୍ ଗୁଡିକର ଅଧାରୁ ଅର୍ଦ୍ଧାଧିକ ଉତ୍ତର ଗୋଆ ଏବଂ ଦକ୍ଷିଣ ଗୋଆରେ ଅବସ୍ଥିତ। ଆଉ ଆପଣ ମାନଙ୍କର ମନେ ଥିବ ଯେ ମୁଁ ଗୋଆରେ ପହଞ୍ଚିବା ପରେ ଉତ୍ତର ଗୋଆର ଅନ୍ୟତମ ଲୋକପ୍ରିୟ ସି-ବିଚ୍ କଲିଙ୍ଗଗୁଟ୍ ସି-ବିଚ୍‌ରେ ଏକ ଗେଷ୍ଟହାଉସ୍‌ରେ ରହିଥିଲି। ତେଣୁ ସମୁଦ୍ରକୂଳ ଶୃଙ୍ଖଳାର ଅୟମାରମ୍ଭ କରିବା ସେହି କଲିଙ୍ଗୁଟ୍ ସି-ବିଚ୍‌ରୁ। ଏହି ସି-ବିଚ୍‌ରେ ପର୍ଯ୍ୟଟକମାନଙ୍କ ଭିଡ ଦେଖିବାକୁ ମିଳିଥାଏ। କିନ୍ତୁ ଏଠାରେ ସମୁଦ୍ରକୂଳ ଗାଧୋଇବା ପାଇଁ ପ୍ରକୃଷ୍ଟ ନୁହେଁ। କିନ୍ତୁ ୱାଟର ସ୍ପୋର୍ଟ୍ସ ଆପଣମାନଙ୍କୁ ରୋମାଞ୍ଚକ ଅନୁଭୂତି ନିହାତି ଦେବ। ତେଣୁ ଆପଣ ଯେତେବେଳେ ବି ଗୋଆ ବି ଯିବେ ଏଠାରେ ୱାଟର ସ୍ପୋର୍ଟ୍ସର ମଜା ନିହାତି ନେବେ। ମୁଁ ମୋର ବନ୍ଧୁଙ୍କ ସହ ଯେତେବେଳେ ଗୋଆ ବୁଲିବା ପାଇଁ ଯାଇଥିଲି ସେତେବେଳେ ଏ ସୁଯୋଗ ପାଇଥିଲି। କଲିଙ୍ଗଗୁଟ୍ ସି-ବିଚ୍‌ରେ ଆମେ ପହଞ୍ଚିବା ପରେ ଏକ ଭଲ ଟାଟୁ ଦୋକାନ ପ୍ରଥମେ ମୋର ଦୃଷ୍ଟିକୁ ଆସିଥିଲା। ଅବଶ୍ୟ ଶରୀରରେ ଟାଟୁ କରିବାର କୌଣସି ବୟସ ସୀମା ଅଛି ନା ନାହିଁ ମୁଁ ଜାଣିନଥିଲେ ବି ମୋର କାହିଁକି କେଜାଣି ଟାଟୁ କରିବା ପାଇଁ ଇଚ୍ଛା ହେଲା। ଅବଶ୍ୟ ଏହି ଟାଟୁ ସ୍ଥାୟୀ ଟାଟୁ ନଥିଲା। କେବଳ କିଛିଦିନ ପାଇଁ ଏହା ଶରୀରରେ ରହି ପାରିବ କାରଣ ସ୍ଥାୟୀ ଟାଟୁ କରିବା ବେଳେ ଅନେକ ଯନ୍ତ୍ରଣା ଶରୀରରେ ଅନୁଭୂତ ହୁଏ ବୋଲି ମୋର ଧାରଣା ଥିଲା। ତେଣୁ ମୁଁ ଅସ୍ଥାୟୀ ଟାଟୁ ଟିଏ କରିବା ପାଇଁ ନିଷ୍ପତ୍ତି ନେଲି। ସେହି ଟାଟୁ କଳାକାର ଜଣଙ୍କ ଖୁବ୍ ମେଳାପୀ ଥିଲେ। ନାଁ ତାଙ୍କର ଥିଲା ରବର୍ଟ। ମୋ ସହିତ ବିଭିନ୍ନ ବିଷୟରେ କଥା ସମୟରେ ହିଁ ତୁଳୀ ସାହାଯ୍ୟରେ ଏକ ସୁନ୍ଦର ଟାଟୁଟିଏ କଳା ରଙ୍ଗରେ ଆଙ୍କିଥିଲେ। ଦୁଇଟି ନଡିଆ ଗଛ ମଝିରେ ସମୁଦ୍ରକୂଳ ଆଉ ତା ସହ ଲେଖା ହୋଇଥାଏ ଇଂଗ୍ରେଜୀରେ ଗୋଆ। ସତରେ ସେତେବେଳେ ଯଦି ଫଟୋ ଉଠାଇବାର ସଉକ୍ ମୋର ଥାନ୍ତା ତା'ହେଲେ ନିହାତି ଫଟୋଟିଏ ଉଠାଇଥିଲେ ଏବେ ଆପଣ ମାନଙ୍କ ପାଇଁ ତାହା ମୁଦ୍ରିତ ହୋଇଥାନ୍ତା। ହେଲେ ତାହା କେବଳ ସ୍ମୃତି ପଟରେ ହିଁ ରହିଗଲା। ମୁଁ ବେଳେ ବେଳେ ଭାବେ ଯେ ଏହା ମଧ୍ୟ ଗୋଟିଏ ଦୃଷ୍ଟିରୁ ଭଲ। କାରଣ ଫଟୋଟିଏ ଥିଲେ ହୁଏତ ତାକୁ ବାରମ୍ବାର ଦେଖିଥିଲେ ସ୍ମୃତିକୁ ମନରେ ସାଇତି ରଖିବା ଆଉ ତାକୁ ଆପଣ ମାନଙ୍କୁ ଆଗରେ ଏତେଦିନ ପରେ ମନେ ପକାଇ ସୂଚନା ଦେବାରେ ମଜା ଲାଗିନଥାନ୍ତା। ତେବେ ଟାଟୁ ଆଙ୍କିବା ପରେ ଆଉ ଏକ ଦୋକାନ ମୋ ଆଖି ସାମ୍ନାକୁ ଆସିଥିଲା ସେଥିରେ ବିଭିନ୍ନ ପ୍ରକାରର ରଙ୍ଗବେରଙ୍ଗର ଫୁଲପକା ସାର୍ଟ ଟଙ୍ଗା ଯାଇଥିଲା। ଆପଣମାନେ ବି ପ୍ରାୟ ଦେଖିଥିବେ ଗୋଆର ଏହି ରଙ୍ଗୀନ ସାର୍ଟ। ବାସ୍ ମୁଁ ସେଠାରେ ଅଟକିଗଲି। ଆଉ ଗୋଆର ସେହି ରଙ୍ଗୀନ ସାର୍ଟ କିଣା ହୋଇଥିଲା। ପ୍ରକୃତରେ ଆପଣ ଭାବିପାରନ୍ତି ଯେ ଏପରି କରିବା କେତେଦୂର ଠିକ୍? ମୋ ମତରେ ଆପଣ ଯେତେବେଳେ ଗୋଆର ସି-ବିଚ୍‌ରେ ପହଞ୍ଚି ଯିବେ ସେତେବେଳେ ଆପଣଙ୍କୁ ଆପଣଙ୍କ ବୟସ ଭୁଲିବାକୁ ପଡିବ ଆପଣ ଯଦି ବି ବୟସ୍କ ହୋଇଥାନ୍ତି ତା'ହେଲେ ଆପଣଙ୍କୁ ଯୁବକ ସୁଲଭ ଗୁଣ ଆପଣାଇବାକୁ ପଡିବ। ଆଉ ଯଦି ଯୁବକ ହୋଇଥାନ୍ତି ତା'ହେଲେ ତା କଲିଙ୍ଗଗୁଟ୍ ବିଚ୍ ହେଉଛି ଆପଣ ମାନଙ୍କ ପାଇଁ ସବୁଠାରୁ ପ୍ରକୃଷ୍ଟ ସ୍ଥାନ। ତେବେ ପ୍ରଥମେ ଟାଟୁ ତା'ପରେ ରଙ୍ଗୀନ ସାର୍ଟ ଆଉ ତା'ପରେ କଳା ରଙ୍ଗର ଚଷମା ଏତିକି କିଣି ତାକୁ ପରିଧାନ କରି ମୁଁ ପହଞ୍ଚିଲି କଲିଙ୍ଗୁଟ୍ ବିଚ୍‌ର ବାଲି ଉପରେ। ମୋର ବୟସ ବେଶି ହୋଇ ନଥିଲେ ମଧ୍ୟ ଯୁବକ ବି କୁହାଯାଇ ନପାରେ। ମୋର ଏପରି ହାବ ଭାବ ଦେଖି ମୋର ବନ୍ଧୁ ବି ଠିକ୍ ମୋ ଭଳି ଆଚରଣ କଲେ। ଆଉ ମୋତେ କହିଲେ 'ଗୋଆର ସି-ବିଚ୍‌କୁ ନେଇ ତୁମ ଭାବନା ପ୍ରକୃତରେ ଠିକ୍' ଆଉ ତା ପରେ କହିଲେ 'ଏହା ପରେ କ'ଣ କରିବା' ମୁଁ ତାଙ୍କୁ କହିଥିଲି 'ଅପେକ୍ଷା କର ଆଗକୁ ବହୁତ କିଛି ଅଛି'। ଆମ ଗାଡି ଚାଳକ କିନ୍ତୁ ଆମର ଏପରି ହାବଭାବ ଦେଖି ଦୂରରେ ଛିଡା ହୋଇ କେବଳ ସ୍ମିତ ହାସ୍ୟ ଦେଉଥାନ୍ତି। *କ୍ରମଶଃ...*








ଉପସ୍ଥାପନା
ଜାହ୍ନବୀସୁତ





# ବନ୍ଦରର ସ୍ଥାୟୀ ପାର୍କିଂ ଜୋନ୍ ଘୋଷଣା ଧର୍ମକୁ ଆଖିଠାର

**ପାରାଦୀପ :** ପାରାଦୀପ ବନ୍ଦରାଞ୍ଚଳ ଭିତରକୁ ଯିବାକୁ ଓ ଆସିବାକୁ ଲୋକମାନଙ୍କ ଗମନାଗମନ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିରୋପଏଣ୍ଟ ଠାରୁ ଅଠରବାଙ୍କୀ ଏବଂ ତୈଳ ବିଶୋଧନାଗାର ଠାରୁ କାରଗିଲ ଛକ ପର୍ଯ୍ୟନ୍ତ ରାସ୍ତାକୁ ବନ୍ଦର କର୍ତ୍ତୃପକ୍ଷ ଓ ଜିଲ୍ଲାପାଳ ନୋ ପାର୍କିଂ ଜୋନ ଭାବେ ଘୋଷଣା କରିଛନ୍ତି ଯେଉଁ ମାନେ ଏହି ନିୟମର ଉଲଘଂନ କରିବେ ସେମାନଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ ବୋଲି କୁହାଗଲା । ଏବଂ ଏଥି ସହିତ ପୂର୍ବରୁ ବସଷ୍ଟେସନ ଛକ ନିକଟରେ ଥିବା ପାର୍କିଂ ସ୍ଥଳରେ ଆଉ ଟ୍ରକ ଗୁଡିକ ରଖିବାକୁ ଅନୁମତି ଦିଆଯାଉ ନାହିଁ । ହେଲେ ଏଭଳି ସ୍ଥିତିରେ ଟ୍ରକ ଗୁଡିକ ବର୍ତ୍ତମାନ କେଉଁଠି ରଖାଯିବ ସେ ନେଇ ହରିଡଘଣାରେ ପଡିଛନ୍ତି ଟ୍ରକ ମାଲିକ ଓ ଚାଳକ ମାନେ ସହରରେ ଟ୍ରକ ପାର୍କିଂ ପାଇଁ ବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନଥିବାରୁ ଏବେ ସମସ୍ତେ ହରଡଘଣାରେ ପଡିଛନ୍ତି । ଟ୍ରକ ମାଲିକ ଓ ଚାଳକ ମାନେ ସହରରେ ଟ୍ରକ ପାର୍କିଂ ପାଇଁ ବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନଥିବାରୁ ଏବେ ସମସ୍ତେ ହରଡଘଣାରେ ପଡିଛନ୍ତି । ଜନସାଧାରଣଙ୍କର ଗମନାଗମନ ଓ ସୁରକ୍ଷା ଦୃଷ୍ଟିରୁ ୧୯୮୮ ମଟର ଯାନ ଆଇନ ଧାରା ୧୧୫ ଅନୁଯାୟୀ ଜିଲ୍ଲା ପ୍ରଶାସନ ଉଭୟ ପାର୍ଶ୍ୱରେ ଟ୍ରକ ଗୁଡିକ ରଖିବା ଉପରେ ନିଷେଧା ଜାରି କରିଛି ଏବଂ ବନ୍ଦର କର୍ତ୍ତୃପକ୍ଷ ଧର୍ମକୁ ଆଖିଠାର ମାରିଲା ଭଳି ଭୂତମୁଣ୍ଡାଇ ନିକଟରେ ଏକ ବଡ ଟ୍ରକ ଟର୍ମିନାଲ ନିର୍ମାଣ କରାଯିବ ବୋଲି ନିଷ୍ପତ୍ତି ନେଇଥିଲେ ଏବଂ ଆଜକୁ ୬ମାସ ହେଲାଣି ଟର୍ମିନାଲ କାର୍ଯ୍ୟ କେବେ ହେବ ଏବଂ କେବେ ସରିବ ତାହା ବର୍ତ୍ତମାନ ସୁଦ୍ଧା ଜଣାପଡି ନାହିଁ । ପାରାଦୀପରେ ପ୍ରତ୍ୟକ ଦିନ ହଜାର ହଜାର ଟ୍ରକ କାରବାର କରୁଥିବାରୁ ପୂର୍ବରୁ ଯେମିତି ରାସ୍ତାର ଦୁଇ ପାର୍ଶ୍ୱରେ ଟ୍ରକ ରହୁଥିଲା ଏବେବି ସେମିତି ରହୁଛି । ଟ୍ରକ ପାର୍କିଂ ପାଇଁ ସ୍ଥାନ ନଥିବାରୁ ଟ୍ରକ ମାଲିକ ମାନେ ଜୋରିମାନା ଦେବାକୁ ରାଜିହେଉଛନ୍ତି ସିନା ରାସ୍ତାରୁ ଗାଡି ହଟାଇବାକୁ ଠିକ୍ ମନେ କରୁନାହାଁନ୍ତି । ବନ୍ଦର କର୍ତ୍ତୃପକ୍ଷ କେବଳ ବ୍ୟବସାୟକୁ ଗୁରୁତ୍ୱ ଦେଉଥିବା ବେଳେ ଏହାର ପାର୍ଶ୍ୱ ସମସ୍ୟା ପ୍ରତି ଆଖିବୁଜି ଦେଇଛନ୍ତି ବୋଲି ଟ୍ରକ ମାଲିକ ଓ ୩ଟି ଟ୍ରକ ମାଲିକ ସଂଘ ଅଭିଯୋଗ କରିଛନ୍ତି । ବନ୍ଦର ନିୟମ ଅନୁଯାୟୀ ବନ୍ଦର ମଧ୍ୟକୁ ପ୍ରବେଶ କରିବା ପାଇଁ ଟ୍ରକ ଚାଳକ ମାନଙ୍କୁ କ୍ରମାନ୍ୱୟୋରେ ଆସିବାକୁ ପଡେ ସେଥିପାଇଁ ଏକ ତାଲିକା ପ୍ରସ୍ତୁତ କରାଯାଏ ଏବଂ ନିଜ ପ୍ରବେଶ ସମୟରେ ନ ପହଞ୍ଚି ପାରିଲେ ଟ୍ରକ ଗୁଡିକ ବନ୍ଦର ମଧ୍ୟକୁ ପ୍ରବେଶ କରିବାକୁ ଆଉ ଅନୁମତି ମିଳେ ନାହିଁ ଏଣୁ ସେଗୁଡିକ ରାସ୍ତା ଉପରେ ଠିଆ ହୋଇ ରହିଥାନ୍ତି ଓ ତାହା ଯୋଗୁ ଟ୍ରାଫିକ ସମସ୍ୟା ଉପୁଜିଥାଏ ଏହା ଯୋଗୁ ବିଭିନ୍ନ ସମୟରେ ଦୃର୍ଘଟଣା ଘଟି ସାଧାରଣ ଲୋକଙ୍କ ପ୍ରାଣ ହାନି ଘଟୁଛି ତେଣୁ ତରୁନ୍ତ ବନ୍ଦର କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

**ସୁକାନ୍ତୀ ଏକାଡେମୀର ୬ଷ୍ଠ ବାର୍ଷିକତ୍ସୋବ**

# ସଫଳତା ହାସଲ ପାଇଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖନ୍ତୁ : ଡିଆଇଜି

**ସୁବର୍ଣ୍ଣପୁର :** ସୁବର୍ଣ୍ଣପୁର ଜିଲ୍ଲାର ଏକମାତ୍ର ଘରୋଇ ବିଜ୍ଞାନ ମହାବିଦ୍ୟାଳୟ ସୁକାନ୍ତୀ ଏକାଡେମୀର ୬ଷ୍ଠ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଅନୁଷ୍ଠାର ଚେୟାରମେନ ବିଶ୍ୱନାଥ ତ୍ରୀପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଂସ୍କୃତିକ ସଭାରେ ଉତରାଞ୍ଚଳ ପୋଲିସ ଡିଆଜି ସତ୍ୟବ୍ରତ ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଭଲ ପାଠ ପଢି ନିଜ ଗୋଡରେ ଛିଡା ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ କହିବା ସହ ସଫଳତା ହାସଲ କରିବାକୁ ହେଲେ ନିର୍ଦ୍ଦିଷ୍ଟ ଲକ୍ଷ ରଖି ଆଗକୁ ବଢିବାକୁ ହେବ ବୋଲି ସେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଶିକ୍ଷାର ବିକାଶ ଧାରାକୁ ଆଗେଇନେବା ପାଇଁ ସୁବର୍ଣ୍ଣପୁର ଭଳି ଜିଲ୍ଲାରେ ଏମିତି ଏକ ଶିକ୍ଷାନୁଷ୍ଠାନ ଗଢି ଉଠିଥିବାରୁ ଉଦ୍ୟୋକ୍ତାଙ୍କୁ ସେ ଭୁୟସୀ ପ୍ରସଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ଦେବୀପ୍ରସାଦ ଦାସ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଭଲ ମଣିଷ ସୃଷ୍ଟିକରିବାରେ ଏହି କଲେଜ ବେଶ ସହାୟକ ହୋଇଛି ବୋଲି ମତ ରଖିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଦେବଦତ ଦାସ ବାର୍ଷି ବିବରଣୀ ପାଠ କରିଥିବାବେଳେ ଉପାଧ୍ୟକ୍ଷ ସୋମନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅବସରପ୍ରାପ୍ତ ପ୍ରଧାପକ ମୀନକେତନ ପାଠୀ ମୁଖ୍ୟବକ୍ତାଭାବେ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ସୁକାନ୍ତି ଏକାଡେମୀ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି ବୋଲି ମତ ଦେଇଥିଲେ। ପରିବେଶ ସନ୍ତୁଳନ ଛାତ୍ରଛାତ୍ରୀମାନଙ୍କ ପାଇଁ ବର୍ତମାନ ସମୟରେ ଏକ ନୁତନ ଚ୍ୟାଲେଂଜ ବୋଲି କହିବା ସହ ଏ ଦିଗରେ ସମସ୍ତ ଛାତ୍ରଛାତ୍ରୀ କାର୍ଯ୍ୟକରିବାକୁ ଉପଦେଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରମେଶ ମିଶ୍ର,ରିଙ୍କୁ ପୁଟେଲ,ସ୍ୱାଗତ ସୁମନ ମିଶ୍ର,ସୁରେଶ ପ୍ରସାଦ ରଥ ପ୍ରମୁଖ ସହଯୋଗ କରିଥିଲେ।

# ଜାନୁଆରୀ ୭ରୁ ସୁବର୍ଣ୍ଣ ଲୋକ ମହୋତ୍ସବ

**ସୋନପୁର :** ଆସନ୍ତା ଜାନୁଆରୀ ୭ରୁ ୧୧ ପାଞ୍ଚ ଦିନ ଧରି ୨୬ତମ ସୁବର୍ଣ୍ଣପୁର ଜିଲା ମହୋତ୍ସବ 'ସୁବର୍ଣ୍ଣ ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା' ଅନୁଷ୍ଠିତ ହେବା ପାଇଁ ତାରିଖ ଧାର୍ଯ୍ୟ କରାଯାଇଛି । ଏହା ସହିତ କୃଷି ପ୍ରଦର୍ଶନୀ ମଧ୍ୟ ଆୟୋଜିତ କରାଯିବାକୁ ବୈଠକରେ ସ୍ଥିର କରାଯାଇଛି। ସ୍ଥାନୀୟ ଗାନ୍ଧୀ ପଡିଆରେ ହେବାକୁ ଥିବା ଏହି ମହୋତ୍ସବର ପ୍ରଥମ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଏହା ସ୍ଥିର କରାଯାଇଛି। ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ମଧୁସୂଦନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି ମହୋତ୍ସବ ଜିଲ୍ଲାର ଗର୍ବ ଓ ଗୌରବ ହୋଇଥିବାରୁ ଚଳିତ ବର୍ଷ ଯେପରି ଏହା ଅଧିକ ଆକର୍ଷଣୀୟ କରାଯାଇ ଶାନ୍ତି ଶୃଙ୍ଖଳାର ସହ ସମାପନ କରାଯିବ ସେଥିପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଜିଲା



ସଂସ୍କୃତି ଅଧିକାରୀ ଅଶୋକ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥର ମହୋତ୍ସବରେ ଓରମାସ୍ ପକ୍ଷରୁ ୧୮୦ରୁ ଉର୍ଦ୍ଧ୍ୱ ଷ୍ଟଲ କରାଯାଇ ରାଜ୍ୟର ସମସ୍ତ ଜିଲ୍ଲା ତଥା ରାଜ୍ୟ ବାହାରର ସ୍ୱଂୟ ସହାୟକ ଗୋଷ୍ଠୀ ଦ୍ୱାରା ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶନୀ ସାଙ୍ଗକୁ ବିକ୍ରୟର ବ୍ୟବସ୍ଥା କରାଯାଇଛି। ଏହା ବ୍ୟତିତ ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ଲୋକ କଳା ଓ ସଂସ୍କୃତି, ସାହିତ୍ୟ ଓ ପରମ୍ପରଙ୍କର ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏହି ଉତ୍ସବକୁ ସୁଚାରୁ ରୁପେ ସମ୍ପାଙ୍କଦନ କରିବା ପାଇଁ ବିଭିନ୍ନ କମିଟି ମଧ୍ୟ ଗଠନ କରାଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ଆରକ୍ଷୀ ଅଧିକ୍ଷକ ଦେବୀ ପ୍ରସାଦ ଦାସ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ଦାସ, ସୋନପୁର ଉପ ଜିଲ୍ଲାପାଳ ବଳରାମ ମଲ୍ଲିକ, ବୀରମହାରାଜପୁର ଉପଜିଲାପାଳ ସୁବ୍ରତ କୁମାର ବେହେରା, ଓରମାସ କାର୍ଯ୍ୟ ନିର୍ବାହୀ ଅଧିକାରୀ ଯୁବରାଜ ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମହାପାତ୍ର, ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କର୍କରା, ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ବେଣୁଧର ବେହେରା, ଜିଲା କ୍ରିକେଟ ଆସୋସିଏସନ ସଭାପତି ପଠାନ କୁମାର ପଣ୍ଡା, କଇଁରୁ ସ୍ୱାଇଁ, ଶ୍ରୀବସ୍ତ ମଲ୍ଲିକ, ନରଦେବ ଭୋଇ, ପୁରୁଷୋତ୍ତମ ପାଣିଗ୍ରାହୀ, ବ୍ୟୋମକେଶ ଦାସ, ଚିରଞ୍ଜିବି ବେରିହା, ଗୋବିନ୍ଦ ମହାରଣା, ଜିତେନ୍ଦ୍ର ପଟ୍ଟନାୟକ, ଡ.ଜ୍ୟୋତିରଞ୍ଜନ ପଟ୍ଟନାୟକ, ଡ.ରାଜେନ୍ଦ୍ର ମିଶ୍ର ପ୍ରମୁଖଙ୍କ ସହ ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ତଥା ବହୁ ବିଶିଷ୍ଟ ନାଗରିକ ଉପସ୍ଥିତ ଥିଲେ। ଜିଲା ସଂସ୍କୃତି ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ ଘଟଣାର ଦୃଢ ନିନ୍ଦା

**ଖୋର୍ଦ୍ଧା :** ଦୈନିକ ସମ୍ବାଦ ପତ୍ର ସଂଚାରର ପ୍ରତିନିଧିଭାବରେ ଭଦ୍ରକ ଜିଲ୍ଲା ବାସୁଦେବପୁର ଅଞ୍ଚଳର ପ୍ରମୋଦ କୁମାର ରାଉତଙ୍କୁ କେତେକ ମଦ ମାଫିଆ ଓ ଅସାମାଜିକ ବ୍ୟକ୍ତି ମରଣାତ୍ମକ ଆକ୍ରମଣ କରିଥିବା ଘଟଣାକୁ ଓ.ୟୁ.ଡ଼ବ୍ଲୁ.ଜେ, ଖୋର୍ଦ୍ଧା ଜିଲ୍ଲା ସାମ୍ବାଦିକ ସଂଘ ତରଫରୁ ଦୃଢ ନିନ୍ଦା କରିବା ସହିତ ଏହି ଅସାମାଜିକ ବ୍ୟକ୍ତିମାନଙ୍କୁ ତୁରନ୍ତ ଗିରଫ କିରବା ନେଇ ଦାବୀ କରାଯାଇଛି। ଏହା ସହିତ କର୍ତ୍ତବ୍ୟରତ ସାମ୍ବାଦିକ ମାନଙ୍କୁ କର୍ମକ୍ଷେତ୍ରରେ ସୁରକ୍ଷା ଯୋଗାଇ ଦେବା ନିମନ୍ତେ ତୁରନ୍ତ ଆଇନ ପ୍ରଣୟନ କରନ୍ତୁ ବୋଲି ମଧ୍ୟ ସଂଘ ପକ୍ଷରୁ ଦାବୀ କରାଯାଇଛି । ନଚେତ୍ ଗଣତନ୍ତ୍ର ବିପନ୍ନ ହୋଇପଡ଼ିବ। ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ବୋଲି କୁହାଯାଉଥିବା ଏବଂ ସଦାସର୍ବଦା ଜାଗ୍ରତ ପ୍ରହରୀଭାବରେ କାର୍ଯ୍ୟକରୁଥିବା ଗଣମାଧ୍ୟମର କଣ୍ଠରୋଧ ଏବଂ ଆକ୍ରମଣ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଏହା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ଏ ସମ୍ପର୍କରେ ଓ.ୟୁ.ଡ଼ବ୍ଲୁ.ଜେ ଖୋର୍ଦ୍ଧା ଜିଲ୍ଲା ସାମ୍ବାଦିକ ସଂଘ ତରଫରୁ ସଭାପତି ପ୍ରକାଶ କୁମାର ହାତୀ, ଉପସଭାପତି ସୟଦ ଲିୟାକତ ଅଲ୍ଲୀ, ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ, ମୁଖ୍ୟ ଉପଦେଷ୍ଟା ମହମ୍ମଦ ମୁତାହାର ୟୁସୁଫ, ରଂଜିତ କୁମାର ପାଟ୍ଟଶାଣୀ, ପ୍ରମୋଦ କୁମାର ମହାପାତ୍ର, ପି.ତ୍ରୀପତି ବାଲାଜି ପାତ୍ର, ରବିନାରାୟଣ ସାହୁ, ଅଶୋକ କୁମାର ପଟ୍ଟନାୟକ, ଭ୍ରମରବର ସାହୁ, ସୌମ୍ୟରଂଜନ ହାତୀ, ଲକ୍ଷ୍ମୀଧର ସାହୁ, ରଂଜିତ କୁମାର ସାମନ୍ତରାୟ, ସେଖ ଆରସାଦୁଲ ହକ୍, ସନ୍ତୋଷ ବସ୍ତିଆ, ରାକେଶ କୁମାର ବେହେରା ପ୍ରମୁଖ ଏହି ଘଟଣାକୁ ଦୃଢ ନିନ୍ଦା କରିଛନ୍ତି।



# ‘ସ୍ୱେରେଜ ଓ ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆସିବ’





**କଟକ :** କଟକ ସହରକୁ ସ୍ୱଚ୍ଛ ରଖିବା ପାଇଁ ଏକ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଉଦ୍‌ଘାଟନ କରିଛନ୍ତି। ନଦୀପାଣିକୁ ବର୍ଜ୍ୟଜଳ ସିଧାସଳଖ ନ ଛାଡ଼ି ତାହାକୁ ବିଶୋଧନ କରି ଛାଡ଼ିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ କରାଯାଇଛି। ଏହି ପ୍ରକଳ୍ପ ମାଧ୍ୟମରେ ଭୂତଳ ସ୍ୱେରେଜ ଲାଇନ ଦ୍ୱାରା କଟକ ସହରର ପ୍ରାୟ ୬୦ ପ୍ରତିଶତ ଜନସାଧାରଣ ଉପକୃତ ହୋଇପାରିବେ। ଏଥିସହିତ ସ୍ଥାନୀୟ ମତଗଜପୁର ଠାରେ ନିର୍ମାଣାଧୀନ ବିଶୋଧନାଗାରର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆଉ କିଛି ମାସ ମଧ୍ୟରେ ତାହା ଲୋକାର୍ପିତ ହେବା ସହ ସମ୍ପୂର୍ଣ୍ଣ ସହରବାସୀ ଏହି ସେବା ପାଇପାରିବେ। ମହାନଦୀ ଓ କାଠଯୋଡ଼ି ରିଂ ରୋଡର ମଧ୍ୟବର୍ତ୍ତୀ ଅଞ୍ଚଳରେ ବିଡ଼ାନାସୀଠାରୁ ମଙ୍ଗଳାବାଗ, ଫ୍ରେଣ୍ଡ୍‌ସ କଲୋନୀ, ଝୋଲା ସାହି, ବଙ୍ଗାଳୀ ସାହି ଓ ପୁରୀଘାଟ ଅଞ୍ଚଳର ଜନସାଧାରଣ ଏହି ପ୍ରକଳ୍ପର ସୁବିଧା ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି। ଏଥିସହ ପୁଲିସ କଲୋନୀଠାରେ ଘଣ୍ଟାକୁ ୭୨ ଲକ୍ଷ ଲିଟର ଜଳ ନିଷ୍କାସନ ହେବା ଭଳି ଉଚ୍ଚକ୍ଷମତା ସମ୍ପନ୍ନ ଡ୍ରେନେଜ ପମ୍ପିଂ ଷ୍ଟେସନକୁ ମଧ୍ୟ ଉଦ୍‌ଘାଟନ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅଧୀନ ଓଡ଼ିଶା ଜଳ ଯୋଗାଣ ଓ ପରିମଳ ପରିଷଦ ଦ୍ୱାରା ୧୧୦କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ବିଶୋଧନାଗାରରେ ଦୈନିକ ୩ କୋଟି ୬୦ଲକ୍ଷ ଲିଟର ବର୍ଜ୍ୟଜଳ ବିଶୋଧନ ହୋଇପାରିବ। ଏଥି ସହିତ ସହରରେ ୨୭୫ କିମିରୁ ଅଧିକ ଦୈର୍ଘ୍ୟର ସ୍ୱେରେଜ ପାଇପ ଲାଇନ କାର୍ଯ୍ୟ ଶେଷ ହୋଇଛି। ଏତଦ୍‌ବ୍ୟତୀତ ପ୍ରାୟ ୩ ହଜାର କୋଟି ଟଙ୍କା ବ୍ୟୟରେ ମତଗଜପୁରଠାରେ ନିର୍ମାଣାଧୀନ ବିଶୋଧନାଗାର ଆଉ କିଛି ମାସ ମଧ୍ୟରେ ଲୋକାର୍ପିତ କରାଯିବ। ଏହାପରେ କଟକ ସହରରେ ସ୍ୱେରେଜ ଓ ଡ୍ରେନେଜ ବ୍ୟବସ୍ଥାର ସୁଧାର ଆସିବ। ଆସନ୍ତା ୩୦ ବର୍ଷ ପର୍ଯ୍ୟନ୍ତ ପ୍ରାୟ ୧୧ ଲକ୍ଷ କଟକବାସୀଙ୍କର କଷ୍ଟ ଦୂର ହୋଇ ପାରିବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଲେ ଯେ ଏବେ ଗୃହରୁ ନିର୍ଗତ ବର୍ଜ୍ୟଜଳ ନାଳ ଦ୍ୱାରା ଯାଇ ମହାନଦୀ ଏବଂ କାଠଯୋଡ଼ିରେ ମିଶୁଛି। ଏହା ନଦୀ ଜଳକୁ ପ୍ରଦୂଷିତ କରୁଛି। ଏହି ଦୂଷିତ ଜଳ ଅନେକ ସମୟରେ ସହର ମଧ୍ୟରେ ଜମିରହି ପରିବେଶକୁ ନଷ୍ଟ କରୁଛି। ଫଳରେ ରାସ୍ତାଘାଟରେ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଏଣୁ ଏହି ପ୍ରକଳ୍ପ ଦ୍ୱାରା ଘରୁ ବାହାରୁଥିବା ଦୂଷିତ ଜଳକୁ ଭୂତଳ ସ୍ୱେରେଜ ପାଇପ ମାଧ୍ୟମରେ ସଂଗ୍ରହ କରି ଅତ୍ୟାଧୁନିକ ପଦ୍ଧତିରେ ବିଶୋଧନ କରି ନଦୀରେ ଛଡ଼ାଯିବ। କଟକ ସହର ପରିମଳର ରୂପରେଖ ସମ୍ପୂର୍ଣ୍ଣ ବଦଳି ଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଦ୍ୱାରା ୧୦ଟି ଓମଫେଡ୍ ଡାଇରୀ ଏକ୍ସପ୍ରେସ ମଧ୍ୟ ଉଦ୍‌ଘାଟିତ ହୋଇଥିଲା।

### ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ

# ‘ସମୟାନୁସାରେ ଶିକ୍ଷାଦାନ ପଦ୍ଧତି ଅନୁସରଣ କରିବା ଏକ ଆହ୍ୱାନ’



**ବାଲେଶ୍ୱର :** ସମାଜରେ ନିଜକୁ ପ୍ରତିଷ୍ଠିତ କରାଇବାକୁ ହେଲେ ଛାତ୍ରାବସ୍ଥାରୁ ପିଲାମାନେ ନିଜକୁ ପ୍ରସ୍ତୁତ କରିବା ସହିତ ଭଲ ପାଠ ପଢ଼ିବାର ଆବଶ୍ୟକତା ରହିଛି। ସମୟ ଅନୁସାରେ ଶିକ୍ଷାଦାନର ପଦ୍ଧତି ଅନୁସରଣ କରିବା ହିଁ ବର୍ତ୍ତମାନ ପରିପ୍ରେକ୍ଷୀରେ ସମସ୍ତଙ୍କ ପାଇଁ ଏକ ଆହ୍ୱାନ ବୋଲି ଶେରଗଡ଼ ସ୍ଥିତ ଶ୍ରୀକ୍ରିଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା କହିଛନ୍ତି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ। ଏଥିସହିତ ଶ୍ରୀ ସାମଲ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ ଯେ, ନିଜର ଭବିଷ୍ୟତ ପ୍ରତି ନିଜେ ସଚେତନ ହେବା ଦରକାର। ଏଥିରେ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ ଲୋକଶକ୍ତିର ଉପସଭାପତି ତଥା ସମାଜସେବୀ ଜୟନ୍ତକୁମାର ବାଗ। ବିଦ୍ୟାଳୟର ଚେୟାରମ୍ୟାନ୍ ପବିତ୍ର ରାଉତରାଏ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ନିଜ ବକ୍ତବ୍ୟରେ କହିଥିଲେ ଯେ, ପୂର୍ବାପେକ୍ଷା ବର୍ତ୍ତମାନ ଶିକ୍ଷାର ମାନ ବଦଳି ଯାଇଛି। ସମ୍ପ୍ରତି ବିକାଶଶୀଳ ଦେଶମାନେ ସାଧାରଣ ଶିକ୍ଷା ବ୍ୟତୀତ ବୈଷୟିକ ଓ ଗବେଷଣାମୂଳକ ଶିକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦେଉଛନ୍ତି। ଭାରତ ମଧ୍ୟ ସେହି ପଥରେ ଅଗ୍ରସର ହେଉଛି। ମାଟିରୁ ଆକାଶ ପର୍ଯ୍ୟନ୍ତ ଭେଦିବାର ଲକ୍ଷ୍ୟ ନେଇ ଶିକ୍ଷା ପ୍ରଣାଳୀ ବଦଳିବା ସହିତ ଛାତ୍ରଛାତ୍ରୀମାନେ ଏ ଦିଗରେ ଅଧିକ ମନୋନିବେଶ କରୁଛନ୍ତି। ଫଳସ୍ୱରୂପ ଆମ ଦେଶର ମେଧାବୀ ଛାତ୍ରଛାତ୍ରୀମାନେ ମହାକାଶ ଗବେଷଣାଠାରୁ ଆରମ୍ଭ କରି ଚିକିତ୍ସା ବିଜ୍ଞାନ, ପରିବେଶ ବିଜ୍ଞାନ, କୃଷି ବିଜ୍ଞାନ ଏବଂ ଶ୍ରେଷ୍ଠତାର ସୋପାନ ଛୁଇଁବାକୁ ଯେଉଁ ଯେଉଁ ଶିକ୍ଷାର ଆବଶ୍ୟକତା ରହିଛି ସେଥିପ୍ରତି ଅଧିକ ଧ୍ୟାନ ଦେଉଛନ୍ତି। ଆଞ୍ଚଳିକ ସ୍ତରରେ ହେଉଥିବା ପ୍ରତିଯୋଗିତାକୁ ଟପି ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଶିକ୍ଷାଲାଭ କରିବା ହେଉଛି ବର୍ତ୍ତମାନ ପିଲାଙ୍କର ଲକ୍ଷ୍ୟ ସ୍ଥଳ। ତେଣୁ ପ୍ରାରମ୍ଭିକ ସ୍ତରରୁ ନିଜକୁ ସେଭଳି ପ୍ରସ୍ତୁତ ନ କଲେ ସେ ଆଗକୁ ଉନ୍ନତ ଭବିଷ୍ୟତ ଗଠନ କରିବାର ରାସ୍ତା ଖୋଜି ପାଇବ ନାହିଁ। ତେଣୁ ଏଥିପାଇଁ ଉନ୍ନତ ମାନର ଶିକ୍ଷାନୁଷ୍ଠାନରେ ପାଠ ପଢ଼ିବା ଏବଂ ଏହିସବୁ ଶିକ୍ଷାନୁଷ୍ଠାନରେ ଯେଉଁ ଶିକ୍ଷାଦାତାମାନେ ଶିକ୍ଷାଦାନ କରୁଛନ୍ତି ସେମାନଙ୍କର ଗୁଣବତ୍ତା ସମ୍ପର୍କରେ ବିଚାର କରାଯିବାର ସମୟ ପହଞ୍ଚି ଯାଇଛି। ଛାତ୍ରଛାତ୍ରୀମାନେ ମେଧାବୀ ହେବାକୁ ଚାହିଁଲେ ନିଜକୁ ପାଠ ପଢ଼ିବାରେ ଅଧିକ ସମୟ ନିୟୋଜିତ କରିବା ସହିତ ମାନସିକ ସ୍ତରରେ ମଧ୍ୟ ପ୍ରସ୍ତୁତ ରହିବାର ଆବଶ୍ୟକତା ଅଛି। ଅଧ୍ୟକ୍ଷା ଜ୍ୟୋତିର୍ମୟୀ ବାରିକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କୃଷି ଓ କୃଷକମାନଙ୍କ କଲ୍ୟାଣ ନିମନ୍ତେ ପଦକ୍ଷେପ ନେଉଛନ୍ତି ସରକାର



**ଭୁବନେଶ୍ୱର :** ଚାଷୀଙ୍କ କଲ୍ୟାଣ ପାଇଁ ମନ୍ତ୍ରିସ୍ତରୀୟ କମିଟିର ଦ୍ୱିତୀୟ ବୈଠକ ସଚିବାଳୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମନ୍ତ୍ରିସ୍ତରୀୟ କମିଟିର ଅଧ୍ୟକ୍ଷ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ ଓ ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କ ସହ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଏଥିରେ ୨୫ଟି ଚାଷୀ ସଂଗଠନର କର୍ମକର୍ତ୍ତା, କୃଷି ବିଶେଷଜ୍ଞ, ଅଗ୍ରଣୀ ଚାଷୀ ଓ ସାମାଜିକ କର୍ମୀ ଯୋଗ ଦେଇଥିଲେ। ମାତ୍ର ଅଗ୍ରଣୀ ଚାଷୀ ସଂଗଠନ ନବ ନିର୍ମାଣ କୃଷକ ସଂଗଠନ ବୈଠକରେ ଯୋଗ ଦେଇନଥିଲା। ଅର୍ଥମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି, ରାଜ୍ୟରେ କୃଷି ଓ କୃଷକମାନଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଫସଲ ଉତ୍ପାଦନ ବୃଦ୍ଧି ସହିତ କୃଷକମାନଙ୍କ ଆୟବୃଦ୍ଧି ନିମନ୍ତେ ରାଜ୍ୟ ସରକାର ସ୍ୱତନ୍ତ୍ର କୃଷି ବଜେଟ୍ ଉପସ୍ଥାପନ କରିବା ସହିତ କୃଷି କ୍ୟାବିନେଟ୍ ଗଠନ କରିଛନ୍ତି। ପ୍ରତିବର୍ଷ କୃଷି ଓ ଆନୁସଙ୍ଗିକ କୃଷି ନିମନ୍ତେ ଅଧିକରୁ ଅଧିକ ବଜେଟ ବ୍ୟବସ୍ଥା କରୁଛନ୍ତି। ଏହି କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କିରବା ସହିତ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ କିପରି ସୁବିଧା ଓ ସୁଯୋଗ ଯୋଗାଇ ଦିଆଯିବ ସେଥି ନିମନ୍ତେ ରାଜ୍ୟ ସରକାର ପ୍ରୟାସ ଜାରିରଖିଛନ୍ତି ବୋଲି ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି। ପ୍ରାରମ୍ଭିକ ଆଲୋଚନା ପରେ କୃଷକ ସଂଗଠନମାନଙ୍କ ସହ ବ୍ୟାପକ ଆଲୋଚନା କରାଯିବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ବେହେରା କହିଥିଲେ। ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ଭାଗ ଚାଷୀ ଓ ବଡ଼ ଚାଷୀଙ୍କ ସମସ୍ୟା ଉପରେ ଆଲୋଚନା ହେଲା। ବିଭିନ୍ନ ଚାଷୀ ପ୍ରତିନିଧିମାନେ ତାଙ୍କର ମତାମତ ଦେଲେ। ଏହି ସମସ୍ତ ପ୍ରସଙ୍ଗକୁ ନେଇ ଆଉ ଗୋଟିଏ ବୈଠକ ବସିବ। ତା’ପରେ କୌଣସି ପ୍ରସ୍ତାବ ଗୃହୀତ ହୋଇପାରେ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି। ଏହି ବୈଠକରେ ୨୫ଟି କୃଷକ ସଂଗଠନର ପ୍ରତିନିଧି ଯୋଗଦେଇ କୃଷି, ଜୈବିକ କୃଷି, ଜଳସେଚନ, ଗୋପାଳନ, ମତ୍ସ୍ୟଚାଷ, ଦୁଗ୍ଧ ଉତ୍ପାଦନ, ଛତୁଚାଷ, ଭାଗଚାଷୀ ଆଦି ଉପରେ ଆଲୋଚନା କରି ସେମାନଙ୍କର ମତାମତ ରଖିଥିଲେ। ୭୦ ପ୍ରତିଶତ ଚାଷୀ କ୍ଷୁଦ୍ର ଓ ନାମମାତ୍ର ଚାଷୀ ହୋଇଥିବାରୁ ସେମାନଙ୍କର ସ୍ୱାର୍ଥରକ୍ଷା ସହିତ ଆୟବୃଦ୍ଧି ନିମନ୍ତେ ପଦକ୍ଷେପ ନେବା ପାଇଁ ସଂଗଠନଗୁଡ଼ିକ ମତ ଦେଇଥିଲେ। କୃଷି ଋଣ ସମସ୍ୟା, ଗୋଦାମ ଗୃହ ଅଭାବ, ରୋଗପୋକ ସମସ୍ୟା, ନକଲି ବିହନ, ମଣ୍ଡିରେ ଖାଦ୍ୟପେୟ ସୁବିଧା ବ୍ୟବସ୍ଥା, ଏମ୍ଏସ୍‌ପି ବୃଦ୍ଧି ଓ ବିନା ଟଙ୍କାରେ ଫସଲ ବୀମା ଭଳି ସୁବିଧା କାର୍ଯ୍ୟକାରୀ କରାଇବା ନେଇ ବୈଠକରେ ଆଲୋଚନା ହୋଇଛି।

# ‘ସତ୍ୟନିଷ୍ଠ ଖବର ପ୍ରକାଶ ସାମ୍ବାଦିକଙ୍କ ଦାୟିତ୍ୱ’



**ଭବାନୀପାଟଣା :** ଓଡିଶା ସାମ୍ବାଦିକ ସଂଘର କଳାହାଣ୍ଡି ଶାଖା ଆନୁକୂଲ୍ୟରେ କେସିଙ୍ଗାସ୍ଥିତ ଆରଏମସିର ସଭାଗୃହରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ କଳାହାଣ୍ଡି ଜିଲ୍ଲା ଭିଜିଲାନ୍ସ ବିଭାଗର ଡିଏସପି ସତ୍ୟବାନ ମହାନନ୍ଦ ମୁଖ୍ୟଅତିଥି, କେସିଙ୍ଗା ମହାବିଦ୍ୟାଳୟର ଏଚଓଡି ସୁଶାନ୍ତ କୁମାର ପାଢୀ ମୁଖ୍ୟବକ୍ତା, ଅମାଠ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲାର ଶ୍ରେଷ୍ଠ ଭିଜିଲାନ୍ସ ଅଫିସର ଭାବରେ କାର୍ଯ୍ୟ ତୁଲାଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହୋଇଥିବା ଭିଜିଲାନ୍ସ ଡିଏସପିଙ୍କୁ ସଂଘ ପକ୍ଷରୁ ସ୍ୱାଗତ ଓ ସମ୍ମାନିତ କରାଯାଇଥିଲା। ସେହିପରି କେସିଙ୍ଗାର ଅବସରପ୍ରାପ୍ତ ଏଡିଏମଓ ନିର୍ମଳଚନ୍ଦ୍ର ସାହୁଙ୍କୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସମ୍ମାନିତ କରାଯାଇଥିଲା। ଜୁନାଗଡ ବ୍ଲକର ଅବସରପ୍ରାପ୍ତ ଶିକ୍ଷକ ବିନୋଦ କୁମାର ମାଝୀ, କେସିଙ୍ଗା ବ୍ଲକର ଯୋଗମାୟା କ୍ରିଏସନର ଝାରବେଡା ଫିଲ୍ମର ନିର୍ଦ୍ଦେଶକ ପ୍ରଦୀପ୍ତ କୁମାର ରାୟ ଓ ମୋତି ବର୍ଗୀଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟବକ୍ତା ଶ୍ରୀ ପାଢୀ କଳାହାଣ୍ଡି ମାଟିର ବିକାଶ, ଲୋକସଂସ୍କୃତି, ଖଟିଖିଆ ଗରିବ ଶ୍ରେଣୀର ଲୋକଙ୍କ ଦୁର୍ଦ୍ଦଶା ପ୍ରତି ସାମ୍ବାଦିକମାନେ ଦୃଷ୍ଟିଦେଇ ପ୍ରଶାସନର ଦୃଷ୍ଟିଗୋଚରକୁ ଆଣିବା ସାମ୍ବାଦିକମାନଙ୍କ ଧର୍ମ ବୋଲି ପ୍ରକାଶ କରିବା ସହିତ ସାମ୍ବାଦିକଙ୍କ ସୁରକ୍ଷା, ଆର୍ଥିକ, ବୃଦ୍ଧି, ଆଦର୍ଶ ଓ ସତ୍ୟନିଷ୍ଠ ଖବର ପ୍ରକାଶିତ କରିବାକୁ ସମସ୍ତ ସାମ୍ବାଦିକ ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏଥିରେ ଆଇନଜୀବୀ ଗୋଲକଚନ୍ଦ୍ର ପଟ୍ଟନାୟକ, ଡ. ନିର୍ମଳ ଚନ୍ଦ୍ର ସାହୁଙ୍କ ସମେତ ଜିଲ୍ଲାର ସମସ୍ତ ସାମ୍ବାଦିକ ମାନେ ନିଜସ୍ୱ ମତ ପ୍ରଦାନ କରିଥିଲେ। ଓଡିଶା ସାମ୍ବାଦିକ ସଂଘର କଳାହାଣ୍ଡି ଜିଲ୍ଲା ସଭାପତି ବରିଷ୍ଠ ସାମ୍ବାଦିକ ତଥା ସମାଚାର ସୁରଭିର ସମ୍ପାଦକ ନିରୋଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସାଧାରଣ ସଂପାଦକ ସତ୍ୟନାରାୟଣ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏଥିରେ ସଂଘର କଳାହାଣ୍ଡିର ଉପସଭାପତି ତୁମ୍ଭେଶ୍ୱର ସାହୁ, ସଞ୍ଜିବ କୁମାର ଦାଶ, କେସିଙ୍ଗା ପ୍ରେସ କ୍ଲବର ସାଧାରଣ ସଂପାଦକ ମଧୁସୁଦର, ସଂପାଦକ ଡିଲେଶ୍ୱର ମିଶ୍ର, କୋଷାଧ୍ୟକ୍ଷ ରମେଶ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଦାଶରଥି ଦାସଙ୍କୁ ସାହିତ୍ୟ ଅକାଦେମି ପୁରସ୍କାର





**ଭୁବନେଶ୍ୱର :** ଚଳିତ ୨୦୧୮ ବର୍ଷ ପାଇଁ କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାର ଘୋଷଣା କରାଯାଇଛି। ଓଡ଼ିଆ ସାହିତ୍ୟର ବିଶିଷ୍ଟ ଗବେଷକ ତଥା ପ୍ରାବନ୍ଧିକ ପ୍ରଫେସର୍ ଡ. ଦାଶରଥି ଦାସ ତାଙ୍କର ‘ପ୍ରସଙ୍ଗ ପୁରୁଣା ଭାବନା ନୂଆ’ ପୁସ୍ତକ ପାଇଁ ଏହି ପୁରସ୍କାର ପାଇବେ। ଓଡ଼ିଆ ସାହିତ୍ୟର ୪ ଜଣ ଓଡ଼ିଆଙ୍କୁ ସମ୍ମାନ ଜନକ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ‘ସାହିତ୍ୟ ଅକାଦେମି ଭାଷା ସମ୍ମାନ’ ପାଇଁ ବିଶିଷ୍ଟ ଭାଷାବିତ୍ ତଥା ଗବେଷକ ପ୍ରଫେସର୍ ଡ. ଗଗନେନ୍ଦ୍ର ଦାଶଙ୍କୁ ଚୟନ କରାଯାଇଛି। ସେହିପରି ବିଶିଷ୍ଟ ଭାଷାବିତ୍ ଡ. ପ୍ରଫୁଲ୍ଲ ତ୍ରିପାଠୀ ଓ ହଳଧର ନାଗ ‘କୋଶଳି -ସମ୍ବଲପୁରୀ ଭାଷା’ ସମ୍ମାନରେ ସମ୍ମାନିତ ହେବେ। ଏହି ୪ ଜଣ ଓଡ଼ିଆ ସାହିତ୍ୟିକଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ଡ. ଦାସ ବିଶେଷ କରି ଓଡ଼ିଆ ସାହିତ୍ୟରେ ଜଣେ ବିଶିଷ୍ଟ ପ୍ରାବନ୍ଧିକ ଭାବେ ଜଣାଶୁଣା। ସାହିତ୍ୟର ବିଭିନ୍ନ ଦିଗ ଓ ବିଷୟ ଉପରେ ଗବେଷଣାତ୍ମକ ପ୍ରବନ୍ଧମାନ ଲେଖି ସେ ଓଡ଼ିଆ ପାଠକମାନଙ୍କ ପାଖରେ ପରିଚୟ ସୃଷ୍ଟି କରିଛନ୍ତି। ଦୀର୍ଘ ଦିନ ଧରି ସେ ଅଧ୍ୟାପନା କ୍ଷେତ୍ରରେ କାର୍ଯ୍ୟ କରି ଆସୁଛନ୍ତି। ତାଙ୍କର ଲୋକପ୍ରିୟ ପୁସ୍ତକଗୁଡ଼ିକ ମଧ୍ୟରେ ‘କବିସୂର୍ଯ୍ୟ କାବ୍ୟବିଭା’, ‘ମୃତ୍ୟୁଲୋକରେ ଋତୁ ସପ୍ତମ’, ‘କାବ୍ୟ ସମ୍ବାଦ’, ‘ଓଡ଼ିଆ ସାହିତ୍ୟ ଚିନ୍ତା’, ‘ଐତିହ୍ୟ ଓ ଆଧୁନିକତା’, ‘ବିଦଗ୍ଧ ମାନସ’, ‘ବିବିଧ ପ୍ରସ୍ତାବ’, ‘ସାହିତ୍ୟ ବିବେକ’, ‘ଆଧୁନିକ କାବ୍ୟଜିଜ୍ଞାସା-ଚିତ୍ରକଳ୍ପ’ ଇତ୍ୟାଦ ରହିଛି। ପୁରସ୍କାର ସ୍ୱରୂପ ପ୍ରଫେସର୍ ଦାସ ଏକ ଲକ୍ଷ ଟଙ୍କା, ମାନପତ୍ର ଓ ସ୍ମୃତି ଫଳକ ପାଇବେ। ଆସନ୍ତା ଜାନୁଆରୀ ୨୯ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ସାହିତ୍ୟ ଅକାଦେମିର ସ୍ୱତନ୍ତ୍ର ଉତ୍ସବରେ ଏହି ପ୍ରତିଭାମାନଙ୍କୁ ସମ୍ମାନିତ କରାଯିବ। ଚଳିତ ବର୍ଷ ପ୍ରଥମ ଥର ପାଇଁ ଭାଷା କ୍ଷେତ୍ରରେ କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାର ପ୍ରଦାନ କରାଯାଉଛି। ଏଥିରେ କୋଶଳୀ ସାହିତ୍ୟକ୍ଷେତ୍ରରେ ମଧ୍ୟ ଭାଷା ପୁରସ୍କାର ଘୋଷଣା କରାଯାଇଛି। ଯାହାକି ଓଡ଼ିଶା ତଥା କୋଶଳୀ ସାହିତ୍ୟରେ ଲେଖାଲେଖି କରୁଥିବା ଓ ଗବେଷଣା କରୁଥିବା ଲେଖକଙ୍କ ପାଇଁ ଏକ ସୁଖବର। ‘ସାହିତ୍ୟ ଅକାଦେମି ଭାଷା ସମ୍ମାନ’ ପାଇଁ ବିଶିଷ୍ଟ ଭାଷାବିତ୍ ତଥା ଗବେଷକ ପ୍ରଫେସର୍ ଡ. ଗଗନେନ୍ଦ୍ର ଦାଶଙ୍କୁ ଚୟନ କରାଯାଇଛି। ପୁରସ୍କାର ସ୍ୱରୂପ ପ୍ରଫେସର୍ ଦାଶ ଏକ ଲକ୍ଷ ଟଙ୍କା ଅର୍ଥରାଶି, ମାନପତ୍ର ଓ ସ୍ମୃତି ଫଳକ ପାଇବେ। ବିଶିଷ୍ଟ ଭାଷାବିତ୍ ପ୍ରଫୁଲ୍ଲ ତ୍ରିପାଠୀ ଓ ହଳଧର ନାଗ ‘କୋଶଳି -ସମ୍ବଲପୁରୀ ଭାଷା’ ସମ୍ମାନରେ ସମ୍ମାନିତ ହେବେ। ପୁରସ୍କାର ସ୍ୱରୂପ ଉଭୟ ଶ୍ରୀ ତ୍ରିପାଠୀ ଓ ଶ୍ରୀ ନାଗ ୫୦ହଜାର ଟଙ୍କା ଲେଖାଏଁ ଅର୍ଥରାଶି, ମାନପତ୍ର ଓ ସ୍ମୃତି ଫଳକ ପାଇବେ।

# ୫୦ ଷ୍ଟେସନରେ ଲାଗିବି ସିସିଟିଭି



**ଭୁବନେଶ୍ୱର :** ଟ୍ରେନ ଓ ରେଳଷ୍ଟେସନରେ ହେଉଥିବା ଚୋରି, ଲୁଟ ଭଳି ଅପରାଧକୁ ରୋକିବା ସହ ଅପରାଧୀଙ୍କ ଉପରେ ନଜର ରଖିବା ଲାଗି ଗୁରୁତ୍ୱପୂର୍ଣ୍ଣ ଟ୍ରେନରେ ସିସିଟିଭି ଲଗାଯିବ। ଏଥିସହିତ ନିଶା କାରବାର ଓ ମାନବ ଚାଲାଣ ରୋକିବା ଏବଂ ଯାତ୍ରୀଙ୍କ ସୁରକ୍ଷା ଲାଗି ସ୍ୱତନ୍ତ୍ର କମିଟି ଗଠନ କରାଯିବ। ପୋଲିସ ଡିଜି ଡାକ୍ତର ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରେଳସୁରକ୍ଷା ନେଇ ଉଚ୍ଚସ୍ତରୀୟ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଭୁବନେଶ୍ୱର କ୍ୟାମ୍ପ ଅଫିସରେ ରେଳସୁରକ୍ଷା ନେଇ ପୋଲିସ ଡିଜି ଡାକ୍ତର ଶର୍ମାଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଦ୍ୱାରା ଗଠିତ ରାଜ୍ୟସ୍ତରୀୟ ସୁରକ୍ଷା କମିଟି, ଆରପିଏଫ ଓ ଗୁଇନ୍ଦା ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକରେ ରେଳ ସୁରକ୍ଷା ନେଇ ଆରପିଏଫ, ଓଡ଼ିଶା ପୁଲିସ ମିଳିତ ଭାବେ ସମନ୍ୱୟ ରକ୍ଷା କରି କାମ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ବିଶେଷ କରି ଯାତ୍ରୀଙ୍କ ସୁରକ୍ଷା ଉପରେ ଆଲୋଚନା ହୋଇଥିଲା। ଅନେକ ଷ୍ଟେସନରେ ଯାତ୍ରୀମାନେ ଲୁଟେରାଙ୍କ ଶିକାର ହେଉଛନ୍ତି। ଏଥିସହିତ ବିଭିନ୍ନ ପ୍ରକାର ଅପରାଧିକ କାର୍ଯ୍ୟ ମଧ୍ୟ ହେଉଥିବା ଅଭିଯୋଗ ହେଉଛି। ଏହା ଉପରେ ନଜର ରଖିବା ସହ ଷ୍ଟେସନର ସୁରକ୍ଷା ଲାଗି ଅଧିକ ସିସିଟିଭି ଲଗାଇବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ଗୁରୁତ୍ୱପୂର୍ଣ୍ଣ ଟ୍ରେନ ଯଥା ରାଜଧାନୀ ଏକ୍ସପ୍ରେସ, ଦୂରନ୍ତ ଏକ୍ସପ୍ରେସ, ପୁରୁଷୋତ୍ତମ ଏକ୍ସପ୍ରେସ ଓ ପ୍ରଶାନ୍ତି ଏକ୍ସପ୍ରେସ ଭଳି ଟ୍ରେନରେ ସିସିଟିଭି ଲଗାଇବାକୁ ପରାମର୍ଶ ଦିଆଯାଇଛି। ରାଜ୍ୟରେ ଛୋଟବଡ ମିଶାଇ ମୋଟ ୩ଶହଟି ଷ୍ଟେସନ ରହିଛି। ସେଥି ମଧ୍ୟରୁ ପ୍ରମୁଖ ୯ଟି ଷ୍ଟେସନରେ ସିସିଟିଭ ଲାଗିଛି। ଦୁଇଟି ଷ୍ଟେସନରେ ବ୍ୟାଗେଜ ସ୍କାନର ରହିଛି। ଆସନ୍ତା ବର୍ଷକ ମଧ୍ୟରେ ଅନ୍ୟ ପ୍ରମୁଖ ୩୫ଟି ଷ୍ଟେସନରେ ସିସିଟିଭି କାର୍ଯ୍ୟକ୍ଷମ କରାଯିବାକୁ ପ୍ରସ୍ତାବ ରହିଛି। ସେହିପରି ପ୍ରମୁଖ ଷ୍ଟେସନରେ ବ୍ୟାଗେଜ ସ୍କାନର ଲଗାଯିବ। ଆସନ୍ତା ସପ୍ତାହରେ ରାଉରକେଲା ଷ୍ଟେସନରେ ବ୍ୟାଗେଜ ସ୍କାନର ଲଗାଯିବ। ସେହିପରି ନିଶା କାରବାର ଓ ମାନବ ଚାଲାଣ ରୋକିବା ଲାଗି ରେଳବାଇ ଓ ଆରପିଏଫ ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର କମିଟି ଗଠନ କରାଯିବ। ଏହି କମିଟି ରାଉରକେଲା ଓ କଟକ ଏସପିଙ୍କ ଅଧୀନରେ ରହିବ। ଏଥିସହିତ ଅପରାଧ ପ୍ରବଣ ଅଞ୍ଚଳରେ ରେଳୱେ ଗାର୍ଡ ମୁତୟନ କରାଯିବ। ସେମାନଙ୍କୁ ସିୟୁଜି ମୋବାଇଲ ସହ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ସେହିପରି ରାଜ୍ୟରେ ମାଓ ଉପଦ୍ରବ ଅଞ୍ଚଳରେ ଅନେକ ସମୟରେ ମାଓବାଦୀମାନେ ରେଳଲାଇନ ଉଡାଇ ଦେଉଛନ୍ତି। ଫଳରେ ରେଳ ବିଭାଗକୁ ଅନେକ କ୍ଷତି ସହିବାକୁ ପଡୁଛି। ଉକ୍ତ ଅଞ୍ଚଳରେ ମିଳିତ ପାଟ୍ରୋଲିଂ କରାଯିବ। ସେହିପରି ରାଜ୍ୟରେ ଅନେକ ରେଳବାଇ ଥାନାର ଉପଯୁକ୍ତ ଭିତ୍ତିଭୂମି ନାହିଁ। ତେଣୁ ରେଳବାଇ ଥାନାର ରୂପରେଖ ବଦଳାଇବା ସହ ପୋଲିସ ଅଧିକାରୀଙ୍କ ବାସଗୃହର ଉନ୍ନତିକରଣ ଲାଗି ନିଷ୍ପତ୍ତି ନିଆଯାଇଛି। ରେଳ ଦୁର୍ଘଟଣା ବେଳେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଯାତ୍ରୀଙ୍କ ସୁରକ୍ଷା ଲାଗି ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। ଏହି କମିଟିରେ ଜିଆରପି, ଆରପିଏଫ, ଓଡ୍ରାଫ, ଅଗ୍ନିଶମ ଓ ସ୍ଥାନୀୟ ପୋଲିସ ଅଧିକାରୀ ରହିଛନ୍ତି। କୌଣସି ଦୁର୍ଘଟଣାଜନିତ ଖବର ଆସିଲେ ଟିମ ତୁରନ୍ତ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବେ। ସେହିପରି ଟୋଲ ଫ୍ରି ନମ୍ବର ୧୮୨କୁ ରେଳବାଇ ପୋଲିସ କଣ୍ଟ୍ରୋଲରୁମକୁ ସଂଯୋଗ କରାଯିବାକୁ ନିଷ୍ପତ୍ତି ହୋଇଛି।







PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455





PLOT FOR SALE@BHUBANESWAR
Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455

30ft Internal Road
Mouza : Pandiapada
Contact Immediately :
8658607286 / 8917571455


Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି